


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-103 ◆THURSDAY ◆9 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୦୩ ◆ଗୁରୁବାର ◆୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ପୁଲିସ ଚାକିରି ବିକ୍ରି**

# କାଠଗଡ଼ାରେ ଓପିଆର୍‌ବି

## ଟେଣ୍ଡରର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ

■ **ଭୁବନେଶ୍ୱର, ୮।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି । ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରା ପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼ର୍ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି । ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି । ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା । ମାତ୍ର ଆଇଟିଆଇ ପୁରା ପରୀକ୍ଷା

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ

### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିଥିବାବେଳେ କାହିଁକି ଓପିଆର୍‌ବି ନିରବ ରହିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେଚାକିରି ବିକ୍ରି ପାଇଁ ମୂଳରୁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି । ପରୀକ୍ଷା ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଓପିଆର୍‌ବି ଅଧିକାରୀମାନେ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଆଖିମୁଦି ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ଓପିଆରବି ଦେଇଥିବା ଟେଣ୍ଡରର ସର୍ତ୍ତ ଅନୁସାରେ ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରିବ । ମାତ୍ର କମ୍ପାନୀ ଏଥିପାଇଁ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନେଇପାରିବ । ଅର୍ଥାତ୍ କେବଳ ପରୀକ୍ଷା ସମୟରେ ନିରୀକ୍ଷକ ଭାବରେ ଅନ୍ୟ କମ୍ପାନୀ ବା ସଂସ୍ଥାର ଲୋକଙ୍କୁ ନିୟୋଜିତ କରିପାରିବ । ଯଦି ଅନ୍ୟ କୌଣସି କମ୍ପାନୀକୁ ଆଇଟିଆଇ ସବ୍-କଣ୍ଟ୍ରାକ୍ଟ ପ୍ରଦାନ କରେ, ତେବେ ସେ ସମ୍ପର୍କରେ ଓପିଆର୍‌ବିକୁ ଲିଖିତ ଭାବେ ଅବଗତ କରିବାକୁ ଏଥିରେ ସର୍ତ୍ତ ରହିଥିଲା । ତେଣୁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ପଞ୍ଚସଫ୍ଟ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦିଆଯିବା ସମ୍ପର୍କରେ ନିଶ୍ଚିତ ଆଇଟିଆଇ କର୍ତ୍ତୃପକ୍ଷ ଓପିଆର୍‌ବିକୁ ଅବଗତ କରିଥିବେ । ମାତ୍ର ▶ପୃଷ୍ଠା-୭

**ମିଆଁମାର ସେନାର ବର୍ବରତା**

# ବୌଦ୍ଧ ମହୋତ୍ସବରେ ବୋମାମାଡ଼

## ୪୭ ମୃତ, ୮୦ ଆହତ



■ **ନେପିଡୋ, ୮।୧୦ (ସମିସ):** ମ୍ୟାନମାରରେ ବୌଦ୍ଧ ମହୋତ୍ସବ ପାଳନ ବେଳେ ଏକ ବଡ଼ଧରଣର ଅଘଟଣ ଘଟିଛି । ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍‌ଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକ ଏକାଠି ହୋଇଥିବା ବେଳେ ସେନାର ବୋମାମାଡ଼ରେ ୪୭ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏହି ଉତ୍ସବ ପାଳନ ବେଳେ ସୋମବାର ସନ୍ଧ୍ୟାରେ ସମବେତ ଜନତା ଶାସନାଧିନ ମିଲିଟାରୀ ଜୁଣ୍ଟା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ । ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି ।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା । ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା । ଫଳରେ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇ ଯାଇଥିଲେ । ନହେଲ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି କୁହାଯାଇଛି । ବୋମାମାଡ଼ ପରେ ଅଞ୍ଚଳରେ ଖଣ୍ଡିବିଖଣ୍ଡିତ ଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ମୃତଦେହଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି । ମୃତ୍ୟୁସଂଖ୍ୟ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ତେବେ ଜୁନଟା ତରଫରୁ ଏହି ବୋମା ମାଡ଼ ସଂକ୍ରାନ୍ତରେ କିଛି କୁହାଯାଇନାହିଁ । ଉଲ୍ଲେଖଥାଉ କି, ୨୦୨୧ ▶ପୃଷ୍ଠା-୭

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା

## ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



■ **ଭୁବନେଶ୍ୱର, ୮।୧୦ (ସମିସ):** ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି । ଅରାଜକତା ସୀମା ଅତିକ୍ରମ କରିଛି । କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି । ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି । କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି । ସହରରେ କର୍ଫ୍ୟୁ ଜାରି କରାଯାଇଛି । ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି । ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ନିକଟରେ ରାଜ୍ୟରେ ଘଟିଥିବା ବିଭିନ୍ନ ଅପରାଧଗୁଡ଼ିକ ସମ୍ପର୍କରେ ପୁଲିସ ଡ଼ିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକରେ ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୭

**ନୂଆପଡ଼ା ଲଢ଼େଇ**

# ନବୀନ ଗଢ଼ିଲେ କମିଟି

**ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା**

**ଜୋନାଲ କମିଟିରେ ୧୦, ଆହ୍ୱାନ କମିଟିରେ ୩**

■ **ଭୁବନେଶ୍ୱର, ୮।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି । ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆହ୍ୱାନ କମିଟିରେ ସ୍ଥାନୀତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି ।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି । ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି । ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହିପରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ଲୋକାଲ ଆହ୍ୱନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି । ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି ।

**ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ମାଡ଼ର ପ୍ରଭାବ**

# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

■ **ନୂଆଦିଲ୍ଲୀ,୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଚ୍‌୧-ବି ଭିସା ବୋମାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି । ଖାସ୍ କରି ଭାରତୀୟ ବିବାହ ବଜାର ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ । ଦୀର୍ଘ ବର୍ଷ ଧରି ଭାରତରେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ବରଙ୍କ କ୍ରେଜ୍ କାହିଁ କେତେ ଉପରେ ରହିଥିବା ବେଳେ ଟ୍ରମ୍ପ୍‌ଙ୍କ ଏହି ପରିବର୍ତ୍ତିତ ଭିସା ନୀତି ଏବଂ ଆବେଦନକାରୀଙ୍କ ପାଇଁ ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ବୃଦ୍ଧି ପରେ ଆମେରିକାରେ କାମ କରୁଥିବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ ପ୍ରକାଶ ପାଇଛି ।

ରିପୋର୍ଟ ଅନୁଯାୟୀ, ଆମେରିକାରେ ଥିବା ଭାରତୀୟ କର୍ମଜୀବୀମାନଙ୍କର ଚାକିରି ସ୍ଥିତିରେ ଅନିଶ୍ଚିତତା ଓ ବିପଦ ଦୃଷ୍ଟିରୁ ଏନ୍‌ଆର୍‌ଆଇ ଜୀବନସାଥୀ ଖୋଜୁଥିବା ପରିବାରଗୁଡ଼ିକର ଆଶା ଟ୍ରମ୍ପ୍‌ଙ୍କ ଏପରି ନୀତିରେ ଧୂଳିସାତ ହୋଇଛି । ବର୍ତ୍ତମାନ ସେମାନେ ଝିଅ ପାଇଁ ଏନ୍‌ଆର୍‌ଆଇ ବର ଖୋଜିବା ଯୋଜନା ବିଷୟରେ ପୁନର୍ବିଚାର କରୁଛନ୍ତି । ସମ୍ପ୍ରତି ଆମେରିକା ହେଉଛି ପ୍ରାୟ ୨.୧ ନିୟୁତ ପ୍ରବାସୀ ଭାରତୀୟଙ୍କ ଘର, ଯାହାକୁ ଭାରତରେ ଆଦର୍ଶ ବିବାହ ସମ୍ଭାବନା ଭାବରେ ବିବେଚନା କରାଯାଉଛି । କିନ୍ତୁ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବା ଏବଂ ହଜାର ହଜାର କୁଶଳୀ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଏଚ୍‌୧-ବି ଭିସା କାର୍ଯ୍ୟକ୍ରମର ପୁନରୁଦ୍ଧାର ପଦକ୍ଷେପ ▶ପୃଷ୍ଠା-୭


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

**ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ**

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

**ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ**

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ,
ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
**ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in



Hero VIDA



VIDA EVOOTER
VX2
BADALTE INDIA KA SCOOTER
STARTING@JUST ₹84,990*
(EXCLUDING STATE SUBSIDY)
WITH BaaS@JUST ₹44,990*
& PER km COST ₹1.24
*T&C Apply

SANJIB AUTOBIKES | Near Z1 Estate, Patia, Contact: +91 9348272036

# ରଶ୍ମିକା-ବିଜୟଙ୍କ ନିର୍ବନ୍ଧ ହୋଇଗଲା!

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଯୋଡ଼ି ଭାବେ ଜଣାଯାନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ଏହି ଯୋଡ଼ିଙ୍କର ନିକଟରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଚର୍ଚ୍ଚା ହେଉଛି । ଖୁବ୍‌ଶୀଘ୍ର ସେମାନେ ନିର୍ବନ୍ଧ କଥା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ରଶ୍ମିକା ଓ ବିଜୟ ଆସନ୍ତା ଫେବୃଆରୀ ମାସରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି । ତେବେ ଏହି ନିର୍ବନ୍ଧ ସମୟରେ କେବଳ ଉଭୟଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା କଥା କୁହାଯାଉଛି । ଯଦିଓ ଅନେକ ଦିନରୁ ଉଭୟଙ୍କ ଡେଟିଂ କଥା ସାମ୍ନାକୁ ଆସିଛି କିନ୍ତୁ ଏନେଇ ଦୁହେଁ ଏଯାବତ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । ସାଧାରଣତଃ ସେଲିବ୍ରିଟିଙ୍କ ନିର୍ବନ୍ଧ ବେଳର ଫଟୋ ଓ ଭିଡିଓଗୁଡ଼ିକ ଭାଇରାଲ ହେଉଥିବାବେଳେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ଏଯାବତ୍ ଗୁପ୍ତ ରଖାଯାଇଛି । ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦର୍ଶକେ ଏବେ ସେମାନଙ୍କର ନିର୍ବନ୍ଧ ସମୟର ଫଟୋ ଓ ଭିଡିଓକୁ ଅପେକ୍ଷା କରିଛନ୍ତି । 'ଗୀତା ଗୋବିନ୍ଦମ୍' ଫିଲ୍ମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଚର୍ଚ୍ଚା ହୁଏ ।



# ବିଶ୍ୱ ଡାକ ଦିବସ



ଆଜି ବିଶ୍ୱ ଡାକ ଦିବସ । ଅକ୍ଟୋବର ୯ କୁ ସମଗ୍ର ବିଶ୍ୱରେ ଡାକ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିନଟି ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଡାକ ସେବା ଏବଂ ଡାକ ବିଭାଗ ବିଷୟରେ ଲୋକଙ୍କୁ ଅବଗତ କରାଇବା । ୧୮୭୪ ମସିହା ଆଜିର ଦିନରେ ୨୨ଟି ଦେଶ ସ୍ୱିଜରଲ୍ୟାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହାପରେ ଜାପାନର ଟୋକିଓରେ ୧୯୬୯ରେ ଅନୁଷ୍ଠିତ 'ୟୁନିଭର୍ସାଲ୍ ପୋଷ୍ଟାଲ୍ ୟୁନିଅନ୍'ର ଅଧିବେଶନରେ, ଅକ୍ଟୋବର ୯ କୁ 'ବିଶ୍ୱ ଡାକ ଦିବସ' ରୂପେ ପାଳିବା ପାଇଁ ଭାରତୀୟ ପ୍ରତିନିଧି ଆନନ୍ଦ ମୋହନ ନରୁଲା ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା ଏବଂ ତାହା ପରଠାରୁ ଏହି ଦିବସ ପାଳିତ ହେଉଛି । ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ । ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଟିକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି । ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା । ଆଜିବି ପ୍ରାଇଭେଟ୍ କୋରିଅର କମ୍ପାନିଗୁଡ଼ିକ ଯେଉଁ ସ୍ଥାନକୁ ପହଞ୍ଚି ପାରୁନାହାନ୍ତି ଡାକ ବିଭାଗ ସେଠାରେ ପହଞ୍ଚିଛି । ଯୋଗାଯୋଗର ଏହି ପୁରୁଣା ଉତ୍ସକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି । ୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଯିଏକି, ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନର ସଦସ୍ୟ ହୋଇଥିଲା । ୧୮୫୪ ଅକ୍ଟୋବର ୧ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ । ବିଶ୍ୱର ସର୍ବାଧିକ ଡାକଘର ଆମ ଦେଶରେ ଅଛି । କୋଲକାତାରେ ଭାରତର ପ୍ରଥମ ଡାକଘର ସ୍ଥାପିତ ହୋଇଥିଲା । ବିଶ୍ୱର ସର୍ବାଧିକ ଉଚ୍ଚତାରେ ଥିବା ଡାକଘର ହେଉଛି ହିମାଚଳ ପ୍ରଦେଶ ଅନ୍ତର୍ଗତ ହିକିମ ଡାକଘର । ସ୍ମାର୍ଟ ଫୋନ୍, ଇଣ୍ଟରନେଟ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି । ହେଲେ ଆଜି ବି ଯେଉଁଠି ଇଣ୍ଟରନେଟ୍ କିମ୍ବା ଫୋନ୍‌ର ମେସେଜ ପହଞ୍ଚି ପାରେନି ସେଠାରେ ପହଞ୍ଚିଯାଉଛି ଡାକ ସେବା । ଗ୍ରାମାଞ୍ଚଳରେ ସବୁଠି ବ୍ୟାଙ୍କ ନାହିଁ କିନ୍ତୁ ପୋଷ୍ଟ ଅଫିସ ଥିବା ନିଶ୍ଚିତ । ଏହାଛଡ଼ା ଲୋକଙ୍କ ଆବଶ୍ୟକତାକୁ ଆଖିରେ ରଖି ଏବେ ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ବିଭିନ୍ନ ସ୍କିମ୍‌ରେ ଟଙ୍କା ରଖି ଭଲ ରିଟର୍ଣ୍ଣ ପାଉଛନ୍ତି ଲୋକେ । ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ । ଏହି ଦିନ ସମଗ୍ର ବିଶ୍ୱରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

## ଆଜିର ଇତିହାସ


- ୧୯୨୦ - ଆଲିଗଡ଼ର ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା ।
- ୧୯୫୪- ଆଫ୍ରିକୀୟ ଦେଶ ଆଲ୍‌ଜେରିଆରେ ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୧- ଜାପାନ ବାହାରେ ପ୍ରଥମ ଥର ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ ସୁମୋ ରେସଲିଂ ପ୍ରତିଯୋଗିତା ଆୟୋଜନ କରାଗଲା ।
- ୨୦୦୫- ୟୁରୋପୀୟ ଉପଗ୍ରହ 'କ୍ରାୟୋସେଟ୍' ପ୍ରକ୍ଷେପଣ ବିଫଳ ହେଲା ।
- ୨୦୦୬- ଗୁଗଲ୍ ୟୁଟ୍ୟୁବ୍ ଅଧିଗ୍ରହଣ କଥା ଘୋଷଣା କଲା ।

# ଶୋଇ ଶୋଇ ଲକ୍ଷପତି




ଡିଜିଟାଲ ଯୁଗରେ ଲୋକେ ଅର୍ଥ ଉପାର୍ଜନ ପାଇଁ ଅଜବ ଉପାୟ ସବୁ ଆପଣାଉଛନ୍ତି । ସୋସିଆଲ ମିଡିଆରେ ଭଳିକି ଭଳି କଣ୍ଟେଣ୍ଟ ପ୍ରସ୍ତୁତ କରି ଏଥିରୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଏହି କ୍ରମରେ ଜଣେ ମହିଳା ଶୋଇ ଶୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ଡେବୋରା ପିକ୍ସୋଟୋ ନାମ୍ନୀ ଏହି ୩୨ ବର୍ଷିୟା ମହିଳା ବ୍ରାଜିଲରେ ରୁହନ୍ତି । ତେବେ ଲୋକେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ଦେଖିବା ପାଇଁ ଟଙ୍କା ଦେଇଥାନ୍ତି । ଡେବୋରା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର । ତେବେ ତାଙ୍କୁ ଲୋକେ ଲାଇଭ୍ ଷ୍ଟ୍ରିମିଂରେ ଶୋଉଥିବାର ଦେଖନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଡେବୋରାଙ୍କୁ ଶୋଇବାବେଳେ ଦେଖିବା ପାଇଁ ଲୋକେ ଟଙ୍କା ମଧ୍ୟ ଦେଇଥାନ୍ତି । ତେବେ ସେ ଏହି ଲାଇଭ୍ ଷ୍ଟ୍ରିମିଂର ନାମ 'ନାଇଟ୍ ଟାଇମ୍ ରିୟାଲିଟି ଶୋ' ରଖିଛନ୍ତି । ଏଥିରେ ପ୍ରତିଦିନ ତାଙ୍କୁ ୪୦ ଜଣ ଲୋକ ଶୋଇବାର ଦେଖନ୍ତି । ସେହିପରି ତାଙ୍କୁ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ରାତି ଦେଖିବା ପାଇଁ ଡେବୋରା ଭାରତୀୟ ମୁଦ୍ରାରେ ୯,୫୦୦ ଟଙ୍କା ଚାର୍ଜ କରିଥାନ୍ତି । ଏହିପରି ଭାବେ ସେ ଶୋଇ ଶୋଇ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ଆରମ୍ଭରୁ ଡେବୋରାଙ୍କୁ ଏପରି ଲାଇଭ୍ ଷ୍ଟ୍ରିମିଂ କରିବାକୁ ଟିକେ ଅଜବ ଲାଗୁଥିଲା । ସେହିପରି ତାଙ୍କୁ ଅଧିକାଂଶ ପୁରୁଷ ଲାଇଭ୍ ଷ୍ଟ୍ରିମିଂରେ ଦେଖିବାକୁ ପସନ୍ଦ କରନ୍ତି । ତେବେ ଏଥିପାଇଁ ଡେବୋରା ବେଶୀ କିଛି କରନ୍ତିନି ସେ ନିଜ କୋଠରୀକୁ ସୁନ୍ଦର ଭାବେ ସଜାଇଛନ୍ତି । କୋଠରୀରେ ଲାଇଟ୍ ଓ କ୍ୟାମେରା ବ୍ୟବସ୍ଥା ସେ କରିଛନ୍ତି । ସେହିପରି ଏହି ଲାଇଭ ଷ୍ଟ୍ରିମିଂରେ କୌଣସି ପ୍ରକାର କଟ୍ ନ ଥାଏ । ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଡେବୋରାଙ୍କୁ ସତରେ ଦେଖିବା ପରି ଅନୁଭୂତି ନେଇଥାନ୍ତି । କୋଠରୀକୁ ଏପରି ଡିଜାଇନ୍ କରାଯାଇଛି ଯାହାକୁ ଦେଖି ଲୋକେ ଭାବିବେ ସେ ଡେବୋରାଙ୍କୁ ସତସତିକା ଘରେ ବସି ପାଖରୁ ଦେଖୁଛନ୍ତି । ତେବେ ୪୦ରୁ ଅଧିକ ଲୋକ ତାଙ୍କର ସବ୍‌ସ୍କ୍ରିପସନ୍ ନେଇଛନ୍ତି । ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ଏକ ଧଳା ରଙ୍ଗର ବେଡ୍‌ସିଟ୍ ଘୋଡ଼ାଇ ହୋଇ ଶୋଇଥିବାର ଦେଖିବାକୁ ମିଳିଥିଲେ ।

# ମେକ୍‌ଅପ୍ ନ କରିବା ପାଇଁ ଟାଟୁ



ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ମହିଳାମାନେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ଯଦି ମେକ୍‌ଅପ୍ ମାପଚୁପରେ କରା ନ ଯାଏ ତାହେଲେ ଏଥିପାଇଁ ଜଣେ ସମାଲୋଚନାର ମଧ୍ୟ ଶିକାର ହୋଇଥାନ୍ତି । ବିଶେଷକରି ମହିଳାମାନେ ପାର୍ଟି, ଫଙ୍କସନ୍‌ଗୁଡ଼ିକୁ ଯିବା ସମୟରେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ହେଲେ ଏବେ ଜଣେ ମହିଳା ବାରମ୍ବାର ମେକ୍‌ଅପ୍ ନ କରିବା ପାଇଁ ଏକ ନିଆରା ଉପାୟକୁ ଆପଣାଇଛନ୍ତି । ସାଧାରଣତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବା କ୍ରେଜ୍ ବଢ଼ିଥିବାବେଳେ ମହିଳା ଜଣକ ନିଜ ମୁହଁରେ ସବୁଦିନ ପାଇଁ ସ୍ଥାୟୀ ମେକଅପ୍ ତଥା ପରମାନେଣ୍ଟ ମେକ୍‌ଅପ୍ ଟାଟୁ କରିଛନ୍ତି । ମହିଳାଙ୍କ ଏଭଳି ଚିନ୍ତାଧାରାକୁ ନେଇ ଏବେ ସବୁଠି ଚର୍ଚ୍ଚା । ମହିଳାଙ୍କ ଟାଟୁ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଏଶ୍‌ରୟାଲ-ସାଲୋନ-ହୋସିଆରପୁର ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା । ଏଥିରେ ଜଣେ ଟାଟୁ ଆର୍ଟିଷ୍ଟ ଗୋଲାପି ରଙ୍ଗର ସ୍ୟାହିରେ ମହିଳାଙ୍କ ମୁହଁରେ ଟାଟୁ କରିଥିଲେ । କିଛି କ୍ଷଣ ମଧ୍ୟରେ ମହିଳାଙ୍କ ଗାଲରେ ଫାଉଣ୍ଡସେନ୍ ଓ ବ୍ଲସର୍ ଲଗାଇବା ପରି ଚିକ୍କଣ ଓ ଆକର୍ଷଣୀୟ ଦିଶିଥିଲା । ଏହି ଭିଡିଓରେ କେହି କେହି ମହିଳାଙ୍କ ସୃଜନଶୀଳତାକୁ ପସନ୍ଦ କରିଥିବାବେଳେ ଆଉ କେତେଜଣ ସେ ଜୋକର୍ ଭଳି ଦେଖାଯାଉଛନ୍ତି ବୋଲି କହିଛନ୍ତି ।


# ଟ୍ରେନ୍‌ରେ ଶୋଇବା ମନା



ଟ୍ରେନ୍ ଯାତ୍ରାକୁ ସୁବିଧା ଓ ସହଜଜନକ ଯାତ୍ରା କୁହାଯାଏ । ଏହି କାରଣରୁ ଆମ ଦେଶରେ ନିୟମିତ ଲକ୍ଷଲକ୍ଷ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ଜାପାନ ତା'ର ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ । ଏଠାରେ ଯେ, କେବଳ ଟ୍ରେନ୍‌ଗୁଡ଼ିକ ସଠିକ୍ ସମୟରେ ଆସେ ତାହା ନୁହେଁ, ଏଠାକାର ଯାତ୍ରୀମାନେ ମଧ୍ୟ ଅନୁଶାସନରେ ରହିବାକୁ ଓ ନିୟମ ପାଳନ କରିବା ପାଇଁ ଜଣାଯାନ୍ତି । ଏହି ଦେଶରେ ବ୍ୟସ୍ତ ଟ୍ରେନ୍ ମଧ୍ୟରେ ନିଜ ସିଟ୍‌ରେ ଶୋଇବା, ଅନ୍ୟକୁ ବସିବା ପାଇଁ ସୁଯୋଗ ନ ଦେବା ନିମନ୍ତେ ଫାଇନ୍ ଦେବାକୁ ହୋଇଥାଏ । ଜାପାନର ମେଟ୍ରୋ ଓ ବୁଲେଟ୍ ଟ୍ରେନ୍‌ଗୁଡ଼ିକ ସକାଳେ ଏବଂ ସଂଧ୍ୟାବେଳେ ବେଶ୍ ଭିଡ଼ ହୁଏ । ଏହି ସମୟରେ ଯାତ୍ରୀମାନଙ୍କୁ ସିଟ୍ ସେୟାର୍ କରିବାକୁ ପଡ଼େ । କେବଳ ସେତିକି ନୁହେଁ ଏଠାକାର ଯାତ୍ରୀମାନେ ଯଥାଶୀଘ୍ର ସ୍ଥାନ ଖାଲିକରି ଅନ୍ୟ ଯାତ୍ରୀଙ୍କୁ ବସିବା ପାଇଁ ସୁଯୋଗ ଦେଇଥାନ୍ତି । ଜଣେ ଯାତ୍ରୀ ସିଟ୍‌ରେ ଯଦି ଶୋଇଯାନ୍ତି କିମ୍ବା ଅନ୍ୟ ଯାତ୍ରୀଙ୍କୁ ସିଟ୍‌ରେ ବସିବା ପାଇଁ ସୁଯୋଗ ନ ଦିଅନ୍ତି ଏହା ଏକ ଅପରାଧ ଭାବେ ଜଣାଯାଏ । ତେବେ ପ୍ରଥମ ଥର ଏଭଳି ଭୁଲ୍ କଲେ ଜଣକୁ ଚେତାବନୀ ଦିଆଯାଇ ଛାଡ଼ି ଦିଆଯାଏ । ଲଗାତାର ଜଣେ ଯାତ୍ରୀ ଏଭଳି କରୁଥିବାର ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ସହ ଷ୍ଟେସନ୍‌ରୁ ବାହାର କରି ଦିଆଯାଏ । ଯାତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସର୍ବସାଧାରଣ ପରିବହନର ସମ୍ମାନାର୍ଥେ ଜାପାନରେ ଏଭଳି ନିୟମ କରାଯାଇଛି । ଯଦି ଜଣେ ଟ୍ରେନ୍‌ରେ ଶୋଇବ ଅନ୍ୟ ଯାତ୍ରୀମାନଙ୍କୁ ଠିଆ ହେବାକୁ ପଡ଼ିବ । ସେଥିପାଇଁ ଏଠାରେ ସକାଳେ ଓ ସଂଧ୍ୟାବେଳେ ଯାତ୍ରୀମାନେ ସିଟ୍ ସେୟାର୍ କରିଥାନ୍ତି । ଯଦ୍ୱାରା ସମସ୍ତେ ବେଶ୍ ଆରାମରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ । ଅବଶ୍ୟ ଜାପାନକୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହାକୁ ବୁଝି ନ ପାରି ଭୁଲ୍ କରି ବସନ୍ତି ।

## ଆଜି ଆସିଥିଲେ...

# ଉତ୍କଳମଣି ଗୋପବନ୍ଧୁ



"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।" ଗୋପବନ୍ଧୁ ଦାସଙ୍କ ଏହି ଦୁଇ ଧାଡ଼ି କବିତାରୁ ବାରି ହୁଏ ତାଙ୍କ ତ୍ୟାଗ ଓ ବଳିଦାନର ଗାଥା । ସେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ଆଜୀବନ ତ୍ୟାଗମନ୍ତ୍ରରେ ଦୀକ୍ଷିତ ଗୋପବନ୍ଧୁ ଦୀନ ଦରିଦ୍ରଙ୍କର ବନ୍ଧୁ ଭାବରେ ବେଶ୍ ଜଣାଶୁଣା ଥିଲେ । ଏକାଧାରରେ ସେ ଥିଲେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍ ଏବଂ ଆଇନଜ୍ଞ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା ।

ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଦୈତାରି ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଖୁବ୍ ଅଳ୍ପ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗୋପବନ୍ଧୁ ଦାସ ମାତ୍ର ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ମଧ୍ୟ ସେ ପାଠପଢ଼ା ଜାରି ରଖିଥିଲେ । ପୁରୀରୁ ମାଟ୍ରିକ୍ ପାସ୍ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ, 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କଲେ । ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ, ତାଙ୍କର ପ୍ରଥମ ପୁତ୍ର ସନ୍ତାନଟିର ଅକାଳ ମୃତ୍ୟୁ ଘଟିଥିଲା । ଏହିପରି ନାନାଦି ବାଧାବିଘ୍ନ ସତ୍ତ୍ୱେ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ୍ କଲେ ଓ କଲିକତାରେ ବିଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇ, ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ । ଇତିମଧ୍ୟରେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ୍ୟ ମୃତ୍ୟୁ ଘଟିଥିଲା । ଏପରିକି, ଯେଉଁଦିନ ସେ ବିଏଲ୍ ପାସ୍ କରିଛନ୍ତି ବୋଲି ଖବର ପାଇଥିଲେ, ସେହିଦିନ ତାଙ୍କୁ ନିଜ ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ମଧ୍ୟ ମିଳିଥିଲା । ଏତେ ସବୁ ଦୁଃଖ କିନ୍ତୁ ତାଙ୍କୁ ନିଜ କର୍ମରୁ ବିଚ୍ୟୁତ କରିପାରିନଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା । ୧୯୧୮ ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ଘଟିଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିବା ସହ ମାନବ ସେବାରେ ଲାଗି ପଡ଼ିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଗୋପବନ୍ଧୁ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ୧୯୨୧ ମସିହାରେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଜନ୍ମ ନେଇଥିଲା ଦୈନିକ ଖବରକାଗଜ 'ସମାଜ' । 'ଅବକାଶ ଚିନ୍ତା', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ପ୍ରମୁଖ ଥିଲା ତାଙ୍କର ସ୍ମରଣୀୟ କାବ୍ୟକୃତି । ୧୯୨୮ ଜୁନ୍ ୧୭ରେ ପଣ୍ଡିତ ଗୋପବନ୍ଧୁ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ଯୁବପିଢ଼ି ନିଜର ଭବିଷ୍ୟତକୁ ନେଇ ଗମ୍ଭୀର ରହିପାରନ୍ତି । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ପାରିବାରିକ ମାହୋଲ ଶାନ୍ତିପୂର୍ଣ୍ଣ ରହିବ । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

**ଏସ୍‌ଆଇ ପରୀକ୍ଷା ଜାଲିଆତି ପ୍ରସଙ୍ଗ**

# ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର,୮ ।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମୀଣ) ଙ୍କ ଅଦାଲତରେ ଆବେଦନ କରିଥିଲେ । ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ । ସେହିକ୍ରମରେ ବିଚାରପତି ସମସ୍ତ ୧୧୯ ଜଣ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିବା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ୧୧୪ଜଣ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି । ଏହି କର୍ମଚାରୀମାନେ ବସ୍ ଭଡ଼ା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ । ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସ୍‌କୁ ଉଠାଇଥିଲେ ଓ କେଉଁ ସ୍ଥାନକୁ ନେଉଥିଲେ ସେ ସମ୍ପର୍କିତ ତଥ୍ୟ ହାସଲ ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି ।

**୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ**

ପ୍ରକାଶଥାଉକି, ଚଳିତମାସ ୫ ଓ ୬ତାରିଖରେ ରାଜ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା । ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ ୨୯ ତାରିଖରେ ୩ଟି ବସ୍‌ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା । ୬ ଜଣ ବସ୍ କର୍ମଚାରୀଙ୍କ ସମେତ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା । ପରେ ପୁଲିସ ବସ୍ କର୍ମଚାରୀଙ୍କୁ ବାଦ ଦେଇ ମୋଟ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ସେପଟେ ପରୀକ୍ଷା ଜାଲିଆତି ଘଟଣାର କିଙ୍ଗପିନ୍ ବା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ତାର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କ ଟେର ପାଉନି କ୍ରାଇମବ୍ରାଞ୍ଚ ।

# ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ନିଯୁକ୍ତ

- ପୁଷ୍ପେନ୍ଦ୍ର, ଗଣେଶ୍ୱର ବରିଷ୍ଠ ସାଧାରଣ ସମ୍ପାଦକ
- ୫ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ୨ଜଣ ମହିଳା

ଭୁବନେଶ୍ୱର,୮ ।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ଭାବେ ଆଉ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରେ ଜଣେ ଉପ ସଭାପତି ଥିବାବେଳେ ୨ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଓ ୩ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି ।

ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ସେହିପରି ସାଧାରଣ ସମ୍ପାଦକ ଭାବେ ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ ଓ ମନୋଜ ମିଶ୍ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଓ ରାଜୁ ଘିବେଲାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି ।

**ବିଜେପି ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ଘଟଣା**

# ଓକିଲଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ




ବ୍ରହ୍ମପୁର/କଟକ,୮ ।୧୦(ସମିସ): ବ୍ରହ୍ମପୁର ସହରର ବିଚ୍ ରାସ୍ତାରେ ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ନେଇ ଏବେ ପଲ୍ଲୀରୁ ଦିଲ୍ଲୀ ସବୁଠି ଚର୍ଚ୍ଚା । ଶାସକ ବିଜେପି ଦଳର ଜଣେ ଆଗଧାଡିର ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୪୮ଘଣ୍ଟା ବିତିଛି । ଶେଷ ହୋଇଯାଇଛି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ମହଲତ । ବୁଧବାର ରାଜ୍ୟବ୍ୟାପୀ ଓକିଲମାନେ କଲମ ଛାଡ଼ ବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଥିଲେ । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଓ ରାଜ୍ୟରେ ତୁରନ୍ତ ଓକିଲଙ୍କ ପାଇଁ କଡ଼ା ସୁରକ୍ଷା ଆଇନ ଲାଗୁ ପାଇଁ ଆଇନଜୀବୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି ।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ପ୍ରତିବାଦ**

ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ ମାମଲାଗୁଡିକର ଶୁଣାଣି ହୋଇପାରି ନାହିଁ । ଏଥିପାଇଁ ପ୍ରାୟତଃ ସମସ୍ତ ମାମଲାର ଶୁଣାଣିକୁ ହାଇକୋର୍ଟଙ୍କ ବିଭିନ୍ନ ଖଣ୍ଡପୀଠ ଘୁଞ୍ଚାଇଥିବା ଜଣାପଡିଛି । ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଓ ଉପସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏହି ହତ୍ୟା ଘଟଣା ପ୍ରତିବାଦରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିଭଳି ରାଜ୍ୟ ବାର କାଉନସିଲ କାର୍ଯ୍ୟାଳୟରେ କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ ପତି, ମାନସ ଚାନ୍ଦ, ଅରୂପାନନ୍ଦ ଦାସ, ସୌରଚନ୍ଦ୍ର ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଭକ୍ତଭୂଷଣ ବାରିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ । ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ମୃତକ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା, ଏହାର ବିଚାର ବିଭାଗୀୟ ତଦନ୍ତ ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଜୀବୀ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଛି । କଟକରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ, ସିଭିଲ କୋର୍ଟ ବାର ଆସୋସିଏସନ ସମେତ ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ଦୁର୍ବୃତ୍ତଙ୍କ ବାଇକ ନମ୍ବର ନକଲି, ୯ ଏମ୍‌ଏମ୍ ଗୁଳି ନୁହେଁ; ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା:ଏସ୍‌ପି

ବ୍ରହ୍ମପୁର,୮ ।୧୦(ସମିସ):ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ଅନ୍ଧାରରେ ବାଡ଼ି ବୁଲାଉଥିବା ପୁଲିସ ହତ୍ୟାର ଖିଅ ପାଉନାହିଁ । ଘଟଣା ଦିନ ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟରେ ଯୋଗ ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ । ବଛା ବଛା ତଥା ଅଭିଜ୍ଞ ଅଧିକାରୀଙ୍କୁ ନେଇ ୬ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛନ୍ତି । ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରି ତଦନ୍ତ କରାଯାଇଛି । ମିଳିଥିବା ଫୁଟେଜରୁ ଆତତାୟୀମାନେ ବ୍ୟବହାର କରିଥିବା ବାଇକ୍ ନମ୍ବର ଫେକ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍‌ପି କହିଛନ୍ତି । ସେପଟେ ମୃତ ଆଇନଜୀବୀ ପୀତବାସଙ୍କ ଶରୀରରୁ ବ୍ୟବଛେଦ ବେଳେ ବାହାରିଥିବା ଗୁଳି '୯-ଏମ୍‌ଏମ୍' ନୁହେଁ ବରଂ ଏହାର ପ୍ରକାର ଓ କେଉଁଭଳି ପିସ୍ତଲ ବା ମାଉଜରରୁ ବ୍ୟବହାର କରାଯାଇଛି ସେନେଇ ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏସ୍‌ପି କହିଛନ୍ତି ।

- ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ୬ ସ୍ୱତନ୍ତ୍ର ଟିମ୍, ୫୦ରୁ ଉର୍ଦ୍ଧ୍ୱ ସିସିଟିଭିର ହେଲାଣି ଯାଞ୍ଚ
- ବାଲି ମାଫିଆ ଅଥବା ସୁଧ କାରବାର ଜନିତ ଦିଗକୁ ମଧ୍ୟ କରାଯାଇଛି ତଦନ୍ତ ପରିସରଭୁକ୍ତ

କୁମାର ପୂର୍ଣ୍ଣିମା ପାଇଁ ଛୁଟି ଥିବାବେଳେ ବୁଧବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇଥିଲା । ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ସମେତ ଗତ ମଙ୍ଗଳବାର ହାଇଦ୍ରାବାଦ୍‌ଠାରେ ଏକ ଘରୋଇ ହସ୍ପିଟାଲରେ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ କିଶୋର ମିଶ୍ରଙ୍କ ଦେହାନ୍ତକୁ ନେଇ ଯୁଗ୍ମ ଶୋକସଭାର ଆୟୋଜନ କରାଯାଇଥିଲା । ପୀତବାସ ପଣ୍ଡାଙ୍କୁ ହତ୍ୟା ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇ ଗୃହୀତ କରାଯାଇଥିଲା । ପରେ ସଂଘର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ସହରର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ । ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଆଇଜି । ପୀତବାସ ପଣ୍ଡାଙ୍କୁ ହତ୍ୟା ପଛର କାରଣକୁ ନେଇ ବିଭିନ୍ନ ଆଲୋଚନା ହେଉଛି । ବୃତ୍ତିଗତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପଟେ ଜଣେ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ପରେ କଂଗ୍ରେସ ଓ ତା'ପରେ ବିଜେପିରେ ସାମିଲ ହେବା ଏବଂ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ନିକଟତର ହୋଇ ଖୁବ୍ କମ୍ ଦିନରେ ରାଜନୀତିରେ ଚର୍ଚ୍ଚାରେ ରହିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି । ବୃତ୍ତିଗତ ଓ ରାଜନୈତିକ କାରଣକୁ ବାଦ୍ ଦେଲେ ବ୍ୟକ୍ତିଗତ ଓ ପୂର୍ବଶତ୍ରୁତା ଭଳି ଦିଗକୁ ମଧ୍ୟ ସନ୍ଦେହ ପରିସରରୁ ବାଦ୍ ଦିଆଯାଇନପାରେ । ବିଭିନ୍ନ ସମୟରେ ଯଦିଓ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ଅନ୍ୟମାନଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲେ ଏଥିପାଇଁ ମଧ୍ୟ ତାଙ୍କର ଅନେକେ ଶତ୍ରୁ ଥିଲେ । ଏସବୁ ଦିଗକୁ ଛାଡ଼ି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବାଲି, ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦର ଅସାଧୁ କାରବାରରେ ହସ୍ତକ୍ଷେପ କରି କାଳେ ପୀତବାସ ବଳିପଡ଼ିଲେ କି ବୋଲି ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି । ସେହିଭଳି କଳନ୍ତର ବା ସୁଧ କାରବାରକୁ ନେଇ ମଧ୍ୟ ଟଙ୍କା ହାତେଇବାକୁ ଅଥବା ଫେରସ୍ତ ନକରିବାକୁ ନେଇ କାଳେ ପୀତବାସ ଗୁଳିର ଶୀକାର ହେଲେ କି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ପୁଲିସ ହାତରେ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ।

**ଜାରି ରହିବ ବର୍ଷାର ପ୍ରଭାବ**

# ଅକ୍ଟୋବରରେ ହେଲାଣି ୮୦.୪ ମିମି ବର୍ଷା

ଭୁବନେଶ୍ୱର,୮ ।୧୦(ସମିସ): ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୁଧବାର ଅପରାହ୍ଣରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି । ଘଣ୍ଟାଏ ପର୍ଯ୍ୟନ୍ତ ଜନଜୀବନ ବର୍ଷାଯୋଗୁଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବିଜୁଳି ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି ।



ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବର୍ଷା ସାଙ୍ଗକୁ ୩୦-୪୦ କିଲୋମିଟର ବେଗରେ ପବନ ବହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ଆଶଙ୍କା କରାଯାଉଛି । ୧୦ ତାରିଖ ମଧ୍ୟ ସମାନ ପାଗ ରହିବ ଏବଂ ମୟୂରଭଞ୍ଜ, କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି । ଅନ୍ୟପଟେ ୧୦ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ଆଶଙ୍କା କରାଯାଉଛି ।

ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଓ ୬ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇ ଯାଇଛି । ରାଜ୍ୟରେ ମୌସୁମୀରେ ଭଲ ବର୍ଷା ହୋଇଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟ ଅର୍ଥାତ ଅକ୍ଟୋବର ମାସରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି ।

ଅକ୍ଟୋବର ମାସରେ ୧୧୨ ମିମି ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦.୪ ମିମି ବର୍ଷା ହୋଇସାରିଛି । ଗତ ମୌସୁମୀରେ ଅର୍ଥାତ ଜୁନ ୧ ତାରିଖରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧୫୦.୭ ମିମି ବର୍ଷା ରେକର୍ଡ ହୋଇଛି । ମୌସୁମୀରେ ୪ ମାସରେ ଓଡିଶା ପାଇଁ ସାଧାରଣ ବର୍ଷାର ଅନୁପାତ ୧୧୫୦.୨ ମିମି ଥିବା ବେଳେ ଏଥର ମୌସୁମୀରେ ଠିକ ବର୍ଷା ରେକର୍ଡ ହୋଇଛି ।

**ନୂଆପଡ଼ା ଉପନିର୍ବାଚନ**

## ଆଜି ବିଜେପିର କୋର୍ କମିଟି ବୈଠକ

ଭୁବନେଶ୍ୱର,୮ ।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ଇତିମଧ୍ୟରେ ବିରୋଧୀ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର ରହିଛି । ତେବେ ବିଜେପି ପକ୍ଷରୁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି ।

ଶ୍ରୀ ତୋମାରଙ୍କ ଅନୁଯାୟୀ ବିଜେପି ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ନୂଆପଡ଼ା ନିର୍ବାଚନକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ମଧ୍ୟ ମାନସ ମନ୍ଥନ କରାଯିବ । ସେହିପରି ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ଜନଜାତି ବିଧାୟକ ଓ ସାଂସଦଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ , ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ ମଧ୍ୟ ଯୋଗ ଦେବେ । ନିଜ ନିଜ ଅଞ୍ଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି ।

# କଟକ ବାଲିଯାତ୍ରାରେ ସହଭାଗୀ ହେବ ଇଣ୍ଡୋନେସିଆ

**କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଦିଆଯିବ ଆର୍ଥିକ ସହାୟତା**

ଭୁବନେଶ୍ୱର,୮ ।୧୦(ସମିସ): ଚଳିତ ବର୍ଷର ବାଲିଯାତ୍ରାକୁ ଭବ୍ୟ ଏବଂ ସ୍ମରଣୀୟ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ସାମିଲ କରାଯିବ । ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ପାଇଁ ମଧ୍ୟ ଅନୁରୋଧ କରାଯିବ । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଆଯାଇଛି ନିଷ୍ପତ୍ତି ।

ସୂଚନା ଅନୁଯାୟୀ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ(ଥିମ ପାଭିଲିୟନ) ନିର୍ମାଣ କରାଯିବ । ଯାହା ଓଡ଼ିଆ ସାହିତ୍ୟକୁ ଆହୁରି ଆଦୃତ କରିପାରିବ । ସେହିପରି ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।

ଚଳିତ ବର୍ଷ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥିଲେ । ଏହିକ୍ରମରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାୟକଙ୍କ ସମାନ ଅନୁରୋଧ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଓ କେନ୍ଦ୍ରାପଡା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ । ଅପରପକ୍ଷେ ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

## ବାଲିଯାତ୍ରା ପଡ଼ିଆ 'ନୋ ଡ୍ରୋନ୍ ଜୋନ୍'

କଟକ: ଆସନ୍ତା ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ମହୋତ୍ସବର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଉଛି । ଏହିକ୍ରମରେ ବାଲିଯାତ୍ରା ପଡ଼ିଆକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ । ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ସେହିପରି ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି । ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍‌କୁ ବି ମନା କରାଯାଇଛି । ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଉଛି ।



# ଲୋକସେବା ଭବନ ଏବେ ବିଜେପିର ଚାକିରି ବିକ୍ରୟ କେନ୍ଦ୍ର: ବିଜେଡି



- ରାଜ୍ୟବ୍ୟାପୀ ଯୁବ, ଛାତ୍ର ବିଜେଡିର 'ନ୍ୟାୟ ଆନ୍ଦୋଳନ' ଡକରା
- ସିବିଆଇ ତଦନ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ

ଭୁବନେଶ୍ୱର,୮ ।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ଘଟଣା ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ବିଜୁ ଯୁବ ଜନତା ଦଳ ସିବିଆଇ ତଦନ୍ତ ଦାବି କରିଛି । ଏହାସହ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ରଜନତା ଦଳ ରାଜ୍ୟବ୍ୟାପୀ 'ନ୍ୟାୟ ଆନ୍ଦୋଳନ' ଡକରା ଦେଇଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ ସେହି କାମରେ ବ୍ୟସ୍ତ ଅଛି । ରାଜ୍ୟ ସରକାରଙ୍କ ପ୍ରାୟୋଜନରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଓପିଆରବି କେଉଁ ନିୟମରେ ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି । ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟ କେନ୍ଦ୍ରରେ ପରିଣତ କରିଛି । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି । ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡକରା ଦେଇଛି । ବିଜେପି ପକ୍ଷରୁ ସରକାରକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଚାକିରି ଦେବା ପରିବର୍ତ୍ତେ ଏବେ ଚାକିରି ବିକ୍ରି କରାଯାଉଛି । ଓଡ଼ିଶାର ଯୁବ ଓ ଛାତ୍ର ମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି ।

**ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା**

# କ୍ରାଇମବ୍ରାଞ୍ଚ ଗିରଫଦାରି ଘଟଣାକୁ ଖଣ୍ଡନ କଲେ ଚନ୍ଦନ

ବାଲେଶ୍ୱର, ୮ ।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ସାରା ରାଜ୍ୟରେ ତନାଘନା ଚଳାଇଛି । ଏପଟେ ବାଲେଶ୍ୱରରୁ ଉକ୍ତ ଘଟଣାର ଆଜି ଟୁଇଷ୍ଟ ଦେଖିବାକୁ ମିଳିଛି । ଗତ ୬ ତାରିଖରେ ବାଲେଶ୍ୱରର ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚର ଗିରଫଦାରି ଘଟଣାକୁ ଆଜି ଖୋଦ ଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି । ସୋରରୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମ୍‌ଏଫସି କୋର୍ଟକୁ ଚାଲାଣ କରିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଦର୍ଶାଇଛନ୍ତି ।



ଉକ୍ତ ୬ ତାରିଖ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଥାନା ସନ୍ନିକଟ ବଜାର ଅଞ୍ଚଳରେ ବିଭିନ୍ନ କାମରେ ଥିଲେ । ତେବେ କ୍ରାଇମବ୍ରାଞ୍ଚ ତାଙ୍କୁ କେତେବେଳେ ତଦନ୍ତ ପରିସରକୁ ନେଲେ ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସେହିଦିନ ତାଙ୍କର ମୋବାଇଲ ହଜି ଯାଇଥିବାରୁ ସୁଇଚ ଅଫ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଗିରଫଦାରି ଖବର ପ୍ରକାଶ ପାଇବା ପରେ ସେ ତଥା ତାଙ୍କ ପରିବାର ଚକିତ ହୋଇଯାଇଥିଲେ । ଚନ୍ଦନ ମଲ୍ଲିକ ଜଣେ ସମାଜସେବୀ ଭାବେ ବାଲେଶ୍ୱରରେ ବେଶ ଜଣାଶୁଣା । ସେ ପୁଲିସ ଏସଆଇ ଚାକିରି ବିକ୍ରି ଘଟଣାରେ ଦଲାଲ କାମ ସ୍ୱପ୍ନରେ ବି ଭାବି ନାହାନ୍ତି । ଏଭଳି ତାଙ୍କ ନାଁ କ୍ରାଇମବ୍ରାଞ୍ଚର ଗିରଫଦାରି ତାଲିକାରେ ପ୍ରକାଶ ପାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ । ନ୍ୟାୟ ନ ମିଳିଲେ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ପାଇଁ ସେ ଚେତାବନୀ ଦେଇଛନ୍ତି । ଓଡିଶାରେ ତାଙ୍କୁ ଦଲାଲ ସଜେଇ ଦେଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ନିଜକୁ ଦର୍ଶାଇଥିବା ବେଳେ ଆଗକୁ ଯଦି ଏନେଇ କୌଣସି ପ୍ରମାଣ ଦେବାକୁ ପଡ଼େ ଯଥେଷ୍ଟ ପ୍ରମାଣ ଯୋଗାଇ ଦେବେ ବୋଲି ଚନ୍ଦନ ଆଜି ଗଣମାଧ୍ୟମକୁ କହିଛନ୍ତି ।






କବାଟବନ୍ଧ ଓ ଜେନାପୁର ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ



## ୨୫ ବର୍ଷ ଧରି ହେଉଛି ଗଜଲକ୍ଷ୍ମୀ ପୂଜା

ଦଶରଥପୁର, ୮।୧୦(ସମିସ): ଦଶରଥପୁର ବ୍ଲକ ଡାହାଣହତା ଗ୍ରାମରେ ୨୫ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ନିକଟସ୍ଥ ନଦୀରେ ପୂଜା ଅର୍ଚ୍ଚନା କରି କଳସରେ ପବିତ୍ର ଜଳ ସଂଗ୍ରହ କରିଥିଲେ। ପରେ ପାରମ୍ପରିକ ସଂକୀର୍ତ୍ତନ ସହିତ ହରିବୋଲ ହୁଳହୁଳିର ତାଳେ ତାଳେ ନଗର ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ପୂଜନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରତ୍ୟହ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ରାତ୍ରି କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଚଳିତ ବର୍ଷ ପୂଜା ପାଳନ ୨୫ ବର୍ଷରେ ପଦାର୍ପଣ କରିଛି। ପୂଜା କର୍ତ୍ତା ଭାବରେ ଉମାକାନ୍ତ ବେହେରା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା ପରିଚାଳନା କମିଟି ସଭାପତି କାର୍ତ୍ତିକ କୁମାର ଜେନା, ଗ୍ରାମ ଗୋବିନ୍ଦ ଜେନା, ଧ୍ରୁବେନ୍ଦ୍ର ଜେନା, ରବୀନ୍ଦ୍ର ଜେନା, ମାଗୁଣି ବେହେରା, ରଶ୍ମିରଞ୍ଜନ ଜେନା, ପଞ୍ଚାନନ ବେହେରା, ସୁରେନ୍ଦ୍ର ବେହେରା, ରବିନାରାୟଣ ବେହେରା, ଶୃତିରଞ୍ଜନ ଜେନା ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି।



## ଆମ୍ବୁଲାନ୍ସ - କାର୍ ଦୁର୍ଘଟଣାରେ ୨ ଆହତ




ଧର୍ମଶାଳା, ୮।୧୦(ସମିସ): ଧର୍ମଶାଳା ଥାନା କୋଟପୁର ଫାଣ୍ଡିସ୍ଥିତ ଗଡ଼ା ନିକଟରେ ବନ୍ଧ ତଳୁ ଉଠି ଆସୁଥିବା ଏକ କାର୍ ସହ ୧୦୮ ଆମ୍ବୁଲାନ୍ସର ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବରୀ ଅଞ୍ଚଳର ଓଡି-୦୨-ଇଜେ- ୬୭୭୨ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ବନ୍ଧଡିହରୁ ଏକ ରୋଗୀକୁ ଆଣି ଧର୍ମଶାଳା ମେଡିକାଲରେ ଛାଡ଼ି ଫେରୁଥିବା ବେଳେ କୋଟପୁର ଗଡ଼ା ନିକଟରେ ତଳୁ ବନ୍ଧ ରାସ୍ତାକୁ ଉଠୁଥିବା ଓଡି ୦୨- ସିଟି- ୨୮୯୮ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ସାମ୍ନା ପଟ କ୍ଷତି ହୋଇଥିବା ବେଳେ ୧୦୮ ଆମ୍ବୁଲାନ୍ସ ଓ କାର୍ ଚାଳକ ଦ୍ୱୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସେଠାରେ ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତାରୁ ହଟାଇବା ସହ ଉଭୟ ଗାଡିର ଡ୍ରାଇଭରଙ୍କୁ କୋଟପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ୍ୟୁ

ବ୍ରହ୍ମବରଦା, ୮।୧୦(ସମିସ): ବ୍ରହ୍ମବରଦା ଥାନା ଅର୍ନ୍ତଗତ ବ୍ରହ୍ମବରଦା କଲେଜ ନିକଟରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶଯେ ଆଜି ଦିବା ୧ ଘଟିକା ସମୟରେ ନବଘନ ବେହେରା ତାଙ୍କ ବିଲକୁ ଘାସ ଆଣିବା ପାଇଁ ଯାଉଥିବା ସମୟରେ ବିପରୀତ ଦିଗ ବାଲିଚନ୍ଦ୍ରପୁର ପଟୁ ଆସୁଥିବା ବୋଲରୋ (ପିକ୍‌ଅପ) ଗାଡ଼ି ନଂ ଓଡ଼ି୦୫ସିସି୦୯୭୯ ତାଙ୍କ ସାଇଟ ମାରିବା ଫଳରେ ନବଘନ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ମେଡ଼ିକାଲ ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ ଶରୀରକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିବା ପରେ ତାଙ୍କ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ତାଙ୍କ ବଡ଼ପୁଅ ଅମର ବେହେରା ମୁଖାଗ୍ନି ଦେଇଥିଲେ।

## ରଣପୁର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ସ୍ଥଗିତ

ବିଞ୍ଝାରପୁର, ୮।୧୦(ସମିସ): ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ରିୟଙ୍କା ଯେନାଙ୍କ ବିରୁଦ୍ଧରେ ଆଜି ହେବାକୁ ଥିବା ଅନାସ୍ଥା ଭୋଟିଂ ସ୍ଥଗିତ କରାଯାଇଛି। ଏଥିନେଇ ଯାଜପୁର ଉପଜିଲ୍ଲାପାଳ ପତ୍ର ସଂଖ୍ୟା (୧୫୧୬୫)ରେ ଅବଗତ କରିଛନ୍ତି। ସରପଞ୍ଚ ରିୟଙ୍କା ଯେନା ପଞ୍ଚାୟତର ବିକାଶ କରିବାରେ ବିଫଳ ହେବା ସହ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରୁଥିବା ଅଭିଯୋଗ ଆଣି ପଞ୍ଚାୟତର ୧୫ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଦସ୍ତଖତ ଯାଞ୍ଚ ପରେ ଆଜି ଅର୍ଥାତ ୮ ତାରିଖ ଦିନ ଅନାସ୍ଥା ପାଇଁ ଭୋଟିଂ ହେବା ନେଇ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହା ପୂର୍ବରୁ ପଞ୍ଚାୟତର ୩ନଂ ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଗତ ୧ତାରିଖ ଦିନ ବିଞ୍ଝାରପୁର ବଜାରରୁ କେହି ଅପହରଣ କରିନେଇଥିବା ଧନେଶ୍ୱରଙ୍କ ପତ୍ନୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଅନ୍ୟ ୱାର୍ଡ ସଭ୍ୟ ଓ ନାଏବ ସରପଞ୍ଚ ମଧ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ୱାର୍ଡ ସଭ୍ୟ ଧନେଶ୍ୱର ଉଦ୍ଧାର ନହେବା ପର୍ଯ୍ୟନ୍ତ ଅନାସ୍ଥା ଭୋଟିଂ ସ୍ଥଗିତ ପାଇଁ ଆବେଦନ କରିଥିଲେ। ଅନ୍ୟ ପକ୍ଷରେ ବିଞ୍ଝାରପୁର ପୁଲିସ ୱାର୍ଡ ସଭ୍ୟ ଅପହରଣ ଘଟଣାରେ ମାମଲା ରୁଜୁ କରି ଅପହରଣକାରୀଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରଖିଥିବା ବେଳେ ଅପହର୍ତ୍ତାଙ୍କୁ ଉଦ୍ଧାର ପାଇଁ ମଧ୍ୟ ଉଦ୍ୟମ କରୁଛି। ୱାର୍ଡ ସଭ୍ୟ ଅପହରଣ ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ବିଞ୍ଝାରପୁର ଥାନା ଓ ତହସିଲଦାରଙ୍କୁ ରିପୋର୍ଟ ତଲବ କରିଥିଲେ। ପୁଲିସ ଓ ତହସିଲଦାରଙ୍କ ରିପୋର୍ଟକୁ ଆଧାର କରି ଉପଜିଲ୍ଲାପାଳ ଆଜି ଏହି ଅନାସ୍ଥାକୁ ସ୍ଥଗିତ କରିଛନ୍ତି।

## 'ଭୋଟ୍‌ଚୋରି' ଦସ୍ତଖତ ଅଭିଯାନ

ଯାଜପୁର, ୮।୧୦(ସମିସ): ନୂତନଭାବେ ନିଯୁକ୍ତି ପାଇଥିବା ଯାଜପୁର ଜିଲ୍ଲାର କଂଗ୍ରେସର ସଭାପତି ମାଗୁଣି ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭୋଟ୍ ଚୋରି ପରିପ୍ରେକ୍ଷୀରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଏକ କମିଟି ଗଠନ କରାଯାଇଛି। ଜିଲ୍ଲା ସଂଯୋଜକ ଭାବେ ଦୁର୍ଯ୍ୟୋଧନ ବେହେରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୱାର ରୁମ୍ ଦାୟିତ୍ୱରେ ଉମେଶ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ ମିଶ୍ର, ଆରତି ଦେଓ ଏବଂ ଅନିଲ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବ୍ଲକ ସଂଯୋଜକ ଭାବେ ସୁକିନ୍ଦା ବ୍ଲକ ପାଇଁ ମଦନ ମୋହନ ଖୁଣ୍ଟିଆ, ଦାନଗଦି ଦୟାନିଧି ପଲାଇ, କୋରେଇ ସୁଧିର ମହାନ୍ତି, ବ୍ୟାସନଗର ପୌରପାଳିକା ପଦ୍ମନାଭ ସ୍ୱାଇଁ, ରସୁଲପୁର ମିହିର ମିଶ୍ର, ଧର୍ମଶାଳା ପ୍ରଫୁଲ୍ଲ ରାୟ, ବଡ଼ଚଣା ଚିନ୍ମୟ ପ୍ରଧାନ, ବରୀ ସନ୍ତନ କୁମାର ଜେନା, ବିଞ୍ଝାରପୁର ପ୍ରବୋଧ ଦାସ, ଦଶରଥପୁର ଶ୍ୟାମସୁନ୍ଦର କର, ଯାଜପୁର ପୌରପାଳିକା ନାରାୟଣ ଚନ୍ଦ୍ର ସାମନ୍ତ ଓ ଯାଜପୁର ବ୍ଲକ ଗଦାଧର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ବ୍ଲକ ପର୍ଯ୍ୟବେକ୍ଷକ ଭାବେ ସୁକିନ୍ଦା ଦୀପକ ବଳ, ଦାନଗଦି କିଶୋର ମଲ୍ଲିକ, କୋରେଇ ଗଣେଶ୍ୱର ଦାସ, ବ୍ୟାସନଗର ପୌରପାଳିକା ରାଇ ଚରଣ ମହାନ୍ତି, ରସୁଲପୁର ସଂଗ୍ରାମ ସାହାଣୀ, ଧର୍ମଶଳା କୁମାର ସୌରଭ, ବଡ଼ଚଣା ସମୀର କୁମାର ନାୟକ, ବରୀ ନିରୁପମା ସାହୁ, ବିଞ୍ଝାରପୁର ଅନୁପମ ମଲ୍ଲିକ, ଦଶରଥପୁର କୁମାର ଆଶୁତୋଷ, ଯାଜପୁର ପୌରପାଳିକା ପାଇଁ ସାଗର ରଞ୍ଜନ ପରିଡ଼ା ଓ ଯାଜପୁର ବ୍ଲକର ସତ୍ୟବ୍ରତ ଦାସଙ୍କୁ ନିଯୁକ୍ତି ଦିଆଯାଇଛି।

### ବ୍ୟାସନଗର କାଳୀପୂଜା ପାଇଁ ସମନ୍ୱୟ ବୈଠକ

# ୧୭ ମେଢ଼ରେ ପୂଜା ପାଇବେ ମହାକାଳୀ

ବ୍ୟାସନଗର, ୮।୧୦(ସମିସ): ବ୍ୟାସନଗରର ଗଣପର୍ବ କାଳୀପୂଜା ପାଇଁ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନସ୍ଥ ଦଳା ଛକରେ ଥିବା ବ୍ୟାସଦେବ ଟାଉନ ହଲରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷମାନଙ୍କରେ ୧୬ଟି ସ୍ଥାନରେ ମା' ପୂଜା ପାଉଥିବା ବେଳେ ଏଥର ଆଉ ଏକ ମେଢ଼ ଯୋଡି ହେବାକୁ ଯାଉଛି। ଫଳରେ ଚଳିତବର୍ଷ ୧୭ ଗୋଟି ମେଢ଼ରେ ବ୍ୟାସନଗରରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ। ଏନେଇ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଯାଜପୁରରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର, ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପାଣିକୋଇଲି ପୂର୍ତ୍ତ



ବିଭାଗର ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ କୁମାର ନାଏକ, ଯନ୍ତ୍ରୀ ମଧୁସୁଦନ ଦାସ, ଟାଟା ପାୱାରର ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାର, ପୌର ଯନ୍ତ୍ରୀ, ପୌର ସଫେଇ ଅଧିକାରୀ ମାଣିକ ରଞ୍ଜନ ନାୟକ ଏବଂ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ଯୋଗଦେଇ ପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ସଂକ୍ରାନ୍ତରେ ଏକ ମିଳିତ ଆଲୋଚନା କରିଥିଲେ। ପୂଜା ସମୟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଶାନ୍ତିକମିଟି ସମେତ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି।

ଭସାଣି ପୂର୍ବରୁ ଚୋରଦା କାଳୀ ମେଳଣ ପଡ଼ିଆରେ ସମସ୍ତ ମେଢ଼ଗୁଡିକ ମେଳଣ ନିମନ୍ତେ ଏକତ୍ରିତ ହେବା ସହ ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବା ବେଳେ

### ୨୦ରୁ ଆରମ୍ଭ ୩୧ରେ ବିସର୍ଜନ

ଏନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପୁଲିସ ପକ୍ଷରୁ ସୂଚିତ କରାଯାଇଛି। ପୂଜା ସମୟରେ ଅପରାହ୍ନ ୨ଟାରୁ ରାତି ୧୧ ପର୍ଯ୍ୟନ୍ତ ସହର ମଧ୍ୟରେ ୪ ଚକିଆ ଯାନ ପ୍ରବେଶ ନିଷେଧ କରାଯିବ। ସେହିପରି କାରଖାନା ବସ୍ ଗୁଡିକୁ ପୂଜା ସମୟରେ ସହରରେ ପ୍ରବେଶ ନିମନ୍ତେ ପ୍ରଶାସନ ବାରଣ କରିଥିବା ବେଳେ ବସ୍ ଗୁଡିକ ମିଲିଟାରୀ ଛକ ଓ ଫାୟାର ଷ୍ଟେସନ ଛକ, ଜହ୍ନା ଛକ ହୋଇ ନହକା ଛକରେ ବୁଲେଇ ପୁଣି ସେହି ରାସ୍ତାରେ କାରଖାନା ଯିବାକୁ ପ୍ରଶାସନ ରୋଡ୍ ମ୍ୟାପ କରିଛି। ପ୍ରତି ମଣ୍ଡପ ନିକଟରେ ସିସିଟିଭି ଓ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବାକୁ ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ ପ୍ରଶାସନ ପକ୍ଷରୁ ପୂଜା କମିଟିମାନଙ୍କୁ ନିବେଦନ କରାଯାଇଛି। ସେହିପରି ପୂର୍ବ ବର୍ଷ ଭଳି ପ୍ରତି ପୂଜା ମଣ୍ଡପ ନିକଟରେ ୨୦ରୁ ଅଧିକ ସୁରକ୍ଷାକର୍ମୀ ନିୟୋଜିତ କରାଯିବା ସହିତ ସହରରେ ହୋମଗାର୍ଡ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

ଏହି ବୈଠକରେ ବିଭିନ୍ନ ପୂଜା କମିଟି ତରଫରୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇ ପୂଜାମଣ୍ଡପ ନିକଟରେ ପାନୀୟ ଜଳର ବ୍ୟବସ୍ଥା, ଭସାଣି ନିମନ୍ତେ ମୋବାଇଲ ଟଏଲେଟ୍, ପୂଜା ମଣ୍ଡପ ନିକଟରେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ସଫେଇ, ଖୋଲା ଡ୍ରେନ୍ ଉପରେ ସ୍ଲାବ୍ ପକାଇବାକୁ ନିବେଦନ କରିଥିଲେ। କାରଖାନାର ଅଧିକାରୀମାନେ ପୂଜା ସମୟରେ ସହରର ବିଭିନ୍ନ ରାସ୍ତାରେ ପାଣି ସିଞ୍ଚନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ସମସ୍ତ ପୂଜା କମିଟିର ସଭାପତି ଏବଂ ସମ୍ପାଦକ ମାନେ ଉପସ୍ଥିତ ରହି ନିଜର ସମସ୍ୟା ଉପସ୍ଥାପନ କରିବା ସହିତ ପ୍ରଶାସନ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଚଳିତ ପୂଜାରେ ପ୍ରଶାସନ ପକ୍ଷରୁ କିଛି ବ୍ୟାଟେରୀ ଚାଳିତ ଗାଡି ସହରରେ ଯାତାୟତର ବ୍ୟବସ୍ଥା କରାଗଲେ ବୟସ୍କ ଲୋକେ ଏହା ମାଧ୍ୟମରେ ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହିତ ମହାମାୟୀଙ୍କ ଦର୍ଶନ ଏବଂ ମେଳଣ ଉତ୍ସବର ଆନନ୍ଦ ନେଇପାରନ୍ତେ ବୋଲି ମତ ପ୍ରକାଶ କରିଥିଲେ। ତେବେ ଆସନ୍ତା ୨୦ ତାରିଖରେ ପୂଜା ଆରମ୍ଭ ହୋଇ ୩୧ ତାରିଖରେ ଭସାଣ ଉତ୍ସବ କରାଯିବାକୁ ସର୍ବସମ୍ମତି ପ୍ରକାଶ ପାଇଛି। ତେବେ ଚଳିତ ବର୍ଷ ଚୋରଦା କାଳୀ ପୂଜା କମିଟି ୫୦ ବର୍ଷ ପୂରଣ କରୁଥିବାରୁ ଏକ ବିଶେଷ କାର୍ଯ୍ୟକ୍ରମ ହେବାର ସୂଚନା କମିଟି ପକ୍ଷରୁ ଏବଂ ମେଳଣ ଆୟୋଜକ ଚଣ୍ଡି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ବଡ଼ର କଟୁରି ଚୋଟରେ ସାନ ଭାଇ ଆହତ

ବରୀ, ୮।୧୦(ସମିସ): ସାମାନ୍ୟ ଘରବାଡ଼ି ଭାଗ ବଣ୍ଟାକୁ ନେଇ ବଡ଼ ଭାଇର ଆକ୍ରମଣରେ ସାନ ଭାଇ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ରାଜସ୍ୱ ଗ୍ରାମର ପଡ଼ା ଗାଁ ମାଟିଆପଡ଼ାର ଅଞ୍ଜନ କରଙ୍କ ବଡ଼ପୁଅ ମନୋରଞ୍ଜନ ଓ ସାନପୁଅ ଜ୍ଞାନରଞ୍ଜନଙ୍କ ମଧ୍ୟରେ ବାପା ନିର୍ମାଣ କରିଥିବା କୋଠଘର ଭାଗ ବଣ୍ଟାକୁ ନେଇ ବିବାଦ ରହୁଥିଲା। ଅଭିଯୋଗ ଅନୁଯାୟୀ ସାନଭାଇ ଜ୍ଞାନରଞ୍ଜନ କୌଣସି ଜରୁରି କାମରେ ବାପାଙ୍କ ମଟର ସାଇକଲଟିକୁ ନେଇ ଯିବାକୁ ବାହାରିଥିବା ସମୟରେ ବଡ଼ଭାଇ ମନୋରଞ୍ଜନ ଅତର୍କିତ ଭାବେ କଟୁରି ଦ୍ୱାରା ଆକ୍ରମଣ କରିଥିଲେ। ଏହା ଦେଖି ଜ୍ଞାନରଞ୍ଜନଙ୍କ ପତ୍ନି ସ୍ୱର୍ଣ୍ଣପ୍ରଭା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ କଟୁରି ଦ୍ୱାରା ମନୋରଞ୍ଜନ ଆକ୍ରମଣ କରିଥିଲା। ଜ୍ଞାନରଞ୍ଜନ ଓ



ତାଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭାଙ୍କ ଶରୀର ପ୍ରବଳ ରକ୍ତସ୍ରାବ ହେଉଥିବା ସତ୍ତ୍ୱେ ବରୀ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଥାନାରେ କାର୍ଯ୍ୟରତ ଥିବା ଅଧିକାରୀ ରକ୍ତସ୍ରାବ ହେଉଥିବା ଦେଖି ପ୍ରଥମେ ଚିକିତ୍ସା ପାଇଁ ଡାକ୍ତରଖନା ଯିବାକୁ ପରାମର୍ଶ ଦେଇଥିଲେ। ଜ୍ଞାନରଞ୍ଜନ ଓ ତାଙ୍କ ପତ୍ନୀ ଚିକିତ୍ସା ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେଠାରେ ତିନି ଦିନ ଧରି ଚିକିତ୍ସିତ ହେବା ପରେ ଡାକ୍ତର ବିଶ୍ରାମ କରିବାକୁ କହି ବିଦା କରିଥିଲେ। ସେଠାରୁ ଫେରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଖବର ମୁତାବକ ଭୟରେ ପତିପତ୍ନି ଏ ପର୍ଯ୍ୟନ୍ତ ଘରକୁ ନ ଯାଇ ନାଥପୁରସ୍ଥିତ ଶଶୁର ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି।

## ରୀତିନୀତି ଅନୁଯାୟୀ ମଙ୍ଗଳା ପୂଜା ଶେଷ

କବାଟବନ୍ଧ, ୮।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁର ପଞ୍ଚାୟତ ହାଟମଙ୍ଗଳା ପରିସରରେ ମା' ମଙ୍ଗଳା ଓଷା ଶେଷ ପାଳି ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି।। ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ଏହି ପୂଜା ସ୍ଥାନୀୟ ଅଞ୍ଚଳରେ ହୋଇ ଆସୁଛି। ଏହି ପୂଜାରେ



ଆଖପାଖର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ନିଜର ମାନସିକ କରିବା ସହ ପୂଜାର୍ଚ୍ଚନା କରିଥାନ୍ତି। ପାଞ୍ଚ ସପ୍ତାହ ପର୍ଯ୍ୟନ୍ତ ମାନସିକଧାରୀ ମହିଳାମାନେ ପୂଜା କରି ଶେଷ ପାଳିରେ ସମ୍ପୂର୍ଣ୍ଣ କରିଛନ୍ତି। ଏହି ପୀଠରେ ମା'ଙ୍କର ମହିମା ରହିଥିବା ବିଶ୍ୱାସ କରି ଦୂରଦୂରାନ୍ତରୁ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ଏହି କାର୍ଯ୍ୟକ୍ରମରେ ମା'ମଙ୍ଗଳା ଟ୍ରଷ୍ଟର ସଭାପତି ସୁବାସ ରାଉତ, ସମ୍ପାଦକ ରବୀନ୍ଦ୍ର କୁମାର ଖଟୁଆ, କୋଷାଧ୍ୟକ୍ଷ ନୃସିଂହ ଜେନା ଓ କମିଟିର ସମସ୍ତ ସଦସ୍ୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ଆଇନଜୀବୀ ହତ୍ୟା ପ୍ରତିବାଦରେ ବିକ୍ଷୋଭ




ବ୍ୟାସନଗର, ୮।୧୦(ସମିସ): ବ୍ରହ୍ମପୁରର ବିଶିଷ୍ଟ ଓକିଲ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟାର ପ୍ରତିବାଦରେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ଡାକରାରେ ବାର୍‌ର ସମସ୍ତ ସଦସ୍ୟ କାର୍ଯ୍ୟବନ୍ଦ କରି ସ୍ଥାନୀୟ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରତିବାଦ ସଭା କରିଥିଲେ। ସଭାପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସମସ୍ତ ଓକିଲ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏହା ମଧ୍ୟରେ ତିନି ଦିନ ବିତି ଗଲାଣି। ବରିଷ୍ଠ ଆଇନଜୀବୀଙ୍କୁ ଘର ସମ୍ମୁଖରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କଲେ, କିନ୍ତୁ ଦୋଷୀମାନେ ଖସିଯିବା ଦୁଃଖ ଓ ପରିତାପର ବିଷୟ। ସ୍ୱର୍ଗତ ପଣ୍ଡାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ତାଙ୍କ ପରିବାବର୍ଗକୁ ଉପଯୁକ୍ତ କ୍ଷତିପୂରଣ, ସତ୍ୟର ପରିପ୍ରକାଶ ଏବଂ ଓକିଲ ସମୂହଙ୍କ ନିରାପତ୍ତା ପାଇଁ ଏକ ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିବାଦ ସଭାରେ ସମ୍ପାଦକ ଧନେଶ୍ୱର ବାରିକ, ଉପସଭାପତି ସସ୍ମିତା ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ ଶର୍ମା, ଦୂର୍ବାଦଳ ବସୁ, ହେମନ୍ତ କୁମାର ପଥାଳ, ମାନସ ରଞ୍ଜନ ସାମଲ, ସତ୍ୟଜିତ ଶତପଥୀ, ରମାକାନ୍ତ ନନ୍ଦ, ଅକ୍ଷୟ କୁମାର ବାରିକ, ରାଜେନ୍ଦ୍ର ଧୀର ସାମନ୍ତ, ରତିକାନ୍ତ ବେହେରା, ପ୍ରବୀର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସପନାପାଟ ରାସ୍ତା ପାଲଟିଛି ମରଣଯନ୍ତା

# ଖାଲଖମା ଯୋଗୁଁ ଘଟୁଛି ନିୟମିତ ଦୁର୍ଘଟଣା

କଯାଁଗୋଲା, ୮।୧୦(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ଶାସନ ମୁଣ୍ଡ ଠାରୁ ପାଲଟପୁର ନାରୀଗାଁ ରାସ୍ତା ସପନାପାଟ ରାସ୍ତା ଭାବେ ଜଣାଶୁଣା। ପ୍ରାୟ ଦେଢ଼ କିଲୋମିଟର ଏହି ରାସ୍ତା ଏବେ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜେଇ ଦେଇଛି। ଏହି ରାସ୍ତା ଦେଇ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଜନସାଧାରଣ ମୁଖ୍ୟତଃ ଯାତାୟାତ କରିଥାନ୍ତି। ପ୍ରତ୍ୟହ ଶହ ଶହ ବାଇକ୍, ଅଟୋ ରିକ୍ସା ଓ ଚାରି ଚକିଆ ଯାନ ଓ ଛାତ୍ରଛାତ୍ରୀ ସାଇକଲ ନେଇ ଏହି ରାସ୍ତା ଦେଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପନିବନ୍ଧକ କାର୍ଯ୍ୟାଳୟ, ମଙ୍ଗଳପୁର ଥାନା ସୁବ୍ରତା ଶିଳ୍ପ ତାଲିମ କେନ୍ଦ୍ର, ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ଗ୍ରୀନଲ୍ୟାଣ୍ଡ ଇଂରାଜୀ ମିଡିଅମ୍ ବିଦ୍ୟାଳୟ, ମଙ୍ଗଳପୁର ମହିଳା



ମହାବିଦ୍ୟାଳୟ, ଏସଆଇଟି ଭଳି କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଯାଇଥାନ୍ତି। ରାସ୍ତା ସାରା ଖାଲଖମା ଓ କେତେକ ସ୍ଥାନରେ ଗଭୀର ଗାତ୍ର ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷାରେ ପାଣି ଜମି ରହି ଭ୍ରମ ସୃଷ୍ଟି କରୁଛି। ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ଥୟ। ରାସ୍ତାର ଉଭୟ ପାର୍ଶ୍ୱରେ ଚାଷ କ୍ଷେତ ରହିଛି। ଟ୍ରାକ୍ଟର, ଚଳାଚଳ ଯୋଗୁଁ ରାସ୍ତା ଭାଙ୍ଗି ରୁଜି ଯାଉଥିବା ବେଳେ ଏହାର ମରାମତି ବର୍ଷ ବର୍ଷ ଧରି ହେଉନି। ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ସେହିପରି ହୃଦ୍‌ରୋଗୀ, ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତାରେ ନେଇ ଯିବାକୁ ଗାଡି ଚାଳକ କୁଣ୍ଠାବୋଧ କରନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭଗତପୁରରେ ଲକ୍ଷ୍ମୀପୂଜା



ଯାଜପୁର, ୮ ।୧୦(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ଏହି ପୂଜା ଦୀର୍ଘ ବର୍ଷ ଧରି ଲକ୍ଷ୍ମୀମଣ୍ଡପରେ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ଯାକଜମକରେ ଏହି ପୂଜା ଆରମ୍ଭ ହୋଇଛି । ପ୍ରତିଦିନ ପାରମ୍ପରିକ ରତିନିତି ଅନୁଯାୟୀ ପୂଜାର୍ଚ୍ଚନା ହେବା ସହିତ ସନ୍ଧ୍ୟାରେ ଆଳତି ସହିତ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ଯାଜପୁର ବିଧାୟିକା ସୁଜାତା ସାହୁ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ସରପଞ୍ଚ ମନିଦୀପା ରାୟ, ବିଜେଡି ଯୁବ ନେତା ସୌମ୍ୟରଞ୍ଜନ ଧଳ ପ୍ରମୁଖ ଲକ୍ଷ୍ମୀମଣ୍ଡପରେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ପୂଜା କମିଟି ପକ୍ଷରୁ ବିଧାୟିକା ଏବଂ ଭବ ପ୍ରସାଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଗାମୀ ଦିନରେ ଏଠାରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରା ପରିବେଶଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ମହେଶ୍ୱର ସାହୁ, ବିଷ୍ଣୁଚରଣ ରାଉତ, ପ୍ରତାପ ଜେନା, କାର୍ତ୍ତିକ ସାହୁ, ଜଗବନ୍ଧୁ ପଣ୍ଡା, ଧିରେଶ ଦାସ, ସୁବାସ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି ।

### ଏବେବି ହେଉଛି କି କୋଭିଡ ପରିଚାଳନା!

# ପାଟ୍ରୋଲିଂ ଗାଡ଼ି ଖତ ଖାଉଛି; ହେଲେ ଡିଜେଲ ବୁହାଚାଲିଛି

ଯାଜପୁର, ୮ ।୧୦(ସମିସ)

କୋଭିଡ ମହାମାରୀ ସମୟରେ ଏହାର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ନୂଆ ଗାଇଡ୍‌ଲାଇନ କରାଯାଇଥିଲା । ଏହି କୋଭିଡ୍ ମହାମାରୀକୁ ରୋକିବା ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ପୌରପାଳିକାକୁ ୨ଗାଡ଼ି ଦିଆଯାଇଥିଲା । ଏହି ଦୁଇଟି ଗାଡିକୁ ଯାଜପୁର ଥାନାକୁ ଦିଆଯାଇଥିଲା । ଏହି ଗାଡିକୁ ବ୍ୟବହାର କରି କୋଭିଡ୍ ମହାମାରୀର ପରିଚାଳନା ସହିତ ସହରରେ ପାଟ୍ରୋଲିଂ କରିବାକୁ ଲକ୍ଷ୍ୟ କରାଯାଇଥିଲା । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ପକ୍ଷରୁ ଅନୁଷ୍ଠିତ ବୈଠକରେ ଗତ ୨୦୨୧ ମସିହା ଡିସେମ୍ବର ମାସରେ ଏଭଳି ଗାଡ଼ି ଯୋଗାଣ ନେଇ ନିଷ୍ପତି ହୋଇଥିଲା (ଚିଠି ନଂ ୩୭୩୧) । ଏହି ଚିଠି ମୁତାବକ ଯାଜପୁର ପୌରପାଳିକା ପକ୍ଷରୁ ଓଡି ୦୨ ବିଆର ୯୫୮୨ ଏବଂ ଓଡି ୦୨ ବିଆର ୯୫୪୮ ନମ୍ବରର ଦୁଇଟି ବୋଲୋରୋ ଯାଜପୁର ଥାନାକୁ ଦିଆଯାଇଥିଲା । ଏଥିପାଇଁ ଆବଶ୍ୟକ ପେଟ୍ରୋଲ ଦୈନିକ ୧୦ ଲିଟର ଗାଡ଼ି ପିଛା ଦେବା ପାଇଁ ସ୍ଥିର ହୋଇଥିଲା । କୋଭିଡ୍‌ର ପ୍ରଭାବ ସରିବା ପରେ ଉଭୟ ଗାଡ଼ିର ଆବଶ୍ୟକତା କମ୍ ଥିବା ଦୃଷ୍ଟିରୁ ପ୍ରତି ଗାଡି ପିଛା ମାସିକ ୫୦ ଲିଟର ଡିଜେଲ ଦେବା ପାଇଁ ପୌରପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ସେହି ଅନୁଯାୟୀ ପୌରପରିଷଦ ପକ୍ଷରୁ ଆଜି ପର୍ଯ୍ୟନ୍ତ ଦୁଇଟି ଗାଡ଼ି ପାଇଁ ୧୦୦ ଲିଟର ଲେଖାଏଁ ମାସିକ ଡିଜେଲ ଯୋଗାଇ ଦିଆଯାଉଛି । କିନ୍ତୁ ଗତ ପ୍ରାୟ ଦୁଇ ବର୍ଷ ହେବ ଗୋଟିଏ ଗାଡ଼ି ଓଡି ୦୨ ବି ଆର୍ ୯୫୮୨ ଗାଡ଼ିକୁ ଅଚଳ ହୋଇ ଯାଜପୁର ଟାଉନ ଥାନା ପରିସରରେ ପଡ଼ି ରହିଛି । ଅନ୍ୟ ଗାଡ଼ି ପାଇଁ ଯାଜପୁର ପୌରପାଳିକା ପକ୍ଷରୁ ଗାଡ଼ିର ଡ୍ରାଇଭର ଯୋଗାଇ ଦିଆଯାଉଛି । କିନ୍ତୁ ପୌରପରିଷଦର ନିଷ୍ପତି କ୍ରମେ ଯାଜପୁର ଥାନା ପାଇଁ ମାସିକ ୫୦ ଲିଟର ଡିଜେଲ ଯୋଗାଇବା କଥା; କିନ୍ତୁ ଏବେବି ଦୁଇଟି ଗାଡ଼ି ସଚଳ ଥିବା ଦର୍ଶାଇ ମାସକୁ ୧୦୦ ଲିଟର ଡିଜେଲ ଉଠାଣ କରାଯାଉଥିବା 'ସକାଳ' ଅନୁସନ୍ଧାନରୁ ଜଣାପଡ଼ିଛି । ଯଦି ଯାଜପୁର ଟାଉନ ଥାନା ପରିସରରେ ପାଟ୍ରୋଲିଂ ହେବା ପାଇଁ ଥିବା ଗାଡ଼ି ଖତ ଖାଉଛି; ତାହା ହେଲେ ବଳକା ୫୦ ଲିଟର ଡିଜେଲ କିଏ ପିଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତଙ୍କୁ ପଚାରିବାରେ କୋଭିଡ୍ ସମୟରେ ହୋଇଥିବା ନିଷ୍ପତି କ୍ରମେ ଯାଜପୁର ଥାନାକୁ ଦୁଇଟି ଗାଡି ଯୋଗାଇଦିଆଯାଇଥିଲା । ଏବେ ଏହାର ଆବଶ୍ୟକତା ନଥିବା ଏବଂ ପୌରପାଳିକାର ଆର୍ଥିକ ଭାର କମ କରିବା ପାଇଁ ଆମେ ଦେଉଥିବା ଡିଜେଲ ଏବଂ ଡ୍ରାଇଭରକୁ ବନ୍ଦ କରିବୁ । ଏ ନେଇ ଗାଡି ଦୁଇଟିକୁ ହସ୍ତାନ୍ତର କରିବା ପାଇଁ ମଧ ଚିଠି କରିଛୁ ବୋଲି କହିଥିଲେ । ସେପଟେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଦୁଇଟି ଗାଡି ମଧ୍ୟରୁ ଗୋଟିଏ ଗାଡ଼ି ଖରାପ ହୋଇଯାଇଛି । ଗୋଟିଏ ଗାଡ଼ି ଚାଲୁଛି । ଏଥିପାଇଁ ମାସିକ ୧୦୦ ଲିଟର ଡିଜେଲ ମିଳୁଥିବା ସ୍ୱୀକାର କରିଥିଲେ । କିନ୍ତୁ ଗୋଟିଏ ଗାଡ଼ି ପିଛା ମାସିକ ୫୦ ଲିଟର ଡିଜେଲ ମିଳିବା କଥା ପଚାରିବାରୁ ଏତିକିରେ କେମିତି କ'ଣ ପାଟ୍ରୋଲିଂ ହେବ ବୋଲି ଓଲଟା ପ୍ରଶ୍ନ କରିଥିଲେ ।




### ● ସାଙ୍ଗ ସହ ସମ୍ପର୍କ ରଖିବାକୁ ବାଧ କରୁଛି ସ୍ୱାମୀ

# ଥାନାରେ ଫେରାଦ ହେଲେ ପତ୍ନୀ

ଦଶରଥପୁର, ୮ ।୧୦(ସମିସ): ଦଶରଥପୁର ଥାନା ହୋସେନ୍‌ପୁର ଗ୍ରାମରେ ଜନୈକା ମହିଳା ନିଜ ସ୍ୱାମୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ନିଶାରେ ଚୁରଥିବା ସ୍ୱାମୀ ନିଜ ସାଙ୍ଗମାନଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ବାଧ କରୁଥିବା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ୨୦୨୧ ମସିହାରେ ହୋସେନପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ପୁଅ ଜୟଦେବ ଦାସ(୨୮) ପ୍ରେମ ବିବାହ କରିଥିଲେ । ବିବାହ ପରେ ସ୍ୱାମୀ ଜୟଦେବ କୁସଂଗରେ ପଡ଼ି ନିଜ ସାଂଗ ମାନଙ୍କ ସହିତ ମଦ୍ୟପାନ କରିବା ସହିତ ଘରକୁ ଫେରି ପତ୍ନୀକୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ମାଡ଼ ମାରି ସାଙ୍ଗ ମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ । ସମ୍ପର୍କ ନ ରଖିଲେ ବାପଘରୁ ୧ ଲକ୍ଷ ଟଙ୍କା ଆଣିବାକୁ ତାଗିଦ କରୁଥିଲା । ଏଥିରେ ବିଚଳିତ ହୋଇ ମହିଳା ଜିଲ୍ଲା ବାହାରେ ରହୁଥିବା ବେଳେ ଜୟଦେବ ଏବଂ ତାଙ୍କ ସାଙ୍ଗ ନାନା ହଇରାଣ ହରକତ କରୁଥିବା ନେଇ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହି ଅଭିଯୋଗ ଆଧାରରେ ଦଶରଥପୁର ଥାନା କେଶ ନଂ ୨୦୪/୨୫ ଓ ଭାରତୀୟ ନ୍ୟାୟ ସଂହିତା ୨୯୬, ୧୧୫, ୩୫୧, ୮୫(ଖ), ୭୪, ୪ ଡିପି ଆକ୍ଟ ଆଦି ସଂଗୀନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଦଶରଥପୁର ଥାନା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦୁଷ୍ମନ୍ତ ଦାସଙ୍କ ଠାରୁ ସୂଚନା ମିଳିଛି ।

# ବଚସାକୁ କେନ୍ଦ୍ରକରି ଯୁବକକୁ ଅପହରଣ ଓ ଆକ୍ରମଣ

ବାଲିଚନ୍ଦ୍ରପୁର, ୮ ।୧୦(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ଯୁବକକୁ ଏକ ଗାଡ଼ିରେ ଅପହରଣ କରି ତାଙ୍କ ଠାରୁ ଟଙ୍କା ଛଡାଇ ନେଇଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂତ୍ରରୁ ପ୍ରକାଶଯେ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଏହି ଗ୍ରାମର ବୈଦ୍ୟନାଥ ସେଠୀଙ୍କ ପୁଅ ପ୍ରମୋଦଙ୍କ ସହିତ କୌଣସି କାରଣରୁ ଏହି ଥାନା ଅନ୍ତର୍ଗତ ପଲେଇ ଗ୍ରାମର ଦୁଇଜଣ ଯୁବକଙ୍କ ସହିତ ବାଲିଚନ୍ଦ୍ରପୁର ବଜାରରେ ଥିବା ଏକ ପାର୍ଲରରେ ଗତ ୬ ତାରିଖ ଦିନ ବଚସା ହୋଇଥିଲା । ତେବେ ଆଜି ମଧ୍ୟାହ୍ନରେ ପ୍ରମୋଦ ବାଲିଚନ୍ଦ୍ରପୁର ଜାତୀୟ ରାଜପଥ କଡ଼ ରାସ୍ତାରେ ଯାଉଥିବା ବେଳେ ଏକ ଗାଡିରେ ପଲେଇ ଗ୍ରାମର ରମେଶ ସାମଲ, ଭବାନୀଶଙ୍କର ସାମଲ, ବନମାଳୀପୁର ଗ୍ରାମର ସଙ୍ଗିନୀ ଓ ବଡବାଲିକୁଦା ଗ୍ରାମର ଗୋପାଳ ଜେନା ପ୍ରମୁଖ ପ୍ରମୋଦକୁ ଅପହରଣ କରିନେଇଥିଲେ । ପରେ ଏକ ନିକାଞ୍ଚନ ସ୍ଥାନରେ ପ୍ରମୋଦକୁ ଆକ୍ରମଣ କରିବା ସହ ତା' ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଛଡାଇ ନେଇଥିଲେ । ଯଦି ଏନେଇ ଥାନାରେ ଅଭିଯୋଗ କରିବୁ ଜୀବନରୁ ମାରିଦେବାକୁ ସେମାନେ ପ୍ରମୋଦକୁ ଧମକ ଦେଇ କୃଷ୍ଣଦାସପୁର ନିକଟରେ ଛାଡି ପଳାଇଥିଲେ । ପ୍ରମୋଦ ସେଠାରୁ ଫେରି ଆସି ପରିବାର ଆଗରେ ସମସ୍ତ କଥା ଜଣାଇବା ପରେ ତାଙ୍କ ମାଆ ମଧୁମିତା ସେଠୀ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୨୯୭/୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ।

### ଧର୍ମଶାଳା ପୁଲିସ ପକ୍ଷରୁ ଚଢ଼ଉ

# ୬ ରାଜପଥ ଲୁଟେରା ଗିରଫ

ଧର୍ମଶାଳା, ୮ ।୧୦(ସମିସ): ଧର୍ମଶାଳା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩ ରାଜପଥ ଲୁଟେରା ଓ ସେମାନଙ୍କ ୩ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୪୬ ଗ୍ରାମ ସୁନା, ଏକ ନମ୍ବର ବିହୀନ କଳା ପଲସର ବାଇକ୍, ଗୋଟିଏ ଭୁଜାଲି, ନଗଦ ୭୫୦୦ ଟଙ୍କା ଓ ଦୁଇଗୋଟି ମୋବାଇଲ ଫୋନ



ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭଣ୍ଡାରୀ ପୋଖରୀ ଥାନା କୋଳିପଦି ଗ୍ରାମର କୃଷ୍ଣ ଦାସ (ଲକି, ୨୪), ଧାମନଗର ଥାନା ନୂଆପଡ଼ା ଗ୍ରାମର ବଳରାମ ଦାସ (ବଳିଆ, ୨୨), ଜଗନ ଦାସ (ଜଗନ, ୨୨) ଏବଂ ଏମାନଙ୍କୁ ସହଯୋଗ କରୁଥିବା ଅଭିଯୁକ୍ତମାନେ ହେଲେ ଧାମନଗର ଥାନା ସୋଡ଼ା ଗ୍ରାମର ଅନନ୍ଦ କୁଣ୍ଡୁ(୩୨), ଗୌତମ କୁଣ୍ଡୁ (୫୬) ଓ କେନ୍ଦ୍ରାପଡ଼ା ଥାନା ଠାକୁରପାଟଣା ଗ୍ରାମର ଅନନ୍ତ ବେହେରା (୩୮) । ଧର୍ମଶାଳା ଥାନାରେ ଏମାନଙ୍କ ନାମରେ ଚଳିତ ବର୍ଷ ଛିନ୍‌ତାଇର ଏକାଧିକ ମାମଲା ରହିଥିବା ବେଳେ ବଡ଼ଚଣା, କୁଆଖିଆ, ପାଣିକୋଇଲି ଓ ଯାଜପୁର ଥାନାରେ ଏମାନଙ୍କ ନାମରେ ଏକାଧିକ ମାମଲା ରହିଛି । ରାସ୍ତାରେ ବାଇକ୍ କିମ୍ବା କାର୍‌ରେ ଯାଉଥିବା ଯାତ୍ରୀମାନଙ୍କୁ ଏହି ଲୁଟେରାମାନେ ଟାର୍ଗେଟ କରିଥାନ୍ତି । ମାରଣାସ୍ତ୍ର ଦେଖାଇ ଭୟଭିତ କରି ଏମାନେ ଯାତ୍ରୀଙ୍କ ବେକରୁ ସୁନା ଚେନ ଓ କାନଫୁଲ ଆଦି ଛଡ଼େଇ ନେଇଥାନ୍ତି । ତେବେ ଏକ ଅଜଣା ପଲସର ବାଇକ୍‌ରେ ତିନିଜଣ ଯୁବକ ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ଧର୍ମଶାଳା ପୁଲିସକୁ ସନ୍ଦେହ ହେବାରୁ ତଙ୍କୁ ଅଟକାଇ ପଚରା ଉଚରା କରିଥିଲା । ହେଲେ ସେମାନେ କିଛି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ । ଫଳରେ ପୁଲିସ ସେମାନଙ୍କୁ

### ବାଇକ୍, ସୁନା, ଭୁଜାଲି ଜବତ

ଥାନାରେ ରଖି ପଚରା ଉଚରା କରିବା ପରେ ସେମାନେ ରାସ୍ତାରେ ଯାତ୍ରୀମାନଙ୍କ ଠାରୁ ସୁନା ଅଳଙ୍କାର ଛିନ୍‌ତାଇ କରନ୍ତି ବୋଲି ମାନିଥିଲେ । ସେମାନଙ୍କ ସୂଚନା ଅନୁସାରେ ପୁଲିସ ଧାମନଗର ଥାନା ଅଞ୍ଚଳରୁ ସେମାନଙ୍କ ୨ ସହଯୋଗୀଙ୍କୁ ଗିରଫ କରିବା ସହ ଚୋରା ସୁନା କିଣିଥିବା କେନ୍ଦ୍ରାପଡ଼ା ଥାନା ଅଞ୍ଚଳର ଜଣେ ସୁନା ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ତେବେ ଏହି ଛିନ୍‌ତାଇ ଘଟଣାରେ ଅନେକଙ୍କ ସମ୍ପୃକ୍ତି ରହିଛି । ପରବର୍ତ୍ତୀ ସମୟରେ ସେମାନଙ୍କୁ ଗିରଫ କରାଯିବ ବୋଲି ଆଜି ଧର୍ମଶାଳା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇ କହିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକରୀ ରଞ୍ଜନ କୁମାର ମାଝୀ ଓ ଏସଆଇ ରମାକାନ୍ତ ନାୟକ ଉପସ୍ଥିତ ରହିଥିଲେ । ଗିରଫ ୬ ଅଭିଯୁକ୍ତଙ୍କୁ ଅଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ପୁଲିସ ସୂଚନା ଦେଇଛି ।

# ଜୟଚଣ୍ଡୀ କୃଷକ ସଭା ପକ୍ଷରୁ ଦାବିପତ୍ର

ଦଶରଥପୁର, ୮ ।୧୦(ସମିସ): ଚଳିତ ବର୍ଷ ବୈତରଣୀ ନଦୀର ଶାଖା କାଣୀ ନଦୀ ଅବବାହିକା କସପା ପଞ୍ଚାୟତ ଦରଘା ନିକଟ ନଦୀ ବନ୍ଧରେ ୧୮୦ଫୁଟ ଉର୍ଦ୍ଧ୍ୱ ଆକାରର ଘାଇ ସୃଷ୍ଟି ହେବାରୁ ବ୍ଲକର ୨୦ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ମୁଖ୍ୟତଃ ବ୍ଲକର ତଳ ମୁଣ୍ଡରେ ଥିବା କୟାଁ, ଖାନନଗର ଏବଂ କମାରଡିହି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । କ୍ଷତିଗ୍ରସ୍ତ ପଞ୍ଚାୟତବାସୀ ଧୀରେ ଧୀରେ ଅଣ୍ଟା ସଳଖିବାକୁ ଉଦ୍ୟମ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ସହାୟତା ମିଳିନଥିବାରୁ କୟାଁ, କମାରଡିହି ଏବଂ ଖାନନଗର ପଞ୍ଚାୟତକୁ ନେଇ ଗଠିତ ଜୟଚଣ୍ଡୀ କୃଷକ ସଭା ପକ୍ଷରୁ ଯାଜପୁର ଜିଲ୍ଲପାଳ ଅମ୍ବର କୁମାର କର ଏବଂ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁଙ୍କୁ ଅବିଳମ୍ବେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସମେତ ଆଗାମୀ ରବି ଧାନ ଚାଷ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୃଷକ ସଭାର ବରିଷ୍ଠ କାର୍ଯ୍ୟକର୍ତ୍ତା ମଳୟ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ପ୍ରିୟବ୍ରତ ବିଶ୍ୱାଳ, ଭାଗିରଥି ସାହୁ, ଚନ୍ଦ୍ରଶେଖର ଦାସ, ଯୋଗେନ୍ଦ୍ର ନାୟକ, ବିରଜା ମଲ୍ଲିକ, ଜନାର୍ଦ୍ଦନ ବାରିକ, ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଯାଜପୁରରେ ଜିଲ୍ଲାସ୍ତରୀୟ ପୋଷଣ ମାସ

ଯାଜପୁର, ୮ ।୧୦(ସମିସ): ଯାଜପୁର ଜିଲ୍ଲାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ମିଶନ ଶକ୍ତି ଭବନ, ଯାଜପୁର ଠାରେ ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ ବିଭାଗ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ । ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଆମ ସମସ୍ତଙ୍କ ପାଇଁ ଜୀବନ ସଚେତନତାର ଏକ ଆନ୍ଦୋଳନ । ପୋଷଣ ହେଉଛି ସ୍ୱାସ୍ଥ୍ୟର ମୂଳ ଭିତ୍ତି । ଯଦି ଶିଶୁ ଏବଂ ଗର୍ଭବତୀ ମହିଳା ସୁପୋଷିତ ହୁଅନ୍ତି, ତାହେଲେ ସେମାନଙ୍କ ଶରୀରିକ ଓ ମାନସିକ ବିକାଶ ଭଲ ହୁଏ ଏବଂ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠିତ ହୁଏ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବଡ଼ଚଣା ଚନ୍ଦନା ମିଶ୍ର, ସିଡିପିଓ ସୁକିନ୍ଦା ସୁଜାତା ମହାନ୍ତି, ସିଡିପିଓ ଦାନଗଦି ନଳିନୀ ପ୍ରଭା ଲେଙ୍କା, ସିଡିପିଓ ବିଞ୍ଝାରପୁର ରୁକ୍ମଣୀ ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ସଂଯୋଜକ ମାନସ ରଞ୍ଜନ ସାମଲ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ଅଧ୍ୟକ୍ଷତା କରିଥିଲେ । ୧୭ ସେପ୍‌ଟେମ୍ବରରୁ ୧୬ ଅକ୍ଟୋବର ପର୍ଯ୍ୟନ୍ତ 'ରାଷ୍ଟ୍ରୀୟ ପୋଷଣ ପୋଷଣ ମାସ' ପାଳନ ଅବସରରେ ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ଜନସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଉଦଘାଟନ କରିଥିଲେ । ଏହି ଜନସଚେତନତା ପଦଯାତ୍ରା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିସରରୁ ବାହାରି ସହରାଞ୍ଚଳ ପରିଭ୍ରମଣ କରିଥିଲା ।

# ଫଳକ ଭଙ୍ଗା ଘଟଣା ନେଇ ଥାନାରେ ଏତଲା



କୁଆଖିଆ, ୮ ।୧୦(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର କଚେରି ପଡ଼ିଆରେ ଥିବା 'ମେଲଣ ଭୋଗ ମଣ୍ଡପ' ପ୍ରକଳ୍ପର ଡିସପ୍ଲେ ବୋର୍ଡକୁ କେତେକ ଦୁର୍ବୃତ୍ତ ଗତକାଲି ଭାଙ୍ଗି ଦେଇଛନ୍ତି । ଘଟଣାରେ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ ଦୋଷୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ନେବା ପାଇଁ କୁଆଖିଆ ଥାନାରେ ଆଜି ଏତଲା ଦାଖଲ କରାଯାଇଛି । କୁଆଖିଆ ଥାନା ପକ୍ଷରୁ ବିଡିଓଙ୍କ ଏତଲା ପାଇବା ପରେ ଶୀଘ୍ର ତଦନ୍ତ କରାଯିବ ବୋଲି କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି ।

# ଗାଁରେ ପ୍ରତିଭା ସୃଷ୍ଟି କରିବ ପାଠାଗାର

ଯାଜପୁର, ୮ ।୧୦(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଅଧୀନସ୍ଥ ଭଗତପୁର ଗ୍ରାମର ଲକ୍ଷ୍ମୀଛକଠାରେ ଏକ ପାଠାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଇଛି । ପାଠାଗାରର ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ଏଠାରେ ବିଭିନ୍ନ ପ୍ରକାର ବହି ତଥା ଇ-ପୁସ୍ତକ ସଂଗ୍ରହ, କଂପ୍ୟୁଟର, ଇଣ୍ଟରଆକ୍ଟିଭ୍ ଡିଜିଟାଲ୍ ବୋର୍ଡ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ପାଇଁ ପାଠାଗାରର କାର୍ଯ୍ୟକାରୀ କମିଟି ବୈଠକରେ ସିଦ୍ଧାନ୍ତ କରାଯାଇଛି । କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରଛାତ୍ରୀଙ୍କ ସମେତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀମାନଙ୍କ ପାଇଁ ପାଠାଗାରର ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ତଥା ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଥିବା ମାଧବାନନ୍ଦ ଷଡ଼ଙ୍ଗୀଙ୍କ ସ୍ମୃତିରେ ନିର୍ମିତ ହେଉଥିବା ଏହି ପାଠାଗାରର ନାମ 'ମାଧବାନନ୍ଦ ପାଠାଗାର' ରଖାଯାଇଛି । ୨୦୨୬ ଜାନୁଆରୀ ୨୩ରେ ଉଦ୍‌ଘାଟିତ ହେବାକୁ ଯାଉଥିବା ଏହି ପାଠାଗାରକୁ ନେଇ ସ୍ଥାନୀୟ ଛାତ୍ରଛାତ୍ରୀ, ଶିକ୍ଷକ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ବ୍ୟାପକ ଭାବରେ ଆଗ୍ରହ ପ୍ରକାଶ ପାଇଛି । ସ୍ଥାନୀୟ ଗୋପବନ୍ଧୁ ସଭାଗୃହରେ ଛାତ୍ରଛାତ୍ରୀ ସମବେତ ହୋଇ ପାଠାଗାରରେ କେଉଁ କେଉଁ ପୁସ୍ତକ ରଖାଯିବାର ଆବଶ୍ୟକତା ଅଛି, ସେ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବମାନ ରଖିଥିଲେ । ଏହି ପାଠାଗାର ପାଇଁ ସାହିତ୍ୟିକ ଡ. ବିଭୁତି ପଟ୍ଟନାୟକ ୨୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ସହ ୩୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ଦାନ କରିଛନ୍ତି । ଉକ୍ତ ବୈଠକରେ ସାମ୍ୟବାଦୀର ପୂର୍ବତନ ସମ୍ପାଦକ ତଥା ମାଧବାନନ୍ଦ ପାଠାଗାରର ସଭାପତି ସନ୍ତୋଷ ଦାସ ସଭାପତିତ୍ୱ କରିଥିଲା ବେଳେ ଭୁବନେଶ୍ୱରପୁର ମଧ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଓ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ, ପାଠାଗାରର ସମ୍ପାଦକ ରବିନାରାୟଣ ସାହୁ, ଡା. ନିର୍ମଳ ରଥ, ସୁରେଶ ସାହୁ, ଶିକ୍ଷକ ସର୍ବଶ୍ରୀ କୀର୍ତନ ଚନ୍ଦ୍ର ଦଳାଇ, ସତ୍ୟପ୍ରକାଶ ସାହୁ, ରବୀନ୍ଦ୍ର ଯେନା, ପ୍ରସନ୍ନ ସାହୁ, ଦୀପକ ବେହେରା ପ୍ରମୁଖ ଯୋଗଦେଇଥିଲେ ।


SBI

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


# ଆଇନଜୀବୀ ହତ୍ୟାକାଣ୍ଡର ପ୍ରତିବାଦ





ଯାଜପୁର, ୮ ।୧୦(ସମିସ)

ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲର ସଭ୍ୟ ପୀତବାସ ପଣ୍ଡାଙ୍କୁ ୨ ଦୁର୍ବୃର୍ତ୍ତ ଗୁଳି କରି ହତ୍ୟା କରିଥିଲେ । ରାଜ୍ୟ ବାର୍ କାଉନସିଲ ପକ୍ଷରୁ ୮ତାରିଖ ବୁଧବାର ସାରା ରାଜ୍ୟରେ ଆଇନଜୀବୀଙ୍କୁ କଲମ ଛାଡ଼ ଡାକରା ଦିଆଯାଇଥିଲା । ଏହି ମର୍ମରେ ଯାଜପୁର ଜିଲ୍ଲାର ଆଇନଜୀବୀ ଏହି ଡାକରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଯାଜପୁର ଜିଲ୍ଲାର ୩ଟି ବାର୍ ଆର୍ ଆସୋସିଏସନ ଯାଜପୁର ବାର୍ ଆସୋସିଏସନ, ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ଓ ଡିଷ୍ଟ୍ରିକ୍ଟ କ୍ରିମିନାଲ୍ ବାର୍ ଆସୋସିଏସନର ଆଇନଜୀବୀମାନେ ମିଳିତ ହୋଇ ଯାଜପୁର ଜିଲ୍ଲା କୋର୍ଟ ପରିସରରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ରାଜ୍ୟ ବାର୍ କାଉନସିଲର ଉପସଭାପତି ରାଜୀବ ମହାନ୍ତିଙ୍କ ଆବାହକତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାର୍ ଆସୋସିଏସନର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ କୃତିବାସ ପଣ୍ଡା, ଡିଷ୍ଟ୍ରିକ୍ଟ ଲଏର୍ସ ଆସୋସିଏସନର ସଭାପତି ପ୍ରତାପ କୁମାର ରାୟ, ସମ୍ପାଦକ ମାନ ଗୋବିନ୍ଦ ଧଳ, ଡିଷ୍ଟ୍ରିକ୍ଟ କ୍ରିମିନାଲ ଆସୋସିଏସନ ସଭାପତି କିଶୋର ଚନ୍ଦ୍ର କର, ସମ୍ପାଦକ ଉତ୍କଳ ଚନ୍ଦ୍ର ଦାସ ସମେତ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

**ବଡଚଣା:** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନରେ ସମସ୍ତ ଆଇନଜୀବୀ ଯୋଗଦେଇ କୋର୍ଟ କାର୍ଯ୍ୟରୁ ବିରତ ରହିଥିଲେ । ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ପ୍ରକାଶ କୁମାର ଦାଶ ଏହି ଘଟଣାର ବିଚାର୍ ବିଭାଗୀୟ ତଦନ୍ତ, ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ, ତ୍ୱରିତ ବିଚାର କରି ଆସାମୀମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦିଆଯିବା, ସ୍ୱର୍ଗତଃ ପଣ୍ଡାଙ୍କ ପରିବାରଙ୍କୁ ଏକ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ, ସହିତ ସମସ୍ତ ଆଇନଜୀବୀମାନଙ୍କ ପାଇଁ ଆଇନଜୀବୀ ସୁରକ୍ଷା ବିଲ୍ ପ୍ରଣୟନ କରିବା ସମ୍ପର୍କରେ ଦାବି କରିଥିଲେ । ପୂର୍ବତନ ସଭାପତି ଶରତ ଷଡଙ୍ଗୀ, ଦେବରାଜ ବେହେରା ଓ ଜନ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଉଦୟନାଥ ସାହୁ, ପୂର୍ବତନ ଉପସଭାପତି ପ୍ରେମାନନ୍ଦ ବେହେରା ନିରଞ୍ଜନ ସାମଲ, ନଳିନୀ କାନ୍ତ ମିଶ୍ର, ଶ୍ରୀକାନ୍ତ ବଳ, ଯୁଗ୍ମସମ୍ପାଦକ ସିରିଶ ସାମଲ, ପବିତ୍ର କର, କର୍ମକର୍ତ୍ତା ବୀରେନ୍ ବିଶ୍ୱାଳ, ତରୁଣ ବିଶ୍ୱାଳ, ଦୀନବନ୍ଧୁ ନାୟକ, ଆଶିଷ ମହାପାତ୍ର, ପ୍ରିୟ ଗୋବିନ୍ଦ ଦାସ, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ସୁରେଶ ସାହାଣୀ, କୈଳାଶ ସାମଲ, ସୁବ୍ରତ ସ୍ୱାଇଁ, ଗୋପାଳ ପଣ୍ଡା, ନିରଞ୍ଜନ ମୁଦୁଲି, କିଶୋର ନାୟକ, ବିରଞ୍ଚି ନାରାୟଣ ଆଚାର୍ଯ୍ୟ, ଦୀପକ ଦୋରା, ସମ୍ବିତ୍ ମହାପାତ୍ର, ହେମନ୍ତ ମହଲା, ପୁରସ୍ତମ ନାୟକ, ଅଶୋକ ଜେନା, ବିଜୟ ରାଉଳ, ନିଗମାନନ୍ଦ ପାତ୍ର, ଉଦୟ ସାହୁ, ଜ୍ୟୋତି ମହାପାତ୍ର, ସୁଦର୍ଶନ ଘଡାଇ, ସୁଢ଼ଳ କବି, ପ୍ରତିମା ସାହୁ, ଲୋମାରାଣୀ ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ସୁଜାତା ଦାସ, ପ୍ରିୟଦର୍ଶିନୀ ସାହୁ, ବିଶ୍ୱଜିତ୍ ସାହୁ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

ସକାଳ
THE SAKALA

## ଆସ୍ଥାର ସ୍ଖଳନ

ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଉପରକୁ ଜନୈକ ଆଇନଜୀବୀଙ୍କ ଜୋତା ଫିଙ୍ଗିବା ଭଳି ହୀନ ଉଦ୍ୟମ ସମଗ୍ର ଦେଶକୁ ସ୍ତବ୍ଧ ଓ ଚକିତ କରିଛି। ନ୍ୟାୟର ମନ୍ଦିର ରୂପେ ସ୍ୱୀକୃତ ନ୍ୟାୟାଳୟରେ ନ୍ୟାୟମୂର୍ତ୍ତିଙ୍କ ପ୍ରତି ଏଭଳି ଅଭାବନୀୟ ଓ ଆକସ୍ମିକ ଘଟଣା ଏକପକ୍ଷରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ଓ ଧୈର୍ଯ୍ୟର ସ୍ଖଳନର ପ୍ରତିଫଳନକୁ ସୂଚିତ କରୁଥିବା ବେଳେ ଅପରପକ୍ଷରେ ଘଟଣାକୁ ଜାତିବାଦ ଓ ଧର୍ମ ସହିତ ଯୋଡ଼ିବାର ଉପକ୍ରମ ମଧ୍ୟ ଆରମ୍ଭ ହୋଇସାରିଛି। ଦଳମତ ନିର୍ବିଶେଷରେ ତୁଙ୍ଗ ନେତୃବୃନ୍ଦ ଏହି ଘଟଣାକୁ ନିନ୍ଦା କରିବା ପରେ ଆପାତତଃ ଘଟଣାର ରାଜନୀତିକରଣ ଆଶଙ୍କା ଦୂର ହୋଇଛି।

ରାକେଶ କିଶୋର ନାମକ ସମ୍ପୃକ୍ତ ଆଇନଜୀବୀଙ୍କ ଏତାଦୃଶ ଅଶୋଭନୀୟ ଆଚରଣକୁ ଯେ ତାଙ୍କର ଧର୍ମୀୟ ଭାବନା ଓ ଅସହିଷ୍ଣୁତା ପ୍ରରୋଚିତ କରିଛି ତାହା ଖୋଦ୍ ତାଙ୍କ ଉଚ୍ଚାରଣରୁ ପ୍ରମାଣିତ ହୋଇଛି। ଘଟଣାର ପୃଷ୍ଠଭୂମି ମଧ୍ୟପ୍ରଦେଶର ଖଜୁରାହୋ ବିଷ୍ଣୁମୂର୍ତ୍ତି ପୁନରୁଦ୍ଧାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲା ସହିତ ଜଡ଼ିତ। ଗତ ମାସରେ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏହାକୁ 'ପ୍ରଚାର ସର୍ବସ୍ୱ ମାମଲା' ଭାବେ ଅଭିହିତ କରି ଘଟଣାର ସମାଧାନ ପାଇଁ ବିଷ୍ଣୁ ଭଗବାନ୍‌ଙ୍କୁ ଫେରାଦ ହେବାକୁ ମାମଲା ଦାୟର କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ କହିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ସପ୍ତାହ ପରେ ରାକେଶ ଏଭଳି କାଣ୍ଡ ଭିଆଇଥିଲେ ବୋଲି କୁହାଯାଉଛି। ଏତାଦୃଶ କାର୍ଯ୍ୟକଳାପ ପରେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ରାକେଶଙ୍କ ମନ୍ତବ୍ୟ ଥିଲା - 'ସନାତନ ଧର୍ମର ଅପମାନକୁ ଭାରତ ବରଦାସ୍ତ କରିବ ନାହିଁ।' ତେଣୁ ସ୍ୱାଭାବିକ ଭାବରେ ଘଟଣାକୁ ଜାତିବାଦର ରଙ୍ଗ ଦେବାକୁ ଉଦ୍ୟମ ହେଉଛି ଏବଂ ଏକଲବ୍ୟଙ୍କଠାରୁ ଆରମ୍ଭ କରି ଆମ୍ବେଦକର ଓ ଗଭାଇଙ୍କୁ ନେଇ ସମାଜତନ୍ତ୍ରର ଏକ ସଂଯୋଗସୂତ୍ରୀ ପରିକଳ୍ପନା ମଧ୍ୟ ଆରମ୍ଭ ହୋଇଛି।

ଘଟଣା ପରେ ପ୍ରଧାନ ନ୍ୟାୟମୂର୍ତ୍ତି ବି ଆର ଗଭାଇ ଦଣ୍ଡିବା ଶକ୍ତି ଥାଇ ମଧ୍ୟ କ୍ଷମା ଆଚରଣ କରି ରାକେଶଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଭିତରେ କିନ୍ତୁ ଯେଉଁ ପ୍ରଶ୍ନ ଚିହ୍ନଟିଏ ସୃଷ୍ଟି ହୋଇସାରିଛି ତାହା ଅତି ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ। ଏତାଦୃଶ ଆଚରଣ ବ୍ୟବସ୍ଥା ପ୍ରତି ଆସ୍ଥାର ସ୍ଖଳନକୁ ସୂଚିତ କରୁଛି, ଯାହାର ସୁଦୂରପ୍ରସାରୀ କୁପ୍ରଭାବ ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ତେଣୁ ଏହି ଅବାଞ୍ଛିତ ଅଧ୍ୟାୟର ପୁନରାବୃତ୍ତି ଯେପରି ନ ଘଟେ ସେଥିପ୍ରତି ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଯତ୍ନବାନ ହେବା ବିଧେୟ। ଆଇନଜୀବୀଙ୍କ ଆଚରଣ ନିନ୍ଦନୀୟ, ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ସର୍ବୋପରି ସମ୍ବିଧାନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଆସୀନ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିତ୍ୱମାନେ ମନ୍ତବ୍ୟ/ରାୟ ଦେବା ବେଳେ ନିଜ ପଦମର୍ଯ୍ୟାଦା, ଅନୁଷ୍ଠାନର ଗରିମା, ସାମ୍ବିଧାନିକ ମୂଲ୍ୟବୋଧ ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ସର୍ବାଦୌ ଯତ୍ନଶୀଳ ହେବା ଆବଶ୍ୟକ। ବିଶେଷକରି ଜାତି-ଧର୍ମ-ସମ୍ପ୍ରଦାୟ ସହିତ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ବ୍ୟକ୍ତିଗତ ଭାବନା, ଭାବନା ଓ ଆଦର୍ଶରୁ ଊର୍ଦ୍ଧ୍ୱରେ ରହିଲେ ସମ୍ବିଧାନ ଓ ଆଇନର ଶାସନ ସୁସଂହତ ହେବ।

## ଐତିହ୍ୟର ଘରୋଇକରଣ!

ରୁଗ୍ଣ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ଅନୁକ୍ରମରେ ଦେଶର ଐତିହ୍ୟ ଓ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ଯଦି ଏହା ବାସ୍ତବ ରୂପ ନିଏ ତେବେ ଭାରତୀୟ ଅନନ୍ୟ ସଂସ୍କୃତି ଓ ଗୌରବାବହ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ବଜାର ଅର୍ଥନୀତିର ଏକ ଅଂଶ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ରାଷ୍ଟ୍ରର ଏକ ଅଲିଖିତ ଓ ଅପରିହାର୍ଯ୍ୟ ଦାୟିତ୍ୱବୋଧ ରହିଛି। ଅଥଚ ଅର୍ଥ ଓ ମାନବ ସମ୍ବଳ ଅଭାବ ଆଳରେ ସରକାରଙ୍କ ଦାୟିତ୍ୱମୁକ୍ତ ଉଦ୍ୟମ ଅବାଞ୍ଛନୀୟ।

ସମ୍ପ୍ରତି ଦେଶର ପ୍ରାୟ ୩, ୭୦୦ ପ୍ରାଚୀନ କୀର୍ତ୍ତିରାଜି, ସ୍ମାରକୀ ଓ ଐତିହ୍ୟର ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ହାତରେ ନ୍ୟସ୍ତ ଅଛି। ଅପରପକ୍ଷରେ ଏଏସ୍‌ଆଇ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ। ଦାୟିତ୍ୱହୀନତା କାରଣରୁ ଦିନକୁ ଦିନ ନିରୁଦ୍ଦିଷ୍ଟ ଐତିହ୍ୟରାଜିର ତାଲିକା ବଢ଼ିବାରେ ଲାଗିଛି। ଏହି ପୃଷ୍ଠଭୂମିରେ ଏଏସ୍‌ଆଇର ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଐତିହ୍ୟସମୂହର ଘରୋଇକରଣ ଯୋଜନା କେତେ ଠିକ୍ ତାହା ବିଚାରଯୋଗ୍ୟ। ପ୍ରସ୍ତାବିତ ଯୋଜନା ଅନୁଯାୟୀ କେତେକ ବଛା ବଛା ସ୍ଥପତିଙ୍କୁ ନେଇ ଏକ କମିଟି ଗଠନ କରାଯିବ। ତା'ସହିତ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ନିବେଶ ପାଇଁ ଅନୁରୋଧ କରାଯିବ। କେଉଁ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥାଙ୍କୁ କେଉଁ ବଦାନ୍ୟ ବ୍ୟକ୍ତି/ସଂସ୍ଥା ପାଣ୍ଠି ଯୋଗାଇ ଦେବେ ତାହା ଉକ୍ତ ସ୍ଥପତି କମିଟି ସୁପାରିସ କରିବ ଏବଂ ବିହିତ ପରାମର୍ଶ ଦେବ। ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ମନୋନୀତ କରାଯିବ। ଯେଉଁ ସଂସ୍ଥାମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ ସେମାନେ ସିଧାସଳଖ ସେମାନଙ୍କ ପସନ୍ଦ ମୁତାବକ ରକ୍ଷଣାବେକ୍ଷଣ ବିଶେଷଜ୍ଞ ଚୟନ କରିପାରିବେ ଏବଂ ସେଠାରେ ସେମାନେ ନିଜକୁ ବିଜ୍ଞାପିତ କରିପାରିବେ। ଐତିହ୍ୟର ରକ୍ଷଣାବେକ୍ଷଣ/ମରାମତିରେ ଖର୍ଚ୍ଚ ରାଶିକୁ ଶତପ୍ରତିଶତ ଟିକସ ରିହାତି ମିଳିବ ଏବଂ ଏବାବଦ ଖର୍ଚ୍ଚ ସେମାନଙ୍କ ସିଏସ୍‌ଆର(କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି) ଅଧୀନକୁ ଆସିଯିବ।

ଅତୀତରେ ଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ସମେତ କେତେକ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥାଙ୍କୁ ଦିଆଯିବା ପରେ ବିବାଦ ଉଠିଥିଲା ଏବଂ ଉକ୍ତ ପ୍ରୟାସ ତା'ର ମହତ୍ ଲକ୍ଷ୍ୟ ହରାଇଥିବା ଅଭିଯୋଗ ହୋଇଥିଲା। ବୋଧହୁଏ ସରକାର ଅଭିଜ୍ଞତାରୁ କିଛି ଶିଖିଲେ ନାହିଁ। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷାରେ ଶିଳ୍ପ ସଂସ୍ଥାଙ୍କୁ ଅଂଶୀଦାର କରିବାର ପ୍ରୟାସ ସ୍ୱାଗତଯୋଗ୍ୟ; କିନ୍ତୁ ଏହାର ଫଳଫଳ ଯେ ଐତିହ୍ୟର ବ୍ୟବସାୟୀକରଣ ଓ ବାହ୍ୟ ଶକ୍ତିର ଶ୍ୟେନ ଦୃଷ୍ଟିର ଶିକାରରେ ଅନ୍ତ ନ ହେବ ସେହି ନିଶ୍ଚିତତା କିଏ କରିବ?

# ବିକଶିତ ଗ୍ରାମପଞ୍ଚାୟତରେ ମହିଳାଙ୍କ ଭାଗିଦାରୀ

**ଦୋଳଗୋବିନ୍ଦ ପଣ୍ଡା**

ଗୋଟିଏ ବିକଶିତ ରାଜ୍ୟ କହିଲେ ଆମେ ଉତ୍ତମ ପ୍ରାକୃତିକ ଓ ସାମାଜିକ ପରିବେଶ, ଶାନ୍ତି, ମୈତ୍ରୀ ଓ ପ୍ରଗତି ସ୍ୱରୂପ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବିଷୟରେ ପରିକଳ୍ପନା କରିଥାଉ। ଜାତିସଂଘ ଦ୍ୱାରା ସ୍ଥିରୀକୃତ ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବାକୁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସଂକଳ୍ପ ନେଇଛନ୍ତି। ଆମ ରାଜ୍ୟ ମଧ୍ୟ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ସଫଳ ପ୍ରୟାସର ସୂଚନା ଦେଇ ଆସିଛି। ନିତି ଆୟୋଗଙ୍କ ୨୦୨୩ ରିପୋର୍ଟ ଅନୁସାରେ ବହୁମୁଖୀ ଦାରିଦ୍ର୍ୟ ଦୂର କରିବାରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି। କିନ୍ତୁ ନିରନ୍ତର ବିକାଶ ଲକ୍ଷ୍ୟ କେବଳ ଦାରିଦ୍ର୍ୟ ଦୂର କରିବାରେ ସୀମିତ ନୁହେଁ। ତେଣୁ ନିରନ୍ତର ବିକାଶ ଲକ୍ଷ୍ୟକୁ ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ସ୍ତରରେ ଏହାକୁ ହାସଲ କରିବା ପାଇଁ ଭାରତ ସରକାର ୧୭ ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ୯ ଟି ବର୍ଗର ଶ୍ରେଣୀଭୁକ୍ତ କରିଛନ୍ତି। ଏହି ବର୍ଗଗୁଡ଼ିକ ହେଲା ଉନ୍ନତ ଜୀବିକା ଓ ଦାରିଦ୍ର୍ୟ ମୁକ୍ତ ଗ୍ରାମ, ଶିଶୁପ୍ରିୟ ଗ୍ରାମ ପଞ୍ଚାୟତ, ଜଳସମୃଦ୍ଧ ଗ୍ରାମ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଗ୍ରାମ, ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ, ସୁଶାସନ ଗ୍ରାମ, ଲିଙ୍ଗଗତ ସମାନତା ଭିତ୍ତିକ ବିକାଶ କରୁଥିବା ବା ମହିଳା ହିତୈଷୀ ଗ୍ରାମ ପଞ୍ଚାୟତ।

ମହିଳାମାନଙ୍କର ଆବଶ୍ୟକୀୟ ପ୍ରଗତି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ତଥା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଇଛି। ଆମ ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ମହିଳାମାନେ ଅସଂରକ୍ଷିତ ଆସନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଯେଉଁଠି ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ନୁହେଁ ବା ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇନାହାନ୍ତି; ସେଇ ପଞ୍ଚାୟତରେ ନାଏବ୍ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ଆସନ ସେଇ ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଫଳସ୍ୱରୂପ ବର୍ତ୍ତମାନ ଆମ ଓଡ଼ିଶାରେ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ମହିଳା ଅଧ୍ୟକ୍ଷା ଥିବା ବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ୬୭ ପ୍ରତିଶତ ଏବଂ ସରପଞ୍ଚ ପଦବୀରେ ୫୬ ପ୍ରତିଶତ ମହିଳା ଅଛନ୍ତି।

ସମାଜରେ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଏବଂ ମହିଳାମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଯୋଗଦାନକୁ ବ୍ୟାପକ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ମହିଳା ସଭା ଆୟୋଜନ ପାଇଁ ଆଇନ ପ୍ରଣୟନ କରାଯାଇଛି। ଗ୍ରାମ ପଞ୍ଚାୟତରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଭୋଟରଙ୍କୁ ନେଇ ମହିଳା ସଭା ଆୟୋଜନ କରାଯାଏ। ମହିଳା ସଭା ବୈଠକରେ ୨୦ ପ୍ରତିଶତ ଅଧିକ ମହିଳା ଭୋଟର ଅଂଶଗ୍ରହଣ କରିବା ବାଞ୍ଛନୀୟ। ମହିଳା ସଭାରେ ମହିଳାମାନଙ୍କ ପ୍ରଗତି ନିମନ୍ତେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧିତ୍ୱ ଅଛି। ଗୋଟିଏ ଆର୍ଥିକ ବର୍ଷରେ ୪ଟି ମହିଳା ସଭା ଆୟୋଜନର ବ୍ୟବସ୍ଥା ଅଛି। ପ୍ରଥମ ମହିଳା ସଭାର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା। ଦ୍ୱିତୀୟ ମହିଳା ସଭାର ବିଷୟ ହେଉଛି ଶିକ୍ଷା ଓ ଜୀବିକାର ବିକାଶ। ତୃତୀୟ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ସ୍ଥାନୀୟ ସରକାରରେ ଅଂଶଗ୍ରହଣ ଓ ଲିଙ୍ଗଗତ ସମାନତା। ଚତୁର୍ଥ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ସାମାଜିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଜୀବନ ଦକ୍ଷତା, ଯାହା ବ୍ୟକ୍ତିଗତ ବିକାଶ, ଶିକ୍ଷା, କର୍ମକ୍ଷେତ୍ରରେ ପ୍ରଗତି ଇତ୍ୟାଦି ଉପରେ ଆଧାରିତ।

ମହିଳା ହିତାଧିକାରୀମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗ ତରଫରୁ ଆଉ ଦୁଇଟି ପ୍ରମୁଖ ଯୋଜନା ଆମର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇପାରିଛନ୍ତି। ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦,୦୦୦ ଟଙ୍କା ହେବାର ବ୍ୟବସ୍ଥା ଅଛି। ସୁଭଦ୍ରା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା।

ସେହିପରି ମିଶନ ଶକ୍ତି ବିଭାଗରୁ ମହିଳାମାନଙ୍କ ଜୀବିକା ସାଧନକୁ ପ୍ରୋତ୍ସାହନ ନିମନ୍ତେ ଲକ୍ଷ୍ୟପତି ଦିଦି ସହାୟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସ୍ୱୟଂ ସହାୟତା ଦଳରେ ସାମିଲ ଥିବା ମହିଳାମାନଙ୍କୁ କୃଷି, ଅଣକୃଷି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିବା ନିମନ୍ତେ ପ୍ରଶିକ୍ଷଣ, ବୈଷୟିକ ସହାୟତା ଓ ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ୧୬.୬ ଲକ୍ଷ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ମଧ୍ୟରୁ ଅନେକ ସୁଭଦ୍ରା ହିତାଧିକାରୀ ହୋଇଥିବାରୁ ସେମାନଙ୍କୁ ଜୀବିକା ସାଧନ, ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ଇତ୍ୟାଦି କାମରେ ସହାୟତା କରାଯାଇପାରିବ। ଏତଦ୍‌ବ୍ୟତୀତ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାରେ ଉଭୟ ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷପତି ଦିଦିଙ୍କ ପାଇଁ ପ୍ରାକୃତିକ ସମ୍ବଳ ଆଧାରିତ କ୍ଷେତ ପୋଖରୀ, ଫଳଦାୟକ ବୃକ୍ଷ ରୋପଣ, ଛେଳି ଘର ଏବଂ ଗାଈ ଗୁହାଳ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ। ଯେହେତୁ ମହିଳାମାନେ ସଂଗଠିତ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ ପାଖରେ ପୁଞ୍ଜି ବ୍ୟବସ୍ଥା ଅଛି କୃଷି, ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ଇତ୍ୟାଦି ବିଭାଗ ଗ୍ରାମ ପଞ୍ଚାୟତ ସହିତ ମିଶି ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଜନା କଲେ ମହିଳାମାନଙ୍କୁ ଯୋଜନାର ସଫଳତା ଅଧିକ ମିଳିବ।

ଆମ ରାଜ୍ୟରେ ୬୭୯୪ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟତା ସଂଘ ଅଛି। ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରୀୟ ସଂଘର ସମନ୍ୱୟ ପୂର୍ବକ ପଞ୍ଚାୟତରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଗୋଟିଏ ପଞ୍ଚାୟତ ନିମନ୍ତେ ଗୋଟିଏ ଯୋଜନା ବିଷୟରେ କୁହାଯାଇଛି। ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜଳସେଚନ ଓ କୃଷି ଇତ୍ୟାଦି ଉପଯୋଜନାଗୁଡ଼ିକୁ ଗ୍ରାମସଭାରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇପାରିବ। ଗ୍ରାମ ପଞ୍ଚାୟତରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ସରକାର ହେଉଛନ୍ତି ତାଙ୍କ ପଞ୍ଚାୟତ। ଯୋଜନା ପ୍ରସ୍ତୁତି, ତର୍ଜମା ଓ ଅନୁମୋଦନ ପାଇଁ ଗ୍ରାମସଭା ଗଠନର ସାମ୍ବିଧାନିକ ବ୍ୟବସ୍ଥା ଅଛି। ସରକାରଙ୍କ ବିଭିନ୍ନ ବିଭାଗରୁ ସ୍ଥାୟୀ ଓ ଅନୁବନ୍ଧିତ କର୍ମଚାରୀମାନେ ପଞ୍ଚାୟତରେ କାମ କରୁଛନ୍ତି। ଗୋଟିଏ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଡାଟା ଅପେରେଟର, ଗ୍ରାମ ରୋଜଗାର ସାଥୀ, ମାଷ୍ଟର ବୁକ କିପର, ୪ ରୁ ୫ ଜଣ କମ୍ୟୁନିଟି ମୋବିଲାଇଜର, ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମସେବକ, ଯୋଗାଣ ସହାୟକ, ୪-୫ ଜଣ ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପ୍ରମୁଖ କାମ କରୁଛନ୍ତି।

ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ସୁଦ୍ଧା ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ୨୦୩୬ ସୁଦ୍ଧା ହାସଲ କରିବାକୁ ହେଲେ ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଏବଂ ଗ୍ରାମ ପଞ୍ଚାୟତରେ କାମ କରୁଥିବା ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ମିଳିମିଶି କାମ କରିବାର ଆବଶ୍ୟକତା ଅଛି। ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମରେ ସୁସ୍ଥ ଗ୍ରାମ ଲକ୍ଷ୍ୟ ରଖା ଯାଇଛି ଏବଂ ସେହି ଗ୍ରାମରେ ନିୟମିତ ଟିକାକରଣ, ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୋଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି। ଯଦି ସେହି ଗ୍ରାମରେ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ରାସାୟନିକ କୃଷି ପଦ୍ଧତି ମାଧ୍ୟମରେ ଚାଷ କରାଯାଇ କର୍କଟ ସୃଷ୍ଟିକାରକ କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ତେବେ ଗାଁର ମାଟି, ପାଣି, ଫସଲରେ ବିଷ ଅଂଶ ରହିଯିବାର ଆଶଙ୍କା ଅଛି, ଯାହାକି ଶିଶୁ, ମହିଳା ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହାନିକାରକ ହେବ। ଏଣୁ ସମୟ ଆସିଛି ସମଗ୍ର ରାଜ୍ୟ ପାଇଁ ମିଳିମିଶି କାମ କରିବା ପାଇଁ ମାର୍ଗଦର୍ଶିକା ଓ ଖସଡ଼ା ପ୍ରସ୍ତୁତି କରିବା। ଏକ ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅଭିନବ ପନ୍ଥା ଅବଲମ୍ବନ କରିବାକୁ ହେବ।

ଭୁବନେଶ୍ୱର, ମୋ: ୮୭୫୮୯୮୭୭୭୭

# ଭୟହୀନ ଅପରାଧ ବନାମ ଭୟଭୀତ ସମାଜ

**ଡକ୍ଟର ବିଶ୍ୱରଂଜନ ଦାସ**

ଏଥର ପାର୍ବଣ ଋତୁ ସମଗ୍ର ଉପକୂଳ ଓଡ଼ିଶାରେ ପାଳୁଛି ସନ୍ତାପର ମହୋତ୍ସବ। ପାଳିତ ଦୁର୍ଗାପୂଜା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଇତ୍ୟାଦିର ସାଜସଜ୍ଜାରେ ଉପକୂଳ ଓଡ଼ିଶା ଯେତେବେଳେ ଜାଗଯମଗ କରିବାର ଥିଲା, ସେତିକିବେଳେ ଅଶାନ୍ତି ଅଗ୍ନିର ଆଭା ଏବଂ ଖବରର ଶିରୋନାମାରେ କେବଳ ଗୋଟେ ପରେ ଗୋଟେ ଅପରାଧ ଘଟଣା ଦେଖାଯାଇଥିଲା। ପାର୍ବଣ ଆରମ୍ଭର ପ୍ରଥମ ଦୁଃସମ୍ବାଦ ଭାବେ ନୀତି ଓ ଆଦର୍ଶର ଅସ୍ଥିପଞ୍ଜରାକୁ ଅଧୋନୀତ କରିଦେଲା ପୁଲିସ ଏସ.ଆଇ. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା। ଆମ ଆଇନ ବ୍ୟବସ୍ଥାର ଗୋଟେ ଗଭୀର ଅସୁସ୍ଥତାର ପରିଚୟ ଦେଲା ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫେରାର ଖବର। ଅପରାଧୀଠୁ ବଳି ଅପରାଧ ଓ ମାନବିକତା ପ୍ରତି ଆକ୍ରମଣ ହେଲା ଭଦ୍ରକରେ ରାସ୍ତା କଡ଼ରୁ ମାନସିକ ଅସୁସ୍ଥ ମହିଳାଙ୍କୁ ଉଠେଇ ଦୁଷ୍କର୍ମ। କଟକରେ ଜାତିଆଣ ଦଙ୍ଗା, ବାଲେଶ୍ୱରରେ ରାଜରାସ୍ତାରେ ମହିଳାଙ୍କୁ ମାଡ଼ ଓ କର୍ଫ୍ୟୁ, ବ୍ରହ୍ମପୁରରେ ରାଜନେତା ତଥା ଆଇନଜୀବୀଙ୍କୁ ହତ୍ୟା, ପିପିଲିରେ ଚଳନ୍ତା ବସରେ ପଶି ଦୁର୍ବୃତ୍ତର ଆକ୍ରମଣ ପ୍ରଭୃତି ଘଟଣା ମିଶି ଚଳିତ ପାର୍ବଣରେ ମଣିଷ ତିଆରି କରୁଛି ଗୋଟେ ଭୟ ଓ ସନ୍ତାପର ନୂତନ ମହୋତ୍ସବ। ଯେଉଁଠି ମଣିଷ ମଣିଷକୁ ଭୟ କରେ, ଯେଉଁଠି ମାତାପିତା ତାଙ୍କ ସନ୍ତାନଙ୍କୁ ବାହାରକୁ ପଠାଇବା ପୂର୍ବରୁ ତିନିଥର ଚିନ୍ତା କରନ୍ତି, ସେଇଠି ଆଶା ଓ ଭରସାର ଅସ୍ପଷ୍ଟ ଛାୟା ନିଶ୍ଚୟ ମାଡ଼ି ଯାଇଛି ବୋଲି କହିବାକୁ ହେବ।

ସମ୍ପ୍ରତି ସମାଜର ମନୋବିଜ୍ଞାନ ବିଶ୍ଳେଷଣ କରିବା ନା ନିରାପତ୍ତା ଅଭାବର ଶିକାର ପାଇଁ ସମାଧାନର ପନ୍ଥା ଖୋଜିବା? ଅପରାଧୀ ଭୟଭୀତ ନୁହେଁ, ନିର୍ଦ୍ଦୋଷ ମଣିଷ ଆଜି ଭୟଭୀତ। ଏହି ସମୟରେ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବା ସ୍ୱାଭାବିକ। ପବିତ୍ର ଉତ୍କଳ ଭୂମି ଆଜି ଜନମନର ଗଭୀର ପୀଡ଼ାର ଅସହାୟ ଅଭିବ୍ୟକ୍ତି ପ୍ରକାଶ କରୁଛି। ଅପରାଧୀ ଲୁଚୁଛି ଲାଭର ଖୁଆଡ଼ରେ, ଅର୍ଥ-ପ୍ରତିପତ୍ତି ଓ କ୍ଷମତାର ଉହାଡ଼ରେ। କେବଳ ରାତି ଅନ୍ଧକାରରେ ନୁହେଁ, ଦିନର ଆଲୋକରେ ବି ଅପରାଧ। ପୁଲିସ ଅଧିକାରୀ ବେଶରେ ଅପରାଧ, ନେତାର ହସରେ ଅପରାଧ, ପଦର ଔଦ୍ଧତ୍ୟରେ ବି ଅପରାଧ।

ତେବେ ପ୍ରଶ୍ନ ଉଠେ- ଦୋଷ କ'ଣ ସରକାରର? ନା, ଏହା ସମ୍ପୂର୍ଣ୍ଣ ଭାବେ ନୁହେଁ। ଯଦି ଆମେ ଅନ୍ୟାୟ ଦେଖି ଚୁପ ରହିଲୁ, ଯଦି ଘଟଣାକୁ ଭିଡିଓ କରି ପୋଷ୍ଟ କଲୁ, ଅଥଚ ସାହାଯ୍ୟ କଲୁ ନାହିଁ, ଆମେ ଚାକିରି ପାଇଁ ପ୍ରଘଟ ପ୍ରଶ୍ନପତ୍ର ଉପରେ ଆଶା ରଖିଲୁ, ତେବେ ଦୋଷ କେବଳ ଶାସକର ନୁହେଁ, ନାଗରିକର ମଧ୍ୟ। ସରକାର ଦୋଷୀ ସେତେବେଳେ, ଯଦି ସେ ନୀତି ରକ୍ଷାରେ ଅସଫଳ। କିନ୍ତୁ ଆମେ ଦୋଷୀ ସେତେବେଳେ ଯଦି ସଚେତନତାରେ ଅସଫଳ। ହୁଏତ ବ୍ୟବସ୍ଥାରେ ଅପରାଧୀ ଲୁଚି ଯାଇପାରେ, କିନ୍ତୁ ଲୋକସମାଜ ଯଦି ସତର୍କ ହୁଏ ତା'ର ଆଉ ରକ୍ଷାରକ୍ଷଣ ନଥାଏ। ଏଣୁ ଇଂରାଜୀରେ ଗୋଟେ କଥା ଅଛି- ଦ ୱାର୍ଲ୍ଡ ସଫରସ୍ ନଟ୍ ବିକଜ୍ ଅଫ୍ ଦ ଭାଓଲେନ୍ସ ଅଫ୍ ବ୍ୟାଡ୍ ପିପୁଲ, ବଟ୍ ବିକଜ୍ ଅଫ୍ ଦ ସାଇଲେନ୍ସ ଅଫ୍ ଗୁଡ୍ ପିପୁଲ୍(ଖରାପ ଲୋକଙ୍କ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ନୁହେଁ, ବରଂ ଭଲ ଲୋକଙ୍କ ନିରବତା ପାଇଁ ବିଶ୍ୱ ପୀଡ଼ିତ)। ଅପରାଧୀ ଜଣେ କିମ୍ବା ଦୁଇଜଣ ହୋଇପାରନ୍ତି, କିନ୍ତୁ ତାଙ୍କୁ ଶକ୍ତି ଦିଏ ହଜାର ହଜାର ମଣିଷଙ୍କ ମୌନତା। ଯେତେବେଳେ ଜଣେ ଅପରାଧୀ ଜାଣିପାରେ ଯେ ତା' କାର୍ଯ୍ୟରେ କେହି ମୁହଁ ଖୋଲିବେ ନାହିଁ, ସେ ଭୟହୀନ ହୋଇଯାଏ। ନିରବ ଶାନ୍ତିକାମୀ ଲୋକେ କେବେକେବେ ଭୟରେ ଚୁପ ରହନ୍ତି ତ କେବେକେବେ ସୁବିଧାରେ ଏବଂ ଆଉ କେବେକେବେ 'ଏହା ମୋର ଦାୟିତ୍ୱ ନୁହେଁ' ବୋଲି କହି ଖସିଯା'ନ୍ତି। କିନ୍ତୁ ଏକ ଆପ୍ତବାକ୍ୟ ରହିଛି- 'ମୌନତେ ସମ୍ମତି ଲକ୍ଷଣମ୍' ଅର୍ଥାତ୍ ମୌନତା କେବେ ଶାନ୍ତି ନୁହେଁ, ଏହା ସମ୍ମତିର ଆବରଣ। ଅନ୍ୟାୟ, ଦୁରାଚାର ଓ ଅନୀତି ବରାବର ଚାଲୁଥାଏ। ଯଦି ତାହା ଆମେ ଦେଖିଶୁଣି ଚୁପ୍ ରହୁ, ତେବେ ବୁଝିବାକୁ ହେବ ଆମେ ସେଇ ଅପରାଧର ସାଥୀ।

ଆମ ସମାଜରେ କୌଣସି କଥାରେ ମୁଣ୍ଡ ପୂରାଉ ନଥିବା ଲୋକକୁ ଅନେକ 'ଶାନ୍ତିପ୍ରିୟ' ଆଖ୍ୟା ଦେଇଥା'ନ୍ତି। କିନ୍ତୁ ଶାନ୍ତିକାମୀ ସେ ନୁହେଁ, ଯେ ଚୁପ୍ ରହି ଶାନ୍ତି ରକ୍ଷାକରେ। ଶାନ୍ତିକାମୀ ସିଏ, ଯିଏ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରେ। କାରଣ ଯେଉଁ ଶାନ୍ତି ନ୍ୟାୟବିହୀନ, ସେ କେବଳ ଭୟର ନିରବତା। ଅପରାଧ ବଢ଼େ ଯେତେବେଳେ ଶାନ୍ତି ଭୟରେ ଭରିଯାଏ ଏବଂ ନିରବତା ନୀତିରେ ପରିଣତ ହୁଏ। ସମାଜ ଯେଉଁଦିନ ମୁଖା ଖୋଲିବ, ସେହିଦିନ ଗଣ୍ଡଗୋଳକାରୀ ନିଜେ ଚୁପ୍ ହୋଇଯିବ। ପୁରାତନ ନୈତିକତା ଓ ନୂତନ-ନୂତନ ନୀତିର କଥା ଢେର ହେଲାଣି। କିନ୍ତୁ ଆଜିର ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ଆବଶ୍ୟକତା ଅଛି ଏକ ନୂତନ ଜାଗରଣର।

ମୋତେ ଲାଗିଲା, ଏଥର ପାର୍ବଣରେ ଦେବୀ ଦୁର୍ଗାଙ୍କର ନୁହେଁ, ମହିଷର ବିଜୟୋତ୍ସବ ଚାଲିଛି। ଯେଉଁଠି ଦେବୀ ଦୁର୍ଗାଙ୍କ ବିଜୟୋତ୍ସବ ପାଳିତ ହେଉଥିଲା, ମହିଷାସୁରର ପରାଜୟରେ ମାନବତାର ଜୟଧ୍ୱନି ଶୁଭୁଥିଲା, ସେହି ଋତୁରେ ଏବେ ଦେଖାଯାଉଛି ଏକ ଅନ୍ୟ ଭୂମି, ଅନ୍ୟ ଦୃଶ୍ୟ। ସେଠାରେ ମହିଷାସୁର ହେଉଛି ବିଜେତା, ଦେବୀ ନିରବଦ୍ରଷ୍ଟା। ଦେବୀଙ୍କ ନ୍ୟାୟର ଅସ୍ତ୍ର ଯେମିତି ନିଷ୍ପ୍ରଭ। ଏଠି ରାବଣପୋଡ଼ି ହେଉନି ତ ମଣିଷର ହୃଦୟ ଜଳିପୋଡ଼ି ଯାଉଛି। ଉତ୍ସବର ଉଜ୍ଜ୍ୱଳ ଆଲୋକ ତଳେ ଯେଉଁ ଛାୟା ବଢ଼ିଛି, ତାକୁ ଦେଖିବାର ସାହସ କାହାରି ନାହିଁ। ମଣିଷ ହୋଇ ଅପରାଧକୁ ଦେଖି ମୁହଁ ଘୁଞ୍ଚାଉଛୁ ଏବଂ ସତ୍ୟକୁ ଯେତିକି ପରିମାଣରେ 'ଲାଇକ୍'(ପସନ୍ଦ) କରୁଛୁ, ସେତିକି ମାତ୍ରାରେ ସମର୍ଥନ କରୁନାହୁଁ। ଆମେ ସଭ୍ୟ, ଅଥଚ ସହିଷ୍ଣୁ ନୁହେଁ, ଭୀତ। ସେଥିପାଇଁ ଏଥର ଦେବୀମୂର୍ତ୍ତି ଅଳଙ୍କାରରେ ଶୋଭିତ ହେଲେ ମଧ୍ୟ ତାଙ୍କ ମୁଖରେ ଯେମିତି ହସ ନିର୍ବାପିତ।

ଆଗକୁ ଆସୁଛି ଦୀପାବଳୀ। ଯେତେବେଳେ ଆମେ ଦୀପାବଳୀର ଦୀପ ଜଳାଉ, ତାହା ଜଳେନି କେବଳ ଅନ୍ଧକାର ହଟାଇବା ପାଇଁ। ତାହା ଜଳେ ଆମ ଅନ୍ତଃକରଣର ଆଲୋକକୁ ତିଆରି କରିବା ପାଇଁ। ଏଣୁ ଏ 'ସନ୍ତାପମହୋତ୍ସବ' ଏଣିକି 'ସଚେତନତା ମହୋତ୍ସବ'ରେ ପରିଣତ ହେଉ। ସରକାର ହୁଅନ୍ତୁ, ନାଗରିକ ହୁଅନ୍ତୁ କି ଜନମାଧ୍ୟମ, ସମସ୍ତଙ୍କୁ ଜାଗି ଉଠିବାକୁ ହେବ। ନଚେତ୍ ଓଡ଼ିଶା ତା'ର ଅନ୍ଧକାରକୁ ଆଲୋକ ଭାବି ଗୋଟେ ଏକ ନୂତନ ଭୁଲ୍ ଇତିହାସ ଲେଖିଦେବ।

(ଅଧ୍ୟାପକ, ବିଭାଗମୁଖ୍ୟ, ବିଏନ୍‌ଏମ୍‌ଏ କଲେଜ)
ପାଳିଆବିନ୍ଧା(ଭଦ୍ରକ) ମୋ: ୬୩୭୧୪୩୦୫୬୩

# ରହସ୍ୟ-ଉନ୍ମୋଚକ: ମାନସହଂସ ବୈକୁଣ୍ଠନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସାହିତ୍ୟ-ତତ୍ତ୍ୱରେ ବର୍ଣ୍ଣିତ ଅଛି ରହସ୍ୟବାଦ। କବିଗୁରୁ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ଠାରୁ ଆରମ୍ଭ କରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' ପର୍ଯ୍ୟନ୍ତ କେତେ ଯେ କବିତାକୁ ତତ୍ତ୍ୱଜ୍ଞ ସୁଧୀ-ସମାଲୋଚକବୃନ୍ଦ ରହସ୍ୟବାଦୀ କବିତା ବୋଲି ଅଭିହିତ କରିଛନ୍ତି, ତାହା ଚେତନାଦୀପ୍ତ ପାଠକମାନେ ଜାଣିଛନ୍ତି ନିଶ୍ଚୟ। ତେବେ ମନରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହିସବୁ କବିତାରେ କେଉଁଠି ରହିଛି ରହସ୍ୟ? ବୈକୁଣ୍ଠନାଥ ସବୁଜଧାରାର ମାର୍ମିକ କବି। କେତେ ମଧୁରତା ଭରି ରହିଛି କବିତାରେ ତାଙ୍କରି! ପୃଥିବୀର କେଉଁ ଦୃଶ୍ୟ ଅବା ତାଙ୍କୁ ସ୍ୱପ୍ନାଛନ୍ନ କରି ନ ଦେଇଛି! କେଉଁ ମହାପୁରୁଷଙ୍କ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ନାହାନ୍ତି! ଜୀବନର କେଉଁ କ୍ଷଣ ପୁଣି ସୃଜନାତ୍ମକ ନଥିଲା ତାଙ୍କ ପାଇଁ! ବର୍ଷାଧାରା ଦେଖି ବିଗଳିତ କଣ୍ଠରେ ଗାଇ ଉଠିଲେ ସେ -

'ଆକାଶ ପବନ ସମ ହେଲି ପୁଲକିତ, ମୁକ୍ତ ତୁମରି ଛନ୍ଦେ ଗାଇଲି ଗୀତ / ଛିନ୍ନ ହେଲା ମୋ ଶତ ଜଞ୍ଜାଳ, ଛିନ୍ନ ହେଲା ମୋ ବନ୍ଧନ ଜାଲ ଛିନ୍ନ ସକଳ ସୀମା ଶୃଙ୍ଖଳ / ମୁକ୍ତ ହେ ତୁମ ଆଗେ, ନବ ବରଷାର ଅନୁରାଗେ।'

'ଅରୁଣଶ୍ରୀ', 'କାବ୍ୟ ସଂଚୟନ', 'ଉପେକ୍ଷିତା', 'ମୁକ୍ତି ପଥେ', 'ମୋ ଜୀବନ କଥା' ଆଦିରେ ତାଙ୍କ ଜୀବନାନୁରାଗ ଓ ସୌନ୍ଦର୍ଯ୍ୟାନୁଭବର ବୈଚିତ୍ର୍ୟ ନାନାବିଧ ରଙ୍ଗରେ ପାଠକ ଆମ୍ଭକୁ ପ୍ରଦାନ କରିଛି ମଧୁର ଆଶ୍ଳେଷ। ବୁଦ୍ଧ, ଗାନ୍ଧୀ, ଯୀଶୁ, ମୀରାବାଈ, ଗର୍କୀ, ରୋମାଁରୋଲାଁଙ୍କ ଠାରୁ ଆରମ୍ଭ କରି ଆଇଜାକ ସାନ୍ଦ୍ରା, ରିକ୍ସାବାଲାଙ୍କ ପର୍ଯ୍ୟନ୍ତ କେତେ ଅସାମାନ୍ୟ ବ୍ୟକ୍ତିତ୍ୱକୁ ସେ ରୂପାୟିତ କରିଛନ୍ତି। ସାହିତ୍ୟ ସମୀକ୍ଷକମାନେ ସେଥିପାଇଁ ତାଙ୍କୁ 'ସବୁଜ ଯୁଗ'ର କବି ବୋଲି ପ୍ରତିପାଦନ କରିବା ସଂଗେସଂଗେ, ସେ ମଧ୍ୟ 'ପ୍ରଗତିବାଦୀ ଯୁଗ'ର କବି ବୋଲି ସ୍ୱୀକାର କରିଛନ୍ତି। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବିଷୟରେ ଲେଖିବା ପାଇଁ ବି ଚଳଚଞ୍ଚଳ ହୋଇ ଉଠିଛି ତାଙ୍କ କଲମ। ଅଭିନବ ସାମ୍ୟବାଦକୁ ସେ ସ୍ୱାଗତ କରନ୍ତି।

ବୈକୁଣ୍ଠଙ୍କ କବିତା ଗ୍ରନ୍ଥ ଭିତରେ କି ଯାଦୁଅଛି! ଯେଉଁମାନେ ନୈରାଶ୍ୟ ନିପୀଡ଼ିତ, ଶୋକଜର୍ଜରିତ, ହତାଶାବୋଧରେ ଅବସନ୍ନ, ବ୍ୟର୍ଥତାର ବ୍ୟାଧିରେ ଯେଉଁମାନଙ୍କ ଜୀବନ ମନେହେଉଛି ବିଷାଦଗ୍ରସ୍ତ ଓ ବିଷାକ୍ତ, ସେମାନେ କେବଳ ପୃଷ୍ଠା ଓଲଟାଇ ଦେବା ମାତ୍ରକେ ଦେଖିବେ କେବଳ ଆଶା, ବିଶ୍ୱାସ, ଆସ୍ଥାଶୀଳତା, ଆତ୍ମୀୟତା ଆଉ ନବୀନ ଉଲ୍ଲାସର ଅଗଣିତ ଲହରୀମାଳା। କେବଳ ଦେଖିବେ ନାହିଁ। ସେମାନେ ଚାହାନ୍ତୁ କି ନ ଚାହାନ୍ତୁ, ଜୀବନ-ସାଗରର ଉତ୍ତାଳ ତରଙ୍ଗ ନିଶ୍ଚୟ ଦେବ ଗୋଟାପଣେ ଭିଜାଇ। ସେ କ'ଣ ଜାଣି ନଥିଲେ ଏ ପୃଥିବୀ ଓ ମଣିଷ ଜୀବନ ଦୁର୍ଭାଗ୍ୟ-କବଳିତ, ମରଣ-ଜର୍ଜରିତ, ସବୁକିଛି ଏଠି କ୍ଷଣିକରେ ହୋଇଯାଏ ଅନ୍ତର୍ହିତ ବୋଲି? ସବୁ ଜାଣି ସୁଦ୍ଧା କାହିଁକି ନିୟତିର କ୍ରୂର ପରିହାସ ସମ୍ମୁଖରେ ଗାଇଛନ୍ତି ଜୀବନର ଗୀତି? କବିତ୍ୱ ମୁକୁଳିତ ହୁଏ ସେଇଠାରେ, ଯେଉଁଠି ଅଛି ଜୀବନର ଉଦ୍ଧରିତ ଉଚ୍ଛ୍ୱାସ। ପରାଜୟ ନୁହେଁ ରହିଥାଏ ବିଜୟ-ସଂକେତ-ପୂର୍ଣ୍ଣ ପଦ ପରେ ପଦ।

ତାଙ୍କ ରଚିତ ଶ୍ରେଷ୍ଠ କବିତା 'ଯାତ୍ରା ସଂଗୀତ' ହେଉ ଅବା 'ଶେଷ ଗୀତି'-ସର୍ବତ୍ର ମୃତ୍ୟୁର କଳା ପରଦା ଅପସୃତ କରି ଦେଖାଇ ଦେଉଛନ୍ତି ସେ ଜୀବନର ଅମର ପ୍ରଦୀପ ପ୍ରଜ୍ଜ୍ୱଳିତ ଯେଉଁଠି। ସବୁ କିଛି ଚିରମଙ୍ଗଳମୟ - ଏହି ବିଶ୍ୱାସବୋଧ ସୃଷ୍ଟି କରିବା, ଜୀବନର ଦୀପଶିଖାକୁ ଉଜ୍ଜୀବିତ କରିବା ସକାଶେ ହିଁ କବିସତ୍ତା ବାରମ୍ବାର ଅବତରଣ କରେ ଏ ଧରିତ୍ରୀ ବକ୍ଷକୁ। ବୈକୁଣ୍ଠ ଗାଉଛନ୍ତି - 'ସେ ପୀରତି ତେଜେ ଯାଉ ମୋ ଜୀବନ ନିଭି ମୃତ୍ୟୁକୁ ମାରି ପଦେ ତା'ର ନିଭିଯିବି।' ଓଡ଼ିଶାର ଯେଉଁ ସଂଗୀତାନୁରାଗୀ ଶ୍ରୋତାବର୍ଗ କବିଙ୍କ ସୁକନ୍ୟା ମହାନ ସଂଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ କମ୍ପିତ କଣ୍ଠରୁ ଶୁଣିଛନ୍ତି 'ଯାତ୍ରା ସଂଗୀତ'ର ଅମର ପଦପଂକ୍ତି, ସେମାନେ ଜାଣନ୍ତି ଯେ, ସେଥିରେ ପରିପୂର୍ଣ୍ଣ ହୋଇ ରହିଛି ଜୀବନାମୃତର କି ଆସ୍ୱାଦନ-ଶକ୍ତି। 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କି ହେ ଆଉ? ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତ? ସାଗରେ ବହିଯାଉ।'

ସେ ତ ମାନସରୋବରର ଶୁଭ୍ର ହଂସ। କେତେ ପାରାବାର, ଅସଂଖ୍ୟ ହିମଗିରି ଲଂଘନ କରିଯିବେ ସେ। ଏହି ଅଭିବ୍ୟକ୍ତିରେ ତ ରହସ୍ୟ କିଛି ବି ନାହିଁ। ଜୀର୍ଣ୍ଣ ଜୀବନ-ତରୁ ଯେଉଁଠି ନିତ୍ୟ ପଲ୍ଲବିତ ସେଇଠି ତ ପରାଣ କୁଞ୍ଜରେ ଶ୍ରୁତ ହୁଏ ବଂଶୀ ଧ୍ୱନି। ଜୀବନ-ବୀଣାରେ ଭରିଯାଏ ନୂତନ ମୂର୍ଚ୍ଛନା। ଏହି ନିବିଡ଼ ସତ୍ୟକୁ ଢାଙ୍କି ରଖିଥିବା ପରଦା କାଢ଼ି ଦେଇ ଯିଏ ଆମକୁ ମୃତ୍ୟୁରୁ ଅମୃତକୁ ଘେନି ଯାଉଛନ୍ତି ସେ ଆଉ ରହସ୍ୟବାଦୀ ହୋଇ ବର୍ଣ୍ଣିତ ହେବେ ବା କାହିଁକି? ସେଇ ଜୀବନବାଦୀ, ସତ୍ୟବାଦୀ ଓ ସୌନ୍ଦର୍ଯ୍ୟବାଦୀଙ୍କୁ ସମ୍ପ୍ରତି ପୁନଃଉନ୍ମୋଚନ କରିବା ଯଥାର୍ଥ ହେବନାହିଁ କି?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବାପକୁ ହାଣି ମାଟିରେ ପୋତିଦେଲା ପୁଅ

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର


ଦେବଗଡ଼,୮।୧୦(ସମିସ): ଦେବଗଡ ଜିଲ୍ଲା ବାରକୋଟ ଥାନା ଔତଳ ଗାଁରେ ପୁଅର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧ ବାପାର ମୃତ୍ୟୁ ଘଟିଥିବା ଜଣାପଡିଛି ।ମୃତକ ବଳଭଦ୍ର ବେହେରା



(୬୫) । ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଅଟକରଖି ପଚରା ଉଚୁରା କରୁଛି । ମିଳିଥିବା ସୂଚନା ଅନୁଯାଇ ଔତଳ ଗାଁର ବଳଭଦ୍ର ନିଜ ଘରେ ମେଣ୍ଢା ପାଳିଥିଲେ । ଅଭିଯୁକ୍ତ ପୁଅ ହୃଦାନନ୍ଦ ଗତକାଲି ମେଣ୍ଢା ବିକ୍ରି ପାଇଁ ନେଇଯାଉଥିବା ବେଳେ ବାପା ବଳଭଦ୍ର ପ୍ରତିବାଦ କରିଥିଲେ । ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା । ବାପା ବଳଭଦ୍ରଙ୍କ ମୃତ୍ୟୁ ହେବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା । ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲି ହତ୍ୟା ମାମଲା ରଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଛି ।ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି

# ଗାଁରୁ ଦନ୍ତାର ମୃତଦେହ ଉଦ୍ଧାର

ଦେବଗଡ଼,୮।୧୦(ସମିସ): ଦେବଗଡ଼ ବନଖଣ୍ଡରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଉଁସିତଇଲା ଗାଁରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ କାଉସିତଇଲା ଗାଁ



ନିକଟସ୍ଥରାସ୍ତାରେ ଦନ୍ତାର ମୃତ ଦେହ ପଡିଥିବା ଦେଖି ବନରକ୍ଷୀ ସିନିସ୍ମିତା ମରେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ । ଏଲିଫ୍ୟାଣ୍ଟ ଟ୍ରାକ୍ ସ୍କାଡ୍ର ସଦସ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ହାତୀର ବ୍ୟବଚ୍ଛେଦ କରାଇଥିଲେ । ତେବେ ମୃତହାତୀର ଆନୁମାନିକ ବୟସ ୧୮ ବର୍ଷ ହେବ । ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀ ସୂଚନା ଦେଇଛନ୍ତି ।

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ନିକଟରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆଜି ମାଓ ସଂଗଠନର ପିଏଲଜିଏ ମିଲିଟାରୀ କମ୍ପାନୀର ଜଣେ ଡେପୁଟି କମାଣ୍ଡର, ପିଏଲଜିଏ ମିଲିଟାରୀ କମ୍ପାନୀ ନମ୍ବର ୧ର ଜଣେ ସଦସ୍ୟ, ନର୍ଥ ବ୍ୟୁରୋ ଟେକ୍ନିକାଲ୍ ଟିମ୍ର ସଦସ୍ୟ, ଏସିଏମ୍, ପାର୍ଟି ସଦସ୍ୟ, କୁତୁଲ୍ ମାଓ କମିଟି ସଦସ୍ୟ, ଜନତାନା ସରକାରର ଅନେକ ସଦସ୍ୟ ଏବଂ ମିଲିସିଆ ସଦସ୍ୟଙ୍କ ସମେତ ୧୬ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନାରାୟଣପୁର ପୁଲିସ ନିକଟରେ ଶପଥ ନେଇଛନ୍ତି । ଏହି ମାଓବାଦୀଙ୍କ ମଧ୍ୟରେ ୭ ଜଣ ମହିଳା ମାଓବାଦୀ ସାମିଲ ଅଛନ୍ତି । ସେମାନଙ୍କ ନାମରେ ୭୦ ଲକ୍ଷ ଟଙ୍କାର




ପୁରସ୍କାର ରାଶି ରହିଥିଲା । ଏହି ମାଓବାଦୀଙ୍କ ଆତ୍ମସମର୍ପଣ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି । ଆତ୍ମ ସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ଛତୁ ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୮।୧୦ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା । ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ



କରିଥିଲା । ଶାନ୍ତିଲତାଙ୍କ ଚିତ୍କାରରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ତାଙ୍କ ବେକକୁ ଝାମ୍ପିଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସ୍ୱାମୀ

- ■ ଆସିଲାନି ଆମ୍ବୁଲାନ୍ସ
- ■ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧେଇ ମେଡିକାଲ ନେଲେ ସ୍ୱାମୀ

ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଆମ୍ବୁଲାନ୍ସର ସୁବିଧା ନ ହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲକୁ ଆଣିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁରେ ନୀଳଗିରି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି ।

## ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ଅଭିଯୋଗ

# ସରକାରୀ ନୀତିକୁ ଖୋଲା ଉଲ୍ଲଂଘନ କରୁଛନ୍ତି ନିଗମ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡ଼ିଶା ସରକାର ନିଯୁକ୍ତ କରୁଥିଲେ ମଧ୍ୟ ସେମାନେ ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି । ନିଗମଗୁଡିକ ସ୍ୱଜନପୋଷଣ (ନେପୋଟିଜିମ) ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ । ନିୟମର ଖୋଲା ଉଲ୍ଲଂଘନ କାରଣରୁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି । ବୁଧବାର ସଂଘ ପକ୍ଷରୁ ଏନେଇ ଏକ ସ୍ମାରକ ପତ୍ର ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରମ୍ଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି ।

ସଂଘର ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହିଁ । କିନ୍ତୁ ବିଡ଼ମ୍ବନା ହେଉଛି, ସ୍ୱଜନପୋଷଣ

- ■ ନିଯୁକ୍ତି କ୍ଷେତ୍ରରେ ଦକ୍ଷ ପ୍ରତିଭାବାନ ପ୍ରାର୍ଥୀ ଅବହେଳିତ
- ■ ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସ୍ମାରକପତ୍ର ପ୍ରଦାନ

ନୀତିରେ ପରିଚାଳିତ ଓଏଚ୍‌ପିସି ତାହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଆସୁଛି । ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି । ସେହିପରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର୍ ନିଯୁକ୍ତି ଅନୁପାତ ୪୦:୬୦ଧାର୍ଯ୍ୟ କରି ଅଧିନିୟମ ଜାରି କରିଥିବାବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖ୍ୟାନ କରି ୩୩:୬୭ ଅନୁପାତ ସ୍ଥିର କରି ନିଗମ ପରିଚାଳନା କରୁଛନ୍ତି । ଶକ୍ତି ସମୀକ୍ଷକ ତଥା ସଂଘର ସଭାପତି ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ, ନିୟମରେ ଉଲ୍ଲଂଘନ କାରଣରୁ ନିଗମଗୁଡିକର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ପ୍ରଭାବିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟ ସମ୍ପାଦନ ହେଉନାହିଁ । ନିଗମଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାରବୋଝ ବିଦ୍ୟୁତ୍ ଉପଭୋକ୍ତା ବହନ କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି ।

# ୪୫ବସ୍ତା ବାଣ ଜବତ; ଜଣେ ଗିରଫ

ବାରିପଦା, ୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ପଥୁରୀ ପଞ୍ଚାୟତ ବୁଡାମରା ଗ୍ରାମରେ ପୁଲିସ ଚଢ଼ଉ କରି ୪୫ ବସ୍ତା ବାଣ ସହିତ ବ୍ୟବସାୟୀ ସଞ୍ଜିବ ସାହୁଙ୍କୁ ଗିରଫ କରିଛି । ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପୁଲିସ ଟିମ୍ ନେଇ ଚଢ଼ଉ କରିଛନ୍ତି । ବାଣ ଗୁଡ଼ିକ ଦୀପାବଳୀରେ ବିକ୍ରି ହେବା ପାଇଁ ଆସିଥିଲା ବୋଲି ଜଣାପଡିଛି ।

# ଜାପାନ, ଆମେରିକା, ଅଷ୍ଟ୍ରେଲିଆ ବୈଜ୍ଞାନିକଙ୍କୁ ରାସାୟନ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ୍,୮।୧୦(ଏଜେନ୍ସି): ଜାପାନର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ରିଚାର୍ଡ ରବସନ ଓ ଆମେରିକାର ଉମର ଏମ୍ ୟାଘିଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସ୍ୱିଡେନର ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନସେଜ ତରଫରୁ ବୁଧବାର ଏ ନେଇ ଘୋଷଣା କରାଯାଇଛି । ଧାତୁ କାର୍ବନିକ ଢ଼ାଞ୍ଚାର ବିକାଶ ପାଇଁ ଏହି ବୈଜ୍ଞାନିକମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ଏକାଡେମୀ ତରଫରୁ ଏକ୍ସରେ ପୋଷ୍ଟ କରି ଘୋଷଣା କରାଯାଇଛି । ନୋବେଲ ପୁରସ୍କାର ବିଜେତାଙ୍କୁ ୧୧ ମିଲିଅନ ସ୍ୱିଡିଶ କ୍ରୋନର୍ ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ଡିସେମ୍ବର ୧୦ରେ ଏକ ସ୍ୱତନ୍ତ୍ର ସମାରୋହରେ ନୋବେଲ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାଠଗଡ଼ାରେ ଓପିଆର୍‌ବି...

ନିୟମର ବିପରୀତ ଭାବରେ ପ୍ରଶ୍ନପତ୍ର ପ୍ରସ୍ତୁତି ପରି ଗୋପନୀୟ କାର୍ଯ୍ୟରେ ସିଲିକନ୍ ଓ ପଞ୍ଚସଫ୍ଟ ପରି କମ୍ପାନୀ କିପରି ସଂଶ୍ଳିଷ୍ଟ ହେଲେ ଏବଂ ଅଧିକାରୀମାନେ ଏହାକୁ କିପରି ପ୍ରଶ୍ରୟ ଦେଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଶ୍ନପତ୍ର ପ୍ରସ୍ତୁତି ବା ଛାପିବା ଦାୟିତ୍ୱରେ ନ ଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପ୍ରଶ୍ନପତ୍ର କିପରି ପାଇଥିଲେ, ତାହା ସମଗ୍ର ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତାକୁ କାଠଗଡ଼ାରେ ଠିଆ କରାଇଛି । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବାକୁ ଆନ୍ଧ୍ରପ୍ରଦେଶ ଯାଉଥିବାବେଳେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲ୍ ଗିରଫ ପରେ ଏହି ପ୍ରଶ୍ନପତ୍ର କିଣାବିକା ମାମଲାରେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି । ପରୀକ୍ଷା ପରିଚାଳନା କରୁଥିବା ଓପିଆର୍‌ବି ଏବଂ ଏହାର ଅଧିକାରୀମାନେ କିପରି ପର୍ଯ୍ୟବେକ୍ଷଣ କରୁଥିଲେ ଯେ ତାହା ଜାଣିପାରିଲେ ନାହିଁ, ନା ସବୁକିଛି ସଲାସୁତୁରାରେ ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ବିନା ଏହି ଚାକିରି ବିକ୍ରି ପ୍ରକରଣ ସମ୍ଭବ ନୁହେଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି ।

ଅପରପକ୍ଷରେ ଘଟଣାକୁ ୯ ଦିନ ବିତିଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି । ଓପିଆର୍‌ବି ଏବଂ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଗିରଫ ତ ଦୂରର କଥା, ତଦନ୍ତ ପରିସରଭୁକ୍ତ ମଧ୍ୟ କରିନାହିଁ । କେବଳ ସବ୍-କଣ୍ଟ୍ରାକ୍ଟ ନେଇଥିବା ସିଲିକନ୍ ଓ ପଞ୍ଚସଫ୍ଟ କମ୍ପାନୀ ମଧ୍ୟରେ ତଦନ୍ତ ସିମିତ ରଖିଛି । ଏଯାଏଁ ଚାକିରି ବିକ୍ରିର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଥିବାବେଳେ ସିଣ୍ଡିକେଟ୍‌ର ମୂଳରେ କେବେ ଓ କିପରି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି । ତେଣୁ ଚାକିରି ବିକ୍ରି ପାଇଁ ଖୋଦ୍ ପୁଲିସ୍ ଅଧିକାରୀମାନେ ହିଁ ଗଳାବାଟ ପ୍ରସ୍ତୁତ କରିଥିବା ଧାରଣା ଦୃଢ଼ୀଭୂତ ହୋଇଛି । ପରୀକ୍ଷା ସମ୍ପର୍କିତ ସମସ୍ତ ଗୋପନୀୟ କାର୍ଯ୍ୟ କରିବା ପାଇଁ ଆଇଟିଆଇ ଲିମିଟେଡ୍‌କୁ ଅଖଣ୍ଡ କ୍ଷମତା ଦେଇଛନ୍ତି । ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଛପାଇବା ଠାରୁ ଆରମ୍ଭ କରି ଓପିଆର୍‌ବି ମୁଖ୍ୟାଳୟରେ ପହଞ୍ଚାଇବା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ପାଇଁ ସିସିଟିଭି, ସିସିଟିଭି ପରିଚାଳନା ଆଦି ସମସ୍ତ କାର୍ଯ୍ୟ କରିବାକୁ ଟେଣ୍ଡର ଦେଇଛନ୍ତି । ପରୀକ୍ଷାରେ ଗଫଲତି ପାଇଁ ଅଧିକାରୀମାନେ ଯେପରି ଉତ୍ତରଦାୟୀ ନ ହେବେ, ସେଥିପାଇଁ ଟେଣ୍ଡର ନେଇଥିବା କମ୍ପାନୀ ହିଁ ଦାୟୀ ରହିବ ବୋଲି ଧାଡ଼ିକିଆ ନିର୍ଦ୍ଦେଶନାମା ଲେଖିଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି । ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆଇଟିଆଇ ଲିମିଟେଡ୍‌କୁ ଦେବା ପରେ କେବଳ ଓପିଆର୍‌ବି ଅଧିକାରୀମାନେ ପର୍ଯ୍ୟବେକ୍ଷଣ କରିବେ ବୋଲି କୁହାଗଲା । ହେଲେ କେଉଁ କାର୍ଯ୍ୟକୁ କିଏ ଓ କେମିତି ପର୍ଯ୍ୟବେକ୍ଷଣ କରିବେ ସେ ନେଇ କିଛି ଉଲ୍ଲେଖ କରାଗଲା ନାହିଁ । ଫଳରେ କୌଣସି ଗଫଲତି ଧରା ପଡ଼ିଲେ ମଧ୍ୟ ଅଧିକାରୀଙ୍କ ଉପରକୁ ଆଞ୍ଚ ଆସିବ ନାହିଁ । ଏକାଧିକ ଗଳାବାଟ ଛାଡ଼ିଦେବା ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ନ କରବାରୁ ପରୀକ୍ଷାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସବ୍-କଣ୍ଟ୍ରାକ୍ଟ ପାଇଥିବା କମ୍ପାନୀଙ୍କ ହାତକୁ ଚାଲିଗଲା । ଏସବୁ ଗଳାବାଟ ଛାଡ଼ିବା ପଛରେ ଚାକିରି ବିକ୍ରି ହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି । ତଦନ୍ତକୁ ବ୍ୟାପକ କଲେ ବହୁ ବରିଷ୍ଠ ଅଧିକାରୀ ଧରା ପଡ଼ିବା ନିଶ୍ଚିତ ହୋଇଥିବାରୁ ସେହି ପୁଲିସ୍ ବିଭାଗ ହିଁ ଘଟଣା ଚାପିବାକୁ ଆପ୍ରାଣ ଉଦ୍ୟମ କରୁଥିବା ଆଇନଜ୍ଞମାନେ ଅଭିଯୋଗ କରିଛନ୍ତି । ଯଦି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି କରାଇବାକୁ ନେବା ସମୟରେ ପରୀକ୍ଷାର୍ଥୀ ଓ ଦଲାଲ୍ ଗିରଫ ହେଲେ, ତାହାଲେ ଦଲାଲ୍‌ଙ୍କୁ ପ୍ରଶ୍ନପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ପାଖରେ କିପରି କ୍ରାଇମ୍‌ବ୍ରାଞ୍ଚ ପହଞ୍ଚିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ବୌଦ୍ଧ ମହୋତ୍ସବରେ...

ସେନା ତଥା ମିଲିଟାରୀ ଜୁଣ୍ଟା ଶାସନଭାର ହାତକୁ ନେବା ପରେ ଏବେ ମିଆଁମାରରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟିହୋଇଛି । ଦେଶରେ ଗଣତନ୍ତ୍ରର ସମର୍ଥକ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ମିଲିଟାରୀ ଜୁଣ୍ଟା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି । ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ଆୟୋଜନ ହେବ ବୋଲି କୁହାଯାଇଛି । କିନ୍ତୁ ବ୍ୟାପକ ଦୁର୍ନୀତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ଅଗ୍ରାହ୍ୟ କରିଛନ୍ତି ।

### ସରକାରଙ୍କୁ ଆଇନଶୃଙ୍ଖଳା...

ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### କମୁଛି ଏନ୍‌ଆର୍‌ଆଇ...

ସେହି ଆକର୍ଷଣକୁ ଏବେ ଶିଥିଳ କରିଦେଇଛି । ଟ୍ରମ୍ପ ପୁନର୍ବାର କ୍ଷମତାକୁ ଆସିବାର ୬ ମାସ ମଧ୍ୟରେ ସେହି କ୍ରେଜ୍ କମିଯାଇଛି । ଅନେକ ପରିବାର ଏବେ ବିବାହକୁ ବିଳମ୍ବ କରୁଛନ୍ତି । ସେମାନେ ପ୍ରବାସ ନୀତି ଉପରେ ସ୍ପଷ୍ଟତାକୁ ଅପେକ୍ଷା କରିଛନ୍ତି ।

ଟ୍ରମ୍ପ୍‌ଙ୍କ ଏଚ୍୧-ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା, ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଔଷଧ, ଅର୍ଥ ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ । ଟ୍ରମ୍ପ୍‌ଙ୍କ ଭିସା ବିସ୍ଫୋରଣ ଭାରତ ପାଇଁ ଏକ ଆଘାତ ପ୍ରମାଣିତ ହେଉଛି କାରଣ ଏହି ଭିସା ସହିତ ଆମେରିକାରେ କାମ କରୁଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଭାରତୀୟ । ରିପୋର୍ଟରୁ ଜଣାପଡିଛି ଯେ, ୨୦୨୪ ଆର୍ଥିକବର୍ଷରେ ମୋଟ ଅନୁମୋଦିତ ଏଚ୍୧-ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ଭାରତୀୟ ଥିଲେ । ଯଦିବା ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଏଚ୍୧-ବି ଭିସା ଫି' ନିୟମ ସ୍ପଷ୍ଟ କରିଛି । ତଥାପି ଭାରତରେ ଏହାର ପ୍ରଭାବ ଅନୁଭୂତ ହେଉଛି । ବିଶେଷକରି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଏନ୍‌ଆର୍‌ଆଇମାନଙ୍କ ସହିତ ବିବାହ କରାଇବାକୁ ଯୋଜନା କରୁଥିଲେ ସେମାନଙ୍କ ମଧ୍ୟରେ ଭୟ ଆହୁରି ଗଭୀର ହୋଇଛି । ଏହାର ଅର୍ଥ ହେଉଛି ଟ୍ରମ୍ପଙ୍କ ଭିସା ବୋମା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ କରୁଛି । ବେସ୍ପୋକ୍ ମ୍ୟାଚ୍ ମେକିଂ ସେବା ଭଏଜ୍ ଫର୍ ଇଟରନିଟି ର ପ୍ରତିଷ୍ଠାତା ଅନୁରାଧା ଗୁପ୍ତା କହିଛନ୍ତି ଯେ ଟ୍ରମ୍ପ୍‌ଙ୍କ ଭିସା ନିୟମ ଘୋଷଣା ପରେ ଏହି ପରିବର୍ତ୍ତନ ବ୍ୟାପକ ଭାବରେ ଅନୁଭୂତ ହୋଇଛି । ଉଲ୍ଲେଖନୀୟ ଯେ ବିଶ୍ୱର ସବୁଠାରୁ ଅଧିକ ଭାରତୀୟ ପ୍ରବାସୀ ଆମେରିକାରେ ବାସ କରନ୍ତି, ଯେଉଁଥିରେ ପ୍ରାୟ ୨୧ ଲକ୍ଷ ଏନ୍‌ଆର୍‌ଆଇ ଅନ୍ତର୍ଭୁକ୍ତ ।

**JEYPORE LAW COLLEGE, JEYPORE,**
**DIST. KORAPUT (ODISHA) Pin - 7640003**

Applications are invited for the following posts:-
1. Principal

Terms and Conditions:
- Qualification, Eligibility – As per the UGC Norms
- Salary – Negotiable.
- Interested candidates may apply by registered post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within 21 days from the date of publication of this advertisement.
- Candidates applied earlier for the above mentioned post in response to our advertisement of July, 2025 need not apply again.

Sd/-President,
Jeypore Law College Governing Body,
Jeypore, Pin - 764003

Office of District Manager
Odisha State Civil Supplies Corporation Ltd. (OSCSC)
NABARNGPPUR
Phone: 9438200053
District Website : nabarangpurnic.in
CAD-1945

Tender No. 27,28,29,30,31,32,33,34,35 & 36 Dt. 06.10.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **(i) Paddy from Paddy Purchase Centres ( PPCs) / Mandis to Rice Mill point( Within or outside district ) & (II) Custom Milled Rice ( CMR) from Rice Mill Points to Rice Receiving Centres ( RRCs)/ Depots (Within or outside district)** |
| 2 | Availability of bid document in the portal | From 09.10.2025 |
| 3 | Last Date / Time for receipt of bids in the portal | Dt 27.10.2025 up to 5.00 P.M. |
| 4 | Date/Time of Opening of Technical Bid | Dt 28.10.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

OIPR-07045/11/0004/2526
District Manager
OSCSC Ltd. Nabarangpur

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Pranati Samantara, aged about 41 years, W/o- Dillip Baliarsingh, resident of At/Po-Sanapadar, PS- Begunia, Dist- Khordha, PIN-752064, Odisha declared by this affidavit No. 2025, dtd- 07/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit (CF No.99) sworn before The Executive Magistrate, Bhubaneswar dated-09/06/2025. I, **Budhi Redi**, W/o Balaram Redi, Address: Plot No. 1584, Narayanibasti, Unit-8, Nayapalli, Bhubaneswar, Dist-Khurda, PIN- 751012, Odisha declare that I have changed my minor daughter's name from **Nandini Redi To S.Nandini Reddy.** Henceforth, she shall be known as **S.Nandini Reddy** (new name) for all purposes.
**Budhi Redi**

**AFFIDAVIT**
I, Shakuntala Behera, aged about 63 years, W/o- Ananta Kumar Behera, resident of At-Praharajapur, Muntunia, Dakshinpraharajpur, Raibania, Dist- Baleswar, PIN- 756033, Odisha declared by this affidavit No. 2024, dtd- 07/10/2025 that now onwards I shall be known as **SAKUNTALA BEHERA** for all future purposes.

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com
O-857

Letter No. 5271 Date 24.09.2025

e-Procurement Notice

Name of the work :- Road Works
Total No of works :- 38 (Thirty Eight) No's.
Approx. Estimated Cost :- Rs. 5.08 lakhs to Rs. 13.56 lakhs
Class of Contractor :- "C" & "D" Class Contractor
Period of completion :- 2 (Two) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -07/2025-26 | 38 (Thirty Eight) No's. | 10.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | |

For Details can be seen from the Government website www.tendersorissa.gov.in

OIPR-25092/11/0022/2526
Executive Engineer
Rural Works Division-I, Nabarangpur

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ବାଲୁଗାଁ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା । ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ । ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି । ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବାଲୁଗାଁ ଶାଖା / **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ବିଶୋଇ,** ପିତା: ମୋହନ ବିଶୋଇ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ ଅରବିନ୍ଦ ପାଇକରାୟ,** ପିତା: ଭାଗିରଥି ପାଇକରାୟ, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଦେଇପୁର, ଆକୁଲା, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ମିଆଦୀ ଋଣ | ୨୯.୦୮.୨୦୨୨ / ୦୬.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୯,୨୯,୨୯୫.୬୧ | ଶ୍ରୀ ବିଶ୍ୱମ୍ଭର ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୮୦/୬୦୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ପ୍ଲଟ୍ ନଂ.: ୭୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୭୩ ଡିସିମିଲି, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ଏକର୦.୦୪୨ ଡିସିମିଲି, ପ୍ଲଟ୍ ନଂ.: ୬୯/୭୦୦, କ୍ଷେତ୍ର: ଏକର୧.୨୪୪ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୯୬ ଡିସିମିଲି, ଖାତା ନଂ.: ୨୪୦/୪୨ (ସମୁଦାୟ ୬ଟି ପ୍ଲଟ୍), **ସମୁଦାୟ କ୍ଷେତ୍ର: ଏକର୧.୫୧୩ ଡିସିମିଲି,** ମୌଜା: ବ୍ରାହ୍ମଣଦେଇପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ । ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୦.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କୃଷି ଅଧିକାରୀ

# ଧାନଗଛ ମୂଳରେ ମାଟିଆ ଗୁଣ୍ଡି ପୋକ ସାଲୁବାଲୁ

ବାରିକପୁର,୮ ।୧୦(ସମିସ):




ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷ ହୋଇଥିବା ଖରିଫ୍ ଧାନ ଚାଷରେ ଏବେ ବିଭିନ୍ନ ପ୍ରକାରର ପୋକ ଲାଗିଥିବା ଦେଖାଯାଇଛି । ବିଶେଷ କରି ଧାନ ଗଛ ମୂଳରେ ମାଟିଆ ଗୁଣ୍ଡି ପୋକ ଉପଦ୍ରବ ଏବେ ଚାଷୀଙ୍କୁ ଚିନ୍ତାରେ ପକାଇଛି । ସାଧାରଣତଃ ଏହି ପୋକ ଧାନ ଥୋଡ ହେବା ପରେ ଜମିରେ ଦେଖାଯାଏ। ବିଶେଷକରି ଧାନ ଆହାର ଢ଼ୋକି ଫୁଲ ଉଡେଇବା ବେଳେ ଏହି ପୋକର ଆବିର୍ଭାବ ହୋଇଥାଏ। ଏବେ କିନ୍ତୁ ଧାନଗଛ ପିଲ ବୃଦ୍ଧି କରୁଥିବା ବେଳେ ଅନେକ ଚାଷ ଜମିରେ ମାଟିଆ ଗୁଣ୍ଡି ସାଲୁବାଲୁ ହେଉଛନ୍ତି। ଧାନମୂଳରେ ଏହି ପୋକ ବଂଶ ବିସ୍ତାର କରୁଥିବା ବେଳେ ଗଛର ପିଲ ବୃଦ୍ଧିରେ ଏହା ବାଧକ ସାଜୁଛି । ଏହାଛଡା କେତେକ ସ୍ଥାନରେ କାଣ୍ଡବିନ୍ଧା ମଧ୍ୟ ଆରମ୍ଭ ହୋଇଗଲାଣି। ତେଣୁ ଚାଷୀ ବିଚଳିତ ହୋଇଗଲେଣି। କେଉଁ ପ୍ରକାର ବିଷ ପ୍ରୟୋଗ କଲେ ପୋକ ଦମନ ହେବ ତାହା ମଧ୍ୟ ଚାଷୀ ଜାଣିପାରୁନାହାନ୍ତି । କୃଷି ବିଭାଗ ପକ୍ଷରୁ କୌଣସି କ୍ଷେତ୍ର ପରିଦର୍ଶନ କରାଯାଉନାହିଁ। ତେଣୁ ଚାଷୀ ସଠିକ କୀଟନାଶକ ପ୍ରୟୋଗ ପାଇଁ କୌଣସି ପରାମର୍ଶ ପାଇପାରୁନାହାନ୍ତି । ସମ୍ପ୍ରତି ବର୍ଷା ଲାଗିରହିଥିବା ବେଳେ ଯଦିଓ କିଛି କୃଷକ ଚାଷ ଜମିରେ ବିଷ ପ୍ରୟୋଗ କରିଛନ୍ତି ତାହା ଫଳପ୍ରଦ ହେଉନାହିଁ। ଦିନକୁ ଦିନ କୀଟ ପୋକ ଜମିକୁ କବଳିତ କରୁଛି । ପୋକ ଉପଦ୍ରକ ଦ୍ୱାରା କ୍ଷୁଦ୍ର, ମଧ୍ୟମ ଓ ଭାଗଚାଷୀ ଅନେକ ମାତ୍ରାରେ କ୍ଷତି ସହୁଥିବା ଅଭିଯୋଗ ହେଉଛି। ଏବେଠାରୁ ପୋକ ଉପଦ୍ରବ ଏଭଳି ଭାବେ ବୃଦ୍ଧି ପାଉଛି ଯେ ଆଗକୁ ଚାଷ ଜମି ଗୁଡିକୁ ଏଥିରୁ କେଉଁଭଳି ସୁରକ୍ଷା ଦିଆଯିବ ସେନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି । ବ୍ଲକର ରାଜେନ୍ଦ୍ରପୁର, କୋଟସିରା, ନାଆମୀ, ରାଢୋ, ରହଣିଆ, ବିଷ୍ଣୁପୁର, ନିର୍ଗୁଣ୍ଡି, ବାଲିପୋଖରୀ, ରଣଜିତ, ନେରଡ଼ା, ରାମଚନ୍ଦ୍ରପୁର, ନଗୁଆଁ, ସରସଦା, କୁରିଗାଁ, ତେସିଙ୍ଗା ପ୍ରମୁଖ ସ୍ଥାନରେ ମାଟିଆ ଗୁଣ୍ଡି ଓ କାଣ୍ଡବିନ୍ଧା ଉପଦ୍ରକ ଆରମ୍ଭ ହୋଇଥିବା ଅଭିଯୋଗ ମାନ ହସ୍ତଗତ ହୋଇଛି । ତେଣୁ କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଭଣ୍ଡାରିପୋଖରୀରେ ମା' ଗଜଲକ୍ଷ୍ମୀ ପୂଜା



ଭଣ୍ଡାରିପୋଖରୀ,୮ ।୧୦(ସମିସ): ଭଣ୍ଡାରିପୋଖରୀର ବଜାର ମା'ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି । କମିଟି ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ (ବାବୁନା) ଘଟ ଉତ୍ତୋଳନ କରି ପୂଜା ପୂଜା ଆରମ୍ଭ କରିଥିଲେ । କାରିଗର ଟୁକୁଲା ପଣ୍ଡା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି । ପୂଜକ ନାରାୟଣ ଚନ୍ଦ୍ର ପଣ୍ଡା ଓ ସାଥି ପୂଜାକାର୍ଯ୍ୟ ତୁଲାଉଛନ୍ତି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସଭାପତି କମିଟି ସଭାପତି ମହେନ୍ଦ୍ର ପରିଡା, ସୁଧାଂଶୁ ମୋହନ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଗ୍ରାମ କେଶରୀ ସାହୁ, ଜିତେନ୍ଦ୍ର ନାୟକ, ରାଜେନ୍ଦ୍ର ଦାସ, ଜ୍ଞାନେନ୍ଦ୍ର ସାହୁ, ରାଜେନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ଜେନା, ଅର୍ଜ୍ଜୁନା ସାହୁ, ଶୁଭ୍ରମ କେଶରୀ ସାହୁ, ବାବୁଲି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ହିମାଂଶୁ ପଣ୍ଡା, ନାରାୟଣ ଜେନା, ଗିରିଧାରୀ ଜେନା, ରାଜକିଶୋର ସାହୁ, ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି । ବୁଧବାର ସନ୍ଧ୍ୟାରେ ମେଲୋଡି ପରିବେଷଣ, ଗୁରୁବାର ପ୍ରସାଦସେବନ ଓ ଶୁକ୍ରବାର ଭସାଣ ଅନୁଷ୍ଠିତ ହେବ ।

## ୫୪ ବର୍ଷ ହେଲା ଡମ୍ବରୁବାବୁଙ୍କ ପରିବାର କରୁଛନ୍ତି ଲକ୍ଷ୍ମୀପୂଜା



ଭଣ୍ଡାରିପୋଖରୀ,୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକର କହରାପୋଖରୀଶାସନ ଗ୍ରାମର ସ୍ୱର୍ଗତ ଡମ୍ବରୁଧର ବେହେରାଙ୍କ ପରିବାର ପକ୍ଷରୁ ଚଳିତ ବର୍ଷ ୫୫ତମ ମା' ଲକ୍ଷ୍ମୀପୂଜା ପାଳନ ହେଉଛି । ଗତ ୧୯୭୧ ମସିହାରେ ଦିବଙ୍ଗତ ପତ୍ନୀ କୁନ୍ତଳା ଦେବୀଙ୍କ ଆଗ୍ରହ ଯୋଗୁଁ ଅଭାବ ଅନାଟନକୁ ଭ୍ରୁକ୍ଷେପ ନକରି ଡମ୍ବରୁବାବୁ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ହଲର ମିସ୍ତ୍ରୀ ବୁଲାରାମ ଦାସ ପ୍ରଥମେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ମାତ୍ର ଶହେ ଟଙ୍କା ପାରିଶ୍ରମିକରେ ନିର୍ମାଣ କରିଥିଲେ। ପାଲାଗାୟକ ଲୋକନାଥ ନାୟକ ଓ ସ୍ଥାନୀୟ ଜ୍ୟୋତିଷ ତଥା ପାଲାକାର ଚିନ୍ତାମଣି ନାୟକ ନାମମାତ୍ର ପାଉଣାରେ ପାଲା ପରିବେଷଣ କରିଥିଲେ। ସେବେ ଠାରୁ ଆଜି ପର୍ଯ୍ୟନ୍ତ ମା'ଙ୍କ ପୂଜାରେ ପାଲା ଅନୁଷ୍ଠିତ ହେବାର ପରମ୍ପରା ରହିଆସିଛି। ଚଳିତ ବର୍ଷ ଗାୟକ ଜ୍ଞାନସୌରଭ ପ୍ରଶାନ୍ତ କୁମାର ବେହେରା ପାଲା ପରିବେଷଣ କରିବେ। ପୂଜକ ଶ୍ରୀକାନ୍ତ ପଣ୍ଡା, ଗଜେନ୍ଦ୍ର ପଣ୍ଡା ଓ ସାଥୀ ପୂଜା କାର୍ଯ୍ୟ ତୁଲାଇଛନ୍ତି। ସାନଭାଇ ପ୍ରାଣବନ୍ଧୁ ବେହେରା ଓ ଭାଇବୋହୂ ସେବତୀ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ସତ୍‌ସଙ୍ଗବିହାର ପୋଖରୀରୁ ଜଳଘଟ ଉତ୍ତୋଳନ କରି ସଙ୍କଳ୍ପ କରୁଛନ୍ତି। ମା'ଙ୍କ ନିକଟରେ ପ୍ରତ୍ୟହ ସାରୁ, ମୁଗ ଖେଚୁଡି ଭୋଗ ଲାଗି ହେବା ବିଧି ଏବେ ବି ପ୍ରଚଳିତ ରହିଛି। ଡମ୍ବରୁବାବୁଙ୍କ ଅନ୍ତେ ଅତୁଟ ଥିବା ତିରିଶ ଜଣ ବିଶିଷ୍ଟ ଯୌଥ ପରିବାରର ସଦସ୍ୟ ସନ୍ତୋଷ, ଅଶୋକ, ଶରତ, ଶମ୍ଭୁନାଥ, ଅଜୟ, ବିଜୟ, କମ୍ବୁନାଥ, ହାଡିବନ୍ଧୁ, ସୂର୍ଯ୍ୟମଣି, ଚନ୍ଦ୍ରମଣି, ଚନ୍ଦନ, ନିଶିକାନ୍ତ ଓ ହିମାଂଶୁ ମା'ଙ୍କ ପୂଜା ଦାଇତ୍ୱ ତୁଲାଉଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବାରିକପୁର, ୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା କେନ୍ଦ୍ର ପରିଚାଳକ ମହେଶ୍ୱର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବଜରଙ୍ଗ ଦଳ ସଦସ୍ୟ ବିପିନ ବିହାରୀ ପଣ୍ଡା, ରଣଜିତ ପୃଷ୍ଟି, ପ୍ରକାଶ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ବେହେରା, ହିମାଂଶୁ ପାତ୍ର, ସମାଜସେବୀ ଦେବବ୍ରତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଅନେକ ଚକ୍ଷୁ ରୋଗୀ ଉପସ୍ଥିତ ରହି ଆଖି ପରୀକ୍ଷା ନିରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ମହାପାତ୍ର, ଚିରଞ୍ଜନ ଦାସ, ସତ୍ୟରଞ୍ଜନ ସାମଲ, ସୁବ୍ରତ ଦାସ, ଆକାଶ ବିନ୍ଧାଣି ପ୍ରମୁଖ ପରିଚାଳନା କରିଥିଲେ।

## ପୋଖରୀରେ ବୁଡି ଯୁବକ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୮ ।୧୦(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ସମସମାଦୌଲତପୁର(କୁଶଗଡିଆ) ଗ୍ରାମର ଯୁବକ ବିକାଶ ମଲ୍ଲିକ(୨୮) ବୁଧବାର ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା



ଜଣାଯାଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିବା ଜେଜେମାର ଅନ୍ତେଷ୍ଟିକ୍ରିୟା ବୁଧବାର ମଧ୍ୟାହ୍ନରେ ସରିଥିଲା। ଏହାପରେ ଗ୍ରାମ ପୋଖରୀକୁ ସ୍ନାନ ପାଇଁ ଅନ୍ୟମାନଙ୍କ ସହ ବିକାଶ ଯାଇଥିଲା। ସେଠାରେ ଗୋଡ ଖସିଯିବାରୁ ବିକାଶ ପୋଖରୀ ପାଣିରେ ବୁଡି ଯାଇଥିଲା। ପରିବାର ଲୋକେ ଉଦ୍ଧାର ପାଇଁ ବିଫଳ ହୋଇ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ବିକାଶଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିକାଶର ଦାଦା ପ୍ରସନ୍ନ ମଲ୍ଲିକଙ୍କ ଅଭିଯୋଗ କ୍ରମେ ଥାନାରେ ୨୧/୨୫ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଛି।

## ଘାଟକୂଳ ଗାଁରେ ମା' ଗଜଲକ୍ଷ୍ମୀ ସାଂସ୍କୃତିକ ମହୋତ୍ସବ

ଅସୁରାଳି,୮ ।୧୦(ସମିସ): ପଙ୍ଗଟା ଘାଟକୂଳ ଗାଁରେ ମା' ଗଜଲକ୍ଷ୍ମୀ ସାଂସ୍କୃତିକ ମହୋତ୍ସବର ପ୍ରଥମ ସନ୍ଧ୍ୟା ଉତ୍ସାହ ଓ ଉତ୍ସବମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଲା । ଦୁଇଟି ମଣ୍ଡପରେ ମା ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ଆୟୋଜିତ ଏହି ମହୋତ୍ସବ ଗ୍ରାମ ଜୀବନରେ ଏକ ନୂତନ ଉଜ୍ଜ୍ୱଳତା ଆଣିଛି । ମୁଖ୍ୟ ଅତିଥି ଭାବେ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ କମିଟିର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରଦୀପ ମାଝୀ, ସୁଦର୍ଶନ ରାଉତ, ବାଦଲ ବିଶ୍ୱାଳ, ମୁରଲୀଧର ଦାସ, ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବସନ୍ତିଆ, ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଧର୍ମେନ୍ଦ୍ର ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାରାୟଣୀ ଡ୍ୟାନ୍ସ ଗ୍ରୁପର ନୃତ୍ୟଶିଳ୍ପୀମାନେ ଦ୍ୱାରା ଉପସ୍ଥାପିତ ନୃତ୍ୟ ଓ ସାଙ୍ଗୀତିକ ଅଭିନୟ ଦର୍ଶକଙ୍କ ମନମୋହିଥିଲା । ଅନ୍ୟତମ ଆକର୍ଷଣ ରୂପେ ଏଥିରେ ଗ୍ରାମର କୁନି କୁନି ପିଲାମାନେ ମଧ୍ୟ ନୃତ୍ୟ, ଗୀତ ଓ ଅଭିନୟ



ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ତାଙ୍କର ନିର୍ମଳ ଉତ୍ସାହ ଓ ନିଷ୍ଠା ଦର୍ଶକମାନେ ମଧ୍ୟରେ ଅନନ୍ୟ ଆନନ୍ଦ ଦେଇଥିଲା । ଏହି ଅଂଶ ଗ୍ରାମ ଶିଶୁମାନେ ମଧ୍ୟ ସାଂସ୍କୃତିକ ଐକ୍ୟର ଅଂଶୀଦାର ହେଉଛନ୍ତି ବୋଲି ଏକ ଦୃଢ଼ ସନ୍ଦେଶ ଦେଇଛି। ଦୁଇଟି ଅନୁଷ୍ଠାନର ସଭାପତି ନିଶିକାନ୍ତ ନାୟକ, ସୁଶାନ୍ତ ମହାପାତ୍ର, ସମ୍ପାଦକ ସିମାଞ୍ଚଳ ଦାସ, ବିଷ୍ଣୁ ବସନ୍ତିଆ ଓ ସମସ୍ତ କମିଟି ସଦସ୍ୟ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଦ୍ୱାରା ସାମାଜିକ ଏକତା, ସାଂସ୍କୃତିକ ଅନୁଭୂତି ଓ ଅନ୍ତଃସ୍ଥଳ ଏକ ମିଳନ ମଞ୍ଚ ଭାବେ ଉଦ୍‌ଭାସିତ ହୋଇଛି ।

## ବରିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ପାଇଁ ୪ ଖେଳାଳି ମନୋନୀତ

ଭଦ୍ରକ,୮ ।୧୦(ସମିସ): ଦିଲ୍ଲୀ ସ୍ଥିତ ନୋଏଡ଼ା ଶାରିରିକ ଶିକ୍ଷା ଶିକ୍ଷକ ବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ଗତ ୮ ତାରିଖରୁ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ୧୨ ତାରିଖରେ ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ଟେନିକଏଟ୍ ସଂଘ ୬ ଜଣ ଲେଖାଏଁ ପୁରୁଷ ଓ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ନାରାୟଣ ବେହେରା, ରାଜେଶ ନାୟକ ଓ ନିର୍ମଳ ସେନ୍। ସେହିପରି ମହିଳା ବିଭାଗରେ ମଧୁସ୍ମିତା ନାୟକ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ରାଜ୍ୟ ସ୍ତରୀୟ



ଟେନିକଏଟ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ରାଜେଶ ନାୟକ ଚାମ୍ପିଆନ, ନିର୍ମଳ ସେନ୍ ରର୍ନସ ଅପ୍, ନାରାୟଣ ବେହେରା ଚତୁର୍ଥ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘର ସଂପାଦକ ମନୋଜ କୁମାର ସାହୁ, ସଭାପତି ଗୋଲକ ନାୟକ, ସୁବାସ ଦିକ୍ଷୀତ୍, ଭବେଶ ଦାସ, ଚନ୍ଦନ ଦେ, ରାଜତିଲକ୍ ସ୍ୱାଇଁ, ସତ୍ୟଜିତ୍ ପରମାଣିକ୍, ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ରାଜ ତିଲକ ସ୍ୱାଇଁ ପ୍ରଶିକ୍ଷକ ରୂପେ ଯାତ୍ରା କରୁଛନ୍ତି।

## ଭିତ୍ତିପ୍ରସ୍ତରରେ ରହିଗଲା ମଙ୍ଗଳପୁର-ବିଲଣା ରାସ୍ତା

ଅସୁରାଳି,୮ ।୧୦(ସମିସ): ସହିଦ୍ ଦିବସ ଅବସରେର ମଙ୍ଗଳପୁର-ବିଲଣା ରାସ୍ତାର ଶୁଭ ଦିଆଯାଇଥିଲା । ଇତିମଧ୍ୟରେ ଦେଢବର୍ଷ ବିତିଯାଇଥିଲେ ହେଁ ରାସ୍ତା ନିର୍ମାଣ ଆରମ୍ଭ ହୋଇନାହିଁ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଭିତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଏବେ ଅଦୃଶ୍ୟ ହୋଇ ଗଲା ଭଳି ଲାଗୁଛି । ଯେଉଁଠି ଲୋକଙ୍କ ଆଶା ଅଟକି ରହିଛି। ଏହି ରାସ୍ତା ମୁଖ୍ୟ ଯାତାୟାତ ଅଂଶ ହେବା ସତ୍ତ୍ୱେ ଏଯାଏଁ ଏହାର ଉନ୍ନତିକରଣ ପାଇଁ କୌଣସି ପଦେକ୍ଷପ ନିଆଯାଇନାହିଁ। ଗାଁ ଲୋକମାନେ ଦୈନିକ ଯାତ୍ରାରେ ଅସୁବିଧା ଅନୁଭବ କରୁଛନ୍ତି। ବର୍ଷା ଦିନେର କାଦୁଅ, ଗ୍ରୀଷ୍ମ ଦିନେର ଧୂଳି, ଓ ରାତିରେ ଅନ୍ଧାରର ଅପରିଚିତ ଖାଲ ଢିପ ସହିତ ଯୁଝୁଛନ୍ତି ଲୋକେ। ଏ ନେଇ ଏସ୍.ଡି.ଓ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ଲଗାତାର ବର୍ଷା ଯୋଗୁଁ ରାସ୍ତା କାମ ଅଟକି ରହିଛି। ଆଗାମୀ ସମୟେର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।



## ଭଦ୍ରକ ମୁସଲିମ ଜମାତ ପକ୍ଷରୁ ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୮ ।୧୦(ସମିସ): ଭଦ୍ରକ ମୁସଲିମ ଜମାତ ଆନୁକୂଲ୍ୟରେ ପୁରୁଣାବଜାର ସ୍ଥିତ ମଦିନା ମଇଦାନଠାରେ ଏକ ସମ୍ବର୍ଦ୍ଧନା ସଭା ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦଙ୍କ ସହଯୋଗ କରିଥିଲେ। ବିଶିଷ୍ଟ କବି ତଥା ମାଷ୍ଟର ମୁସ୍ତାକ ଗୌହର ସଭା ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଡଏ ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ମୁସଲିମ ଜାମତର ସଂପାଦକ ହାଜୀ ଅବଦୁଲ ମୁକିତ ଖାନ, ଜମିଲ ଅଖତର ଖାନ, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାନ, ଅସରଫ ଅଲ୍ଲି ଖାନ, ମିର୍ଜା ଏକ୍ରାମ ବେଗ, ଶେଖ ଅବୁକଲାମଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ସଭରପତି ସଭାପତି ଅଜୟ ନାୟକ, ପ୍ରଧାପକ ନାସିର ବକ୍ସ, ସମାଜସେବୀ ସୁଧାକର ରାଉତ, ଅବସରପ୍ରାପ୍ତ ବିଚାରପତି ନୌସାଦ ଅଲି ଖାନ, ବାଲାଶ୍ରମ ସଂପାଦକ ଅଶୋକ ଦାସ ପ୍ରମୁଖ ଯୋଗଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୪ର୍ଥ ସ୍ଥାନରେ ସଫଳତା ଅର୍ଜନ କରିଥିବା ମିର୍ଜା ଫୈଜ ଅହମଦ କାଦ୍ରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ପିତା-ମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପୁରୁଣାବଜାରସ୍ଥିତ ଶଙ୍କରପୁର (ମିର୍ଜାପଟି) ନିବାସୀ ଘରୋଇ ଆମିନ ଜାୱେଦ ଇକବାଲ(ବବି) ଓ ସିତାରା ଖାତୁନଙ୍କ ବଡ଼ ପୁଅ ମିର୍ଜା ଫୈଜ ଅହେମଦ କାଦ୍ରୀଙ୍କୁ ଏବେ ୨୬ ବର୍ଷ । ମିର୍ଜା ଫୈଜ ସନସାଇନ୍ ସ୍କୁଲ, କାର୍ମେଲ ସ୍କୁଲ, ନବୋଦୟ ସ୍କୁଲରେ ପାଠ ପଢ଼ି ନୂଆଦିଲ୍ଲୀସ୍ଥିତ ଜାମିଆ ଇସଲାମିଆ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଜି କରୁଛନ୍ତି । ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ପିତା, ମାତା, ଗୁରୁଙ୍କୁ ଆଶିଷ ଓ ଭଗବାନର ଆଶୀର୍ବାଦରୁ ତାଙ୍କୁ ସଫଳତା ମିଳିଛି ବୋଲି କହିଥିଲେ। ସଭାରେ ମୁସଲିମ ଜମାତର ବରିଷ୍ଠ କର୍ମକର୍ତ୍ତା ଏସ.ଏମ.ଫାରୁକ, ହାଜୀ କାଶିମ ଖାଁ, ହାଜି ହିଫଜୁର ରହେମାନ, ହାଜି କୟୁମ ଅଲି, ହାଜି ସଇଦ ସାହା, ସମ୍ବାଦ ଦାତା ଓ ମିଡିଆ ସେଲର ସଂଯୋଜକ ଶେଖ ଅନୱର (ବାବୁ) ଓ ସମସ୍ତ ବସ୍ତିର ସରଦାର ଏବଂ ସ୍କୁଲ-କଲେଜର ଛାତ୍ରଛାତ୍ରୀ ଓ ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଗଜକଲରେ ସୀମିତ ନିଶା ନିବାରଣ

## ଗ୍ରାମାଞ୍ଚଳରେ ବଢ଼ି ଚାଲିଛି ମଦ କାରବାର

ଅସୁରାଳି,୮ ।୧୦(ସମିସ):

ଧାମନଗର ବ୍ଲକ୍ ଅଞ୍ଚଳ ଏବେ ନିଶା ବେପାରୀଙ୍କ ଚରାଭୂଇଁ ପାଲଟିଛି । ଏପରି ସ୍ଥିତି ହୋଇଛି ଯେ ଗାଁ ଗାଁରେ ମଦ କାରବାର ଚାଲିଛି । ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଟେଣ୍ଡର ମାଧ୍ୟମରେ ମଦ ଦୋକାନ ହାତେଇଥିବା ବ୍ୟବସାୟୀମାନେ ଖୋଲାଖୋଲି ଗାଁ ଗହଳି ଦୋକାନୀଙ୍କୁ ମଦ ଯୋଗାଇ ଦେଉଛନ୍ତି। ଅବକାରୀ ଥାନା ମଧ୍ୟ ଧାମନଗରରେ ରହିଛି; କିନ୍ତୁ ମାସିକିଆ ବଟି ନେଇ ନୀରବ ଦ୍ରଷ୍ଟା ପାଲଟିଛି ବିଭାଗ; ତଥାପି ଚୋରା ମଦ ବେପାର ଗାଁ ଗଳିରୁ ଛକ ବଜାର ଯାଏ ଚାଲିଛି। ବ୍ଲକରେ ୫ଟି ସରକାରୀ ଅନୁମୋଦିତ ଠିପି ବନ୍ଦ ମଦ ଦୋକାନ ରହିଛି । ଦେଶୀ ସରକାରୀ ଭାଟି ୨ଟି ରହିଛି। ଏସବୁ ଦୋକାନରୁ ଗାଁଗଣ୍ଡାକୁ ଖୋଲାଖୋଲି ଭାବେ ମଦ ଚାଲାଣ ହେଉଛି । ସେହିପରି ଧଳାଜହର, ଗଞ୍ଜେଇ, ଅଫିମ କାରବାର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ନିଶା ନିବାରଣ କେବଳ କାଗଜକଲମରେ ସୀମିତ ରହିଛି।

### ସେମାନେ ଯାହା କୁହନ୍ତି...



ବିଭାଗୀୟ ଅଧିକାରୀ ଓ ପୁଲିସ କର୍ମଚାରୀମାନଙ୍କ ଉଦାସୀନତା ଯୋଗୁ ନିଶା ନିବାରଣ କେବଳ କାଗଜ କଲମରେ ରହିଯାଉଛି। ଫଳରେ ନିଶା କବଳରେ ପଡ଼ି ବହୁ ପରିବାର ଉଜୁଡି ଯାଇଛି ଗାଁ ଗହଳିରେ। ସାଧାରଣ ଲୋକ ଓ ମହିଳାମାନେ ନିଶାଡିମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏଥିପାଇଁ ବ୍ୟାପକ ଜନଆନ୍ଦୋଳନ ସଚେତନତା କାର୍ଯ୍ୟକ୍ରମ ସହ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ନିଶା ବେପାରିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଜରୁରୀ।

**ବିମଳା ନାଥ, ରାଜ୍ୟ ସମ୍ପାଦିକା,**
**ରାଜ୍ୟ ମହିଳା ନିଶା ନିବାରଣ ସଂଗଠନ**



ସରକାରଙ୍କ ନୀତି ନିଶାକୁ ପ୍ରୋତ୍ସାହିତ ପ୍ରାୟତଃ ମଦ ଦୋକାନ ପାଇଁ ସରକାର ନିଲାମ ଡାକୁଛନ୍ତି, ସେଥିରେ ପୁଣି ବାର୍ଷିକ ବିକ୍ରୟ ଟାର୍ଗେଟ୍ର ରହୁଛି। ଦୋକାନୀମାନେ ବେଆଇନ ଭାବେ ଗାଁ ଗହଳିର ଚୋରା ବେପାରୀଙ୍କ ଘରେ ଯୋଗାଇ ଦେଉଛନ୍ତି । ତେଣୁ ସରକାର ମଦ ଦୋକାନ ପାଇଁ ଆଉ ଲାଇସେନ୍ସ ନ ଦେବା ଉଚିତ।

**ଦୀପ୍ତି ରଞ୍ଜନ ନାୟକ, ଜିଲ୍ଲା ସଭାପତି,**
**ରାଜ୍ୟ ନିଶା ନିବାରଣ ସଂଗଠନ।**

ନିଶା ଦାନବ କବଳରୁ ବହୁ ସାମାଜିକ ସଂଗଠନ ନିୟମିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ଦିନକୁଦିନ ଗାଁ ଗହଳିରେ ନିଶା କାରବାର ବଢିଚାଲିଛି। ଫଳରେ ବହୁ ପରିବାରର ଆର୍ଥିକ ସ୍ଥିତି ଭୁଶୁଡି ପଡୁଛି। ଗ୍ରାମାଞ୍ଚଳର ମହିଳାମାନେ ଅସୁରକ୍ଷିତ ସାଙ୍ଗକୁ ସାଧାରଣ ଲୋକ ବି ସ୍ୱାଭାବିକ ଜୀବନ ବିତାଇବା କଷ୍ଟକର ହୋଇପଡିଛି। ଅସାଧୁ କର୍ମଚାରୀ ଓ ଲାଭଖୋର ବ୍ୟବସାୟୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମାଜ ବଦଳିପାରିବ।



**ରତିକାନ୍ତ ନାୟକ,**
**ଜିଲ୍ଲା ସଂଯୋଜକ, ରାଜ୍ୟ ନିଶା ନିବାରଣ ସଙ୍ଗଠନ**



ନିଶା ରୋକିବା ପାଇଁ ଆମ ସମାଜର ଏକତା ଓ ସଚେତନତା ହିଁ ସବୁଠୁ ବଡ଼ ଅସ୍ତ୍ର। ଆମ ଗାଁର ଯୁବପିଢି ଆଜି ନିଜ ଭବିଷ୍ୟତ ଗଢ଼ିବା ଆଶାରେ ନିଶା ରହିତ ଜୀବନ ଅବଲମ୍ବନ କରୁଛନ୍ତି । ଆମ ପିଲାମାନେ ନିଶାର ଅନ୍ଧକାର ଗଳିରେ ନୁହେଁ, ଜ୍ଞାନ ଓ ନୀତିର ଆଲୋକରେ ଆଗେ ବଢ଼ନ୍ତୁ। ଗାଁର ପ୍ରତି ଘରରେ ଯଦି ଏହି ମନୋଭାବ ଗଢ଼ିଯାଏ, ତେବେ ନିଶା ରୋକିବା କେବଳ ନୀତି ନୁହେଁ, ଏକ ଜନାନ୍ଦୋଳନ ହେବ।

**ଅଞ୍ଜନା ମହାକୁଡ, ରାଜ୍ୟ ସଭାପତି,**
**ମହିଳା ନିଶା ନିବାରଣ ସଂଗଠନ**

## ପୁରୁଣା କଚେରି ସଂଘ ସଭାଗୃହରେ ଶୋକସଭା

ଭଦ୍ରକ, ୮ ।୧୦(ସମିସ): ସ୍ୱର୍ଗତ ବିଜୟ ଜେନା ଏବଂ ପୀତବାସ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସୌରେଶଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବହୁ ଆଇନଜୀବୀଙ୍କର ଉପସ୍ଥିତିରେ ଏହି ଶୋକସଭାରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ବିଜୟ ଜେନାଙ୍କର ଅଧ୍ୟାପନା ଏବଂ ଅଧ୍ୟକ୍ଷ ଭାବରେ କଲେଜ ପରିଚାଳନା ଖୁବ୍ ଉଚ୍ଚକୋଟୀର ଥିବା ବେଳେ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ସମସ୍ତଙ୍କୁ ପ୍ରଭାବିତ କରୁଥିଲା ବୋଲି ଉପସ୍ଥିତ ସଦସ୍ୟମାନେ ମତ ବ୍ୟକ୍ତ କରିଥିଲେ । ସେ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ନିଜର ରୁଚି ରଖି ବିଭିନ୍ନ ଅନୁଷ୍ଠାନର ପଦପଦବୀରେ ରହିଥିଲେ । ଆଇନଜୀବୀ ସରୋଜ ତପନ ଦାସ, ସୂର୍ଯ୍ୟନାରାୟଣ ମିଶ୍ର, ରତ୍ନାକର ଜେନା, ଶେଖ୍ ସହଜାନ, ବିରେନ୍ଦ୍ର ସାହୁ, ମନୋରଞ୍ଜନ କର, ନିରାକାର ବାରିକ, ଅର୍ଚ୍ଚନାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପିସି ନେଲେ କାର୍ଯ୍ୟାନୁଷ୍ଠାନ: ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର, ୮ ।୧୦(ସମିସ): ବାସୁଦେବପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମରେ ସରକାରୀ କର୍ମଚାରୀ ପିସି କାରବାରକୁ ନେଇ ଅଦିନିଆ ଝଡ଼ ସୃଷ୍ଟି ହୋଇଛି । କୌଣସି କର୍ମଚାରୀ ଉନ୍ନୟନ ମୂଳକ କାମରେ ପିସି ମାଗିବାର ଅଭିଯୋଗ ଆସିଲେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ବାସୁଦେବପୁର ବ୍ଲକର ପିସି ଯେତିକି ଆଦାୟ ହେଉଛି ଫଲ୍ସ ବିଲ ତା'ଠାରୁ ଅଧିକ ହେଉଛି । ଠୋସ ପ୍ରମାଣ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋଦ୍ ଜିଲ୍ଲାପାଳ ପଛଘୁଞ୍ଚା ଦେଉଛନ୍ତି । ସରକାରୀ କଳ ଚାପରେ ଚେପା ହୋଇ ଯାଉଛନ୍ତି । ବରିଷ୍ଠ ଅଧିକାରୀଙ୍କ ଇଚ୍ଛା ନଥିଲେ ମଧ୍ୟ ପରୋକ୍ଷରେ ସରକାରୀ ଅର୍ଥ ଲୁଟେରାଙ୍କ ସୁରକ୍ଷା କବଚ ସାଜିଛନ୍ତି । ବାସୁଦେବପୁର ବ୍ଲକ ଦୁର୍ନୀତିର ମହାଦ୍ରୁମ ପାଲଟିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମୁଠେ ବାଲି ନାହିଁ କି ଖଣ୍ଡେ ଇଟା ନାହିଁ; ହେଲେ ହିତାଧିକାରୀଙ୍କ ନାମରେ ଉଠିଛି ଫୁଲ ବିଲ୍ । ସୂଚନା ଅନୁସାରେ, ବୁଧବାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବ୍ଲକର ପହଞ୍ଚି ବିଡିଓ ତନ୍ମିତା କରଙ୍କୁ ଭେଟି ବିଲ୍ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ । ଫାଇଲ ବ୍ଲକ ଅଧ୍ୟକ୍ଷଙ୍କ ପାଖକୁ ଯାଇଛି ବୋଲି କହିଥିଲେ । ଉପସ୍ଥିତ ଠିକାଦାର ପିସି କାରବାର କଥା ଉଠାଇଥିଲେ । ଯାହାକୁ ନେଇ ବ୍ଲକ ପରିସର ଉଷ୍ମତାରେ ଭରିଯାଇଥିଲା । କେତେକ ବ୍ଲକ ଅଧ୍ୟକ୍ଷ ଉପରେ ଦୋଷ ଦେବାକୁ ପଛାଇ ନଥିଲେ । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । କୌଣସି ଫାଇଲ ତାଙ୍କ ପାଖକୁ ଆସିନାହିଁ । ଫାଇଲ ଆସିଲେ କାମ ଯାଞ୍ଚ କରି ତୁରନ୍ତ ଫାଇଲ ପେମେଣ୍ଟ ପାଇଁ ପଠାଇ ଦେଇଥାଏ । ସରକାରଙ୍କ ନୂତନ ନିୟମ ଅନୁଯାୟୀ, ୧୦ ଲକ୍ଷରେ କମ୍ ଟଙ୍କାର କାମରେ ଫାଇଲରେ କାଉଣ୍ଟର ସାଇନ୍ କରିବେ ନାହିଁ । ଏହି ଫାଇଲ ବିଡିଓ ଦସ୍ତଖତରେ ବିଲ୍ ପୈଠ ହେବ । କାହିଁକି ସେଠାକୁ ଫାଇଲ ଯାଉଛି ବୋଲି କେତେକ ପ୍ରଶ୍ନ କରିଥିଲେ । ରୁଲ୍ - ୩ ପଂଚାୟତରାଜ ଆଡମିଷ୍ଟ୍ରେସନ ଅଫ ଏଫାୟର୍ସ ରୁଲ୍ ୧୯୮୭, ଓଡ଼ିଶା ପଂଚାୟତ ସମିତି ଆକ୍ଟ ୧୯୫୯ ଅନୁଯାୟୀ ଯେ କୌଣସି ଫାଇଲକୁ ବ୍ଲକ ଅଧ୍ୟକ୍ଷ ଦେଖିପାରିବେ । ଉନ୍ନୟନମୂଳକ କାମକୁ ଯାଞ୍ଚ କରିବାର କ୍ଷମତା ରହିଛି ବୋଲି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ କହିଥିଲେ । ବ୍ଲକରୁ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାସୁଦେବପୁର ବ୍ଲକର ପିସି ଅଭିଯୋଗକୁ ନେଇ ଅଦିନିଆ ଝଡ ଦେଖାଦେଇଛି । ଏହି ଅଦିନିଆ ଝଡ କେତେ କର୍ମଚାରୀଙ୍କୁ ପ୍ରଭାବିତ କରି କ୍ଷୟକ୍ଷତି କରିବ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା । ବ୍ଲକର କୌଣସି କର୍ମଚାରୀଙ୍କ ଯଦି ପିସି ନେଉଥିବାର ଅଭିଯୋଗ ଆସେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି



ଧାମନଗର, ୮ ।୧୦(ସମିସ): ଧାମନଗର ପଞ୍ଚାୟତସମିତି ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ବନବିହାରୀ ଦିନ୍ଦାଙ୍କ ସଂଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଭଦ୍ରକ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ରାଜୀବ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ନିରାକାର ମହାପାତ୍ର, ବ୍ଲକ ସାମାଜିକ ସମୀକ୍ଷା ସଂଯୋଜକ ଜଗନ୍ନାଥ ପଣ୍ଡା, ବିଭିନ୍ନ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । କେତେକ କାର୍ଯ୍ୟର ତ୍ରୁଟି ଓ ଆର୍ôଥକ ଅନିୟମିତତାକୁ ନେଇ ସାମାଜିକ ସଂଯୋଜକ ଶ୍ରୀ ପଣ୍ଡା ସୂଚନା ପ୍ରଦାନ କରିଥିଲେ । କିଛି ମୃତ ବ୍ୟକ୍ତିଙ୍କ ନାମରେ ସେମାନଙ୍କର ପରିବାର ଲୋକେ ଚାଉଳ ନେଉଥିବାର ପରିଲକ୍ଷିତ ହୋଇଥିଲା । ପଞ୍ଚଦଶ ଅର୍ଥ ଆୟୋଗରେ କିଛି ପଞ୍ଚାୟତରେ କାର୍ଯ୍ୟର ତାଳ ମେଳ ରହି ନଥିଲା । ଭିଆରପିମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତିପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କୁ ସାମାଜିକ ସମୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ଏହି ଶିବିରରେ ଆଲୋଚନା କରାଯାଇଥିଲା । ଏପିଓ ପୀୟୁଷ ରଞ୍ଜନ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକର ଉକ୍ତ ଯୋଜନା ସହକାରୀ ଅଧିକାରିଣୀ ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆଇନଜୀବୀ ହତ୍ୟା ଘଟଣାକୁ ଭଦ୍ରକ ଓକିଲ ସଂଘର ନିନ୍ଦା

## କାର୍ଯ୍ୟାନୁଷ୍ଠାନ ଦାବି ସହ ସମୂହ ପ୍ରତିବାଦ ଓ କଲମ ଛାଡ଼ ଆନ୍ଦୋଳନ

ଭଦ୍ରକ, ୮ ।୧୦(ସମିସ)

ଓଡ଼ିଶା ରାଜ୍ୟ ବାର୍ କାଉନସିଲର ସଭ୍ୟ ତଥା ବ୍ରହ୍ମପୁର କୋର୍ଟର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା, ତାଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ, ସାରା ଦେଶରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏଡଭୋକେଟ ପ୍ରୋଟେକ୍ସନ ଆକ୍ଟ ସଂସଦରେ ଆସିବା, ଆମ ରାଜ୍ୟ ଓ ଦେଶରେ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଦାବି କରି ଭଦ୍ରକ ଓକିଲ ସଂଘ ପକ୍ଷରୁ ବିକ୍ଷୋଭ ଓ ଏକ ପ୍ରତିବାଦ ସଭା ଭଦ୍ରକ ଜିଲ୍ଲା ନ୍ୟାୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭଦ୍ରକ ଓକିଲ ସଂଘ କଲମଛାଡ କରିଛି । ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ଓ ଭଦ୍ରକ ଓକିଲ ସଂଘର ବରିଷ୍ଠ ସଭ୍ୟ ବିଜୟ ଜେନାଙ୍କ ସ୍ମୃତିରେ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଭଦ୍ରକ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ବରିଷ୍ଠ ଓକିଲ ପିତବାସ ପଣ୍ଡାଙ୍କ ହତ୍ୟା ଘଟଣା ସମେତ ୧୦୦୦ ବର୍ଷର ଭାଇଚାରାର ସହର




କଟକରେ ସାଂପ୍ରଦାୟିକ ଗଣ୍ଡଗୋଳ, ବାଲେଶ୍ୱରରେ କର୍ଫ୍ୟୁ, ଗତ ଏକ ମାସ ଭିତରେ ଆମ ରାଜ୍ୟରେ ୩୯ ଜଣଙ୍କୁ ନିର୍ମମ ହତ୍ୟା ଘଟଣାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଉଥିବା ବେଳେ ମୌଳବାଦୀ ଓ ଆତତାୟୀଙ୍କୁ ପ୍ରତିହତ କରିବା ପାଇଁ ଭାରତର ଜନଗଣ ଆଗେଇ ଆସିବାକୁ ଓକିଲମାନେ ମତ ବ୍ୟକ୍ତ କରିଥିଲେ । ଆନ୍ଦୋଳନରେ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ଅଶୋକ କୁମାର ନାୟକ, ସହ ସଂପାଦକ ନିକୁଞ୍ଜକୃଷ୍ଣ ପୁହାଣ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଓକିଲ ସଂଘ ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲର ପୂର୍ବତନ ସଭ୍ୟ ପବନ ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ବରିଷ୍ଠ ଆଇନଜୀବୀ ବିଜନ ଜେନା, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଆଇନଜୀବୀ ଅଗଣି ଚରଣ ଜେନା, ବିନୟ ସ୍ୱାଇଁ, ଯୁବ ଆଇନଜୀବୀ ବିକାଶ ନାଥ, ବିନୋଦ ସାହୁ, ଉଜ୍ୱଳ ଜେନା, ସୁକାନ୍ତ ସେଠୀ, ପ୍ରତାପ ସେଠୀ, ସଞ୍ଜୟ ମାଝି, ବସନ୍ତ ମହାନ୍ତି, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ବିଶ୍ୱାଳ, ବିଚିତ୍ରାନନ୍ଦ ଜେନା, ଅକ୍ଷୟ ମଲ୍ଲିକ, ନିଶିକାନ୍ତ ନାୟକ, ପ୍ରଫୁଲ୍ଲ ପାଢୀ, ବିମଳ ମହାନ୍ତି, ପ୍ରଦୀପ ଜେନା ନେତୃତ୍ୱ ନେଇଥିଲେ ।

● ଭଦ୍ରକ-ଚାନ୍ଦବାଲି ରାସ୍ତାର ସରକାର ନଗର ଛକରେ ସରକାରୀ ଜମିରୁ ଉଚ୍ଛେଦ


## ୨ଟି ଦୁଇତାଲା ମାର୍କେଟ କମ୍ପ୍ଲେକ୍ସକୁ ଭଙ୍ଗାଗଲା



ଭଦ୍ରକ, ୮ ।୧୦(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରାଞ୍ଚଳର ଭଦ୍ରକ-ଚାନ୍ଦବାଲି ରାସ୍ତାର ଇସବପୁର ଗାଁର ସରକାର ନଗର ଛକ ନିକଟ ପାର୍ଶ୍ୱ ସରକାରୀ ନୟନଯୋରୀ କିସମ ଜମିରେ ଉପରେ ନିର୍ମିତ ହୋଇଥିବା ୨ଟି ଦୁଇ ମହଲା ବିଶିଷ୍ଟ ବିରାଟକାୟ କୋଠାଘର (ମାର୍କେଟ କଂପ୍ଲେକ୍ସ)କୁ ଉଚ୍ଛେଦ କରାଯାଇଛି । ଅସେକ୍ ବବି ଓ ସେକ୍ ମୁବାରକଙ୍କ ଦ୍ୱାରା ଗତ ୪-୫ ବର୍ଷ ପୂର୍ବରୁ ତିଆରି ହୋଇଥିବା ୨ଟି ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବରୋଧମୁକ୍ତ କରାଯାଉଛି । ପ୍ରାୟ ୩୫ ଡେସିମିଲ ସରକାରୀ ଜମିରେ ୭ ହଜାର ସ୍କୋୟାର ଫୁଟ୍‌ର ଏହି ୨ଟି ଦ୍ୱିମଳା ଘରକୁ ଜେସିବି ଲଗାଇ ଭଙ୍ଗାଯାଉଛି । ଏହାଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ, ଜଳ ନିଷ୍କାସନ ବ୍ୟବସ୍ଥା ଓ ଭବିଷ୍ୟତରେ ଏହି ଉଚ୍ଛେଦ ହେଉଥିବା ସରକାରୀ ଜମିକୁ ଭଦ୍ରକ ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ଜନସାଧାରଣଙ୍କ ପାଇଁ ସହାୟକ ହେବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଉଚ୍ଛେଦ କାର୍ଯ୍ୟରେ ସ୍ଥାନୀୟ ଅଂଚଳବାସୀ ସହଯୋଗ କରିଥିଲେ । ଉଚ୍ଛେଦ ବେଳେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର, ସଦର ଆର୍‌ଆଇ ଶରତ ମହାନ୍ତିଙ୍କ ସମେତ ପୌରପାଳିକା କର୍ମଚାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ସରକାରୀ ଆଇନ୍ ଅନୁଯାୟୀ ସରକାରୀ ଜମି ଅବରୋଧକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି । ବୁଧବାର ଏହି ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଗୁରୁବାର ମଧ୍ୟ ଏହା ଜାରି ରହିବ ବୋଲି ଜଣାଯାଇଛି ।

## ରବୀନ୍ଦ୍ରଙ୍କ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଆଖି ନଷ୍ଟ ଅଭିଯୋଗ

ଧାମନଗର, ୮ ।୧୦(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ବ୍ରହ୍ମପୁର ଗାଁର ରବୀନ୍ଦ୍ର କୁମାର ଦାସଙ୍କ ବୟସ ଅଧିକ ଯୋଗୁଁ ଆଖିରେ ଦୃଶ୍ୟ ଧୀରେ ଧୀରେ କମି କମି ଆସୁଥିଲା । ଆଖିର ଏହି ସମସ୍ୟାକୁ ଦୂର କରିବାକୁ ଚିକିତ୍ସା ପାଇଁ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରିବାର କିଛି ଦିନ ପରେ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହେବା ଦ୍ୱାରା ବୃଦ୍ଧ ଜଣଙ୍କ ଠିକ ଭାବେ ଚଳପ୍ରଚଳ କିମ୍ବା କାମଧନ୍ଦା କହିପାରୁ ନାହାନ୍ତି । ଏହାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଆଖିକୁ ପରୀକ୍ଷା ନିରୀକ୍ଷା କରିବା ପରେ ମୋତିଆ ବିନ୍ଦୁ ହୋଇଥିବା ନେଇ ଡାକ୍ତର ଜାଣିବାକୁ ପାଇଥିଲେ । ଆଖିକୁ ଅସ୍ତ୍ରୋପଚାର କରାଗଲେ ସମ୍ପୂର୍ଣ୍ଣ ଭାବେ ଠିକ ହେଇଯିବ ବୋଲି ଡାକ୍ତର ରୋଗୀ ରବୀନ୍ଦ୍ରଙ୍କୁ କହିଥିଲେ । ସାଇନେତ୍ର ଚକ୍ଷୁ ଚିକିତ୍ସାଳୟର ଡ଼ା ବିଶ୍ୱଜିତ୍ ଦେ ରବୀନ୍ଦ୍ରଙ୍କ ଉକ୍ତ ଦିନ ଆଖିର ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିଥିଲେ । ଏହାର ଅଳ୍ପ ଦିନ ପରେ ଅର୍ଥାତ୍ ୧/୪/୨୫ରେ ଆଖିର ଅବସ୍ଥା କିଭଳି ଅଛି ଦେଖିବାକୁ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ରବିନ୍ଦ୍ରକୁ ଡାକି ପରୀକ୍ଷା କରି ଔଷଧପତ୍ର ଦେବା ସହ ଆଖି ଭଲ ହୋଇଯିବ କହିଥିଲେ । ଔଷଧପତ୍ର ଖାଇବା ପରେ ମଧ୍ୟ ଆଖିରୁ ପାଣି ଗଡ଼ିବା, ବିନ୍ଧିବା ଭଳି ସମସ୍ୟା ଦୂର ହୋଇ ନଥିଲା । ପୁଣିଥରେ ଡାକ୍ତରଙ୍କୁ ଦେଖାଇବା ପରେ ନିଜର ଅକ୍ଷମତା ପ୍ରକାଶ କରି ଉନ୍ନତ ମାନର ଚିକିତ୍ସା ହେବାକୁ ଭୁବନେଶ୍ୱର ପଟିଆସ୍ଥିତ ଡା.ଏଲଭି ପ୍ରସାଦଙ୍କୁ ଦେଖାଇବାକୁ ପରାମର୍ଶ ଦେଇଥିଲେ । ସେଠାରୁ ଡ଼ା ପ୍ରସାଦଙ୍କୁ ଦେଖାଇବା ପରେ ଜାଣିବାକୁ ପାଇଲେ ଯେ ଭୁଲ ଅସ୍ତ୍ରୋପଚାର ଯୋଗୁଁ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚିକିତ୍ସା ବାବଦକୁ ସ୍ୱାସ୍ଥ୍ୟ ବୀମା କାର୍ଡରୁ ଅର୍ଥ ଏବଂ କିଛି ନଗଦ ଆକାରରେ ଚିକିତ୍ସାଳୟକୁ ଦେଇଥିଲେ । ଚକ୍ଷୁ ଚିକିତ୍ସାଳୟର ଅନଭିଜ୍ଞ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଏବଂ ସରକାର ଏହାର ସଠିକ୍ ତଦନ୍ତ କରି ଆମ ଗରିବ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ରବୀନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦାସ ଏବଂ ଗ୍ରାମବାସୀ ଦାବି କରିଛନ୍ତି ।



ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା

## ମନ ମୋହିଲା ସିଂହବାହିନୀ



ବାରିକପୁର, ୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ଗଜଲକ୍ଷ୍ମୀ ପୂଜା ମଞ୍ଚରେ ଆଜି ବୈତରଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଦେବଦତ ଦାଶ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ପୁଣ୍ୟତୋୟା ବୈତରଣୀ ମୋକ୍ଷ ପ୍ରାପ୍ତିର ରାସ୍ତା ବୋଲି ମତ ଦେଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ମାଧବଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଥାନାଧିକାରୀ କମଳାକାନ୍ତ ଦାଶ, ନାରିନେତ୍ରୀ କଳ୍ପନା ଜେନା, ଯାତ୍ରା ହାସ୍ୟ ଅଭିନେତା ଧଡିଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ, ସମ୍ପାଦକ ରାଜେନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜୟ ରାଉତ ଆଭିମୁଖ୍ୟ ପ୍ରଦାନ ଓ ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍କଳ ନୃତ୍ୟ ତରଙ୍ଗ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ ହୋଇଥିଲା । ଏହାଛଡା ଗୀତିନାଟ୍ୟ ସିଂହବାହିନୀ ଶହଶହ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ବଜାର କମିଟି ସଦସ୍ୟ ପରିଚାଳନା କରିଥିଲେ ।

'ମୋକ୍ଷ ପ୍ରଦାନର ରାସ୍ତା ପୁଣ୍ୟତୋୟା ବୈତରଣୀ'

## ପୂର୍ବ ବିଦ୍ୟାର୍ଥୀଙ୍କ ଏକତ୍ରୀକରଣ ଉତ୍ସବ




ମଞ୍ଜୁରୀରୋଡ, ୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟସ୍ଥ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ପୂର୍ବତନ ବିଦ୍ୟାର୍ଥୀଙ୍କୁ ନେଇ ଏକତ୍ରୀକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ତପନ ସାହୁଙ୍କ ଅଧ୍ୟକ୍ଷତା ଓ ରଞ୍ଜୁଲତା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ୬୦ରୁ ଅଧିକ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ବେହେରା, ସହସମ୍ପାଦକ କରୁଣାକର ଖଣ୍ଡାଇ, ସୁବାସିନୀ କର, କବିତା ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁରୁଣା ବିଦ୍ୟାର୍ଥୀ ବନ୍ଧୁମାନେ କିଛି ସମୟ ପାଇଁ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ । ତପନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଷମାରାଣୀ ସେନାପତିଙ୍କ ସମେତ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ ।


## ପୂଜାମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ଦର୍ଶନକଲେ ବିଭିନ୍ନ ରାଜନେତା



ଧାମନଗର, ୮।୧୦ (ସମିସ): ଧାମନଗର ବ୍ଲକ୍ ଓ ଏନଏସି ଅଞ୍ଚଳରେ ବିଭିନ୍ନ ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି ଅଞ୍ଚଳର ରାଜନୈତିକ ନେତୃବୃନ୍ଦ । ଏଥିସହ ଜନସାଧାରଣଙ୍କ ସୁଖଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ଉପାଧ୍ୟକ୍ଷା ଜିଲ୍ଲା ପରିଷଦ ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ନାୟକ, ସଭ୍ୟ ପ୍ରଦୀପ ମଲ୍ଲିକ, ଧାମନଗର ନିର୍ବାଚନମଣ୍ଡଳୀସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସରପଞ୍ଚ ଅଜୟ ମଲ୍ଲିକ, ସମିତିସଭ୍ୟ ଭାରତ ବିଜୟ ଦଳାଇ, ଧୂଷୁରୀ ସେବା ସମବାୟ ସଭାପତି ସନ୍ଦୀପ ସ୍ୱାଇଁ, ଛାତ୍ର ସଭାପତି ପ୍ରକାଶ ବେହେରା, ବିଜେଡି ନେତା ଦେବେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତ ସଭାପତି ଏବଂ ସ୍ଥାନୀୟ ନେତୃମଣ୍ଡଳୀ ପ୍ରମୁଖ ଏଥିରେ ସାମିଲ ରହିଥିଲେ । ସେହିପରି ବିଜେପି ଏବଂ କଂଗ୍ରେସ ଦଳର ନେତା-କର୍ମୀମାନେ ସମସ୍ତ ଜନସାଧାରଣଙ୍କ ପାଇଁ ମଙ୍ଗଳ କାମନା କରିଥିବା କହିଛନ୍ତି ।







ବନ୍ତ/ଆଗରପଡ଼ା: ମଣ୍ଡପରେ ପୂଜା ପାଉଛନ୍ତି ଲକ୍ଷ୍ମୀ | ୯ ବର୍ଷରେ ଆଡ଼ିଆ ଲକ୍ଷ୍ମୀପୂଜା, | ୧୫ ବର୍ଷରେ ସେଣ୍ଡତୀରା ଲକ୍ଷ୍ମୀପୂଜା , | ୫୦ ବର୍ଷରେ କୁସୁନନଗର ଲକ୍ଷ୍ମୀପୂଜା

# ପ୍ରତିରୋପଣ ପରେ ବଦଳିଯାଉଛି ମଣିଷର ଆଚରଣ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପରିବର୍ତ୍ତିତ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଏବଂ ବ୍ୟାୟାମର ଅଭାବ ଯୋଗୁଁ ଦେଶରେ ହୃତ୍‌ପିଣ୍ଡ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଏହା ଅଚାନକ ହୃଦ୍‌ଘାତର କାରଣ ପାଲଟି ଯାଉଛି। ଭାରତରେ ପ୍ରାୟ ୫୨୩ ନିୟୁତ ଲୋକେ ହୃତ୍‌ପିଣ୍ଡ ଜନିତ ରୋଗରେ ପୀଡ଼ିତ ବୋଲି ଜଣାପଡିଛି। ଅନେକ ଏହି ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି। କିନ୍ତୁ ଏହି ଦୂରାରୋଗ୍ୟରୁ ଆରୋଗ୍ୟ ହେଉ ନଥିବା କିଛି ଧନାଢ୍ୟ ବ୍ୟକ୍ତି ଶେଷରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଛନ୍ତି। କିନ୍ତୁ ସମସ୍ୟା ଏହି କି ଯେ ଅସ୍ତ୍ରୋପଚାର ପରେ ଅଧିକାଂଶଙ୍କ ଜୀବନଶୈଳୀ, ଚାଲିଚଳଣୀ, ଚିନ୍ତାଧାରା ବଦଳି ଯାଉଛି। ପୂର୍ବରୁ ଯାହାକୁ ବାଇକ୍ ଚଲାଇବାକୁ ପସନ୍ଦ ହେଉ ନ ଥିଲା ସେ ଏବେ ରେସିଂ ବାଇକ୍ ପଛରେ ପଡିଛି। ଆଉ କିଏ ଭାରତୀୟ ଖାଦ୍ୟକୁ ଛାଡ଼ି ଚାଇନିଜ୍ ମାୟାରେ ଫସି ଯାଇଛି। ଅନେକଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହୋଇଛି।

ଅହମଦାବାଦର ନରହରିଭାଇ ପଟେଲ କହିଛନ୍ତି ଯେ ଗତ ସାତ ବର୍ଷ ହେଲା ସେ କାର୍ ଚଳାଉଛନ୍ତି। ତାଙ୍କୁ ଜମାରୁ ବାଇକ ପସନ୍ଦ ନୁହେଁ। ବାଇକ ତାଙ୍କୁ ବିପଦ ଭଳି ଲାଗେ। କିନ୍ତୁ ଗତ ୬ ମାସ ହେଲା ସେ ସ୍ପୋର୍ଟ୍ସ ବାଇକ ପଛରେ ପଡି ଯାଇଛନ୍ତି। ଏଥିରେ ଲେହ, ଲଦାଖ ବୁଲିବାକୁ ଚାହୁଁଛନ୍ତି। ତେଣୁ ଏହା କିଣିବା ପାଇଁ ଲାଗିଛନ୍ତି। ଦୁଇ ତିନୋଟି ବାଇକ ମଧ୍ୟ ଦେଖିସାରିଲେଣି। ଏହାକୁ ଘର ଲୋକ ମଧ୍ୟ ଚିନ୍ତିତ ଅଛନ୍ତି। ଯଦି ବାଇକ ଚଲାଇବନି ତେବେ କିଣିବ କାହିଁକି ବୋଲି ପଚାରୁଛନ୍ତି। ଏହାକୁ ହଠାତ୍ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କଥା ମନେ ପଡ଼ି ଯାଇଥିଲା। ୨୦୨୪ ଜାନୁଆରୀରେ ୧୪ ବର୍ଷ ସାନ ଯୁବକଙ୍କ ହୃତ୍‌ପିଣ୍ଡ ତାଙ୍କଠାରେ ଲାଗିଥିଲା। ସେ ବାଇକକୁ ବହୁତ ପସନ୍ଦ କରୁଥିଲେ। ତେଣୁ ଏବେ ତାଙ୍କୁ ବାଇକ ଭଲ ଲାଗୁଛି।

**ହୃତ୍‌ପିଣ୍ଡ ଦେଇଥିବା ବ୍ୟକ୍ତିଙ୍କ ପରି ହେଇଯାଉଛି ହାବଭାବ**

ଚାଇନିଜ ଖାଇବାକୁ ଭଲ ପାଉଛନ୍ତି। ଆଦୌ ଝଗଡ଼ା କରୁ ନ ଥିବା ପଟେ ଏବେ ଟିକେ ଟିକେ କଥାରେ ରାଗି ଯାଉଛନ୍ତି। ପ୍ରତିରୋପଣ ପରେ ସେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି। କେବଳ ପଟେଲ ନୁହଁନ୍ତି ଏଭଳି ଅନେକ ବ୍ୟକ୍ତିଙ୍କ ରୁଚି ଏବଂ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି।

ହାର୍ଟ ପମ୍ପିଂରେ ସମସ୍ୟା ହେବାରୁ ୨୦୨୦ ଜୁଲାଇ ୧୦ରେ ଅହମଦାବାଦର ସାକ୍ଷିତାବେନଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ସୁରଟର ୨୪ ବର୍ଷୀୟ ମହର୍ଷ ପଟେଲଙ୍କ ହୃତ୍‌ପିଣ୍ଡ ତାଙ୍କୁ ମିଳିଥିଲା। ଏହି ଅସ୍ତ୍ରୋପଚାର ପରେ ତାଙ୍କ ହାବଭାବ ବଦଳି ଯାଇଥିଲା। ସେ ଚିଡ଼ିଚିଡ଼ା ହେବାରେ ଲାଗିଥିଲେ। ପୂର୍ବରୁ କାହାକୁ ଜବାବ ଦେଉ ନ ଥିବା ସାକ୍ଷିତା ଏବେ ଶୀଘ୍ର ରାଗି ଯାଉଛନ୍ତି। ତାଙ୍କ ଖାଦ୍ୟ ଶୈଳୀ ମଧ୍ୟ ବଦଳି ଯାଇଛି। ପୂର୍ବରୁ ପସନ୍ଦ ଆସୁ ନ ଥିବା ଗୁଜରାଟୀ ଖାଦ୍ୟ ତାଙ୍କୁ ଏବେ ଭଲ ଲାଗୁଛି। ଆଇସକ୍ରିମ ଅଧିକ ଖାଉଛନ୍ତି। ସ୍ୟାଣ୍ଡୱିଚ ପସନ୍ଦ କରୁ ନ ଥିବା ସାକ୍ଷିତା ଅସ୍ତ୍ରୋପଚାର ପରେ ଏହା ଖାଇ ଚାଲିଛନ୍ତି। ଏ ସବୁ ଜିନିଷ ମହର୍ଷଙ୍କୁ ଭଲ ଲାଗେ। ତେଣୁ ଏବେ ତାଙ୍କୁ ଭାଲ ଲାଗୁଛି ବୋଲି ସେ ପଚରାଉଚୁରା କରିବାରୁ ଜାଣି ପାରିଛନ୍ତି। ସେହିପରି ୧୩ ବର୍ଷ ବୟସରେ ଜାମନଗରର ବାସିନ୍ଦା ଭୂମିକାଙ୍କ ୨୦୨୨ ମାର୍ଚ୍ଚ ୧୫ରେ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଜଣେ ୨୧ ବର୍ଷୀୟ ରାଜସ୍ଥାନୀ ଯୁବକଙ୍କ ହୃତପିଣ୍ଡ ତାଙ୍କଠାରେ ଲାଗିଥିଲା। ଏହା ପରେ ଭୂମିକାଙ୍କଠାରେ ବଡ଼ ପରିବର୍ତ୍ତନ ହୋଇଥିଲା। ପ୍ରଥମେ ଭୂମିକାଙ୍କୁ କଦଳୀ ପସନ୍ଦ ନ ଥିଲା। କିନ୍ତୁ ପରେ ଏହାକୁ ଖାଇବା ଆରମ୍ଭ କରିଥିଲେ। ଏବେ ଏହି ସବୁ ପରିବର୍ତ୍ତନ ବିଷୟରେ ଗବେଷଣା ଜାରି ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ପାକିସ୍ତାନରେ ସଂଘର୍ଷ; ୩୦ ନିହତ

ଇସଲାମାବାଦ୍, ୮।୧୦(ଏଜେନ୍ସି): ତେହରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ଖାଇବର ପଖତୁନଖ୍ୱା ଅଞ୍ଚଳରେ ପୁଣି ଏକ ବଡ଼ ଧରଣ ଆକ୍ରମଣ କରିଛି। ଏଥିରେ ୧୧ ଜଣ ପାକିସ୍ତାନ ସୈନିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଲେଖାଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ସାମିଲ ରହିଛନ୍ତି। ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା କୁରମ ଜିଲ୍ଲାରେ ପାକ୍ ସେନା ଟିଟିପି ବିରୋଧରେ ଅପରେସନ ଜାରି ରଖିଛି। ଫଳରେ ଦୁଇପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଟିଟିପିର ୧୯ ଜଣ ଯୋଦ୍ଧା ମଧ୍ୟ ନିହତ ହୋଇଛନ୍ତି। ଟିଟିପି ଆକ୍ରମଣକାରୀଙ୍କୁ ଭାରତର ସମର୍ଥନ ରହିଛି ବୋଲି ପାକିସ୍ତାନ ସେନା ତରଫରୁ ଅଭିଯୋଗ କରାଯାଇଛି। ପାକସେନା ଅପରେସନ ଜାରି ରଖିଥିବା ବେଳେ ଟିଟିପି ଯୋଦ୍ଧା ବୋମା ମାଡ଼ କରିବା ସହ ଗୁଳି ଚଲାଇଥିଲେ। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ଆସିବା ପରେ ଟିଟିପି ପାକିସ୍ତାନ ସେନା ବିରୋଧରେ ଗରିଲା ଯୁଦ୍ଧ ଜାରି ରଖିଛି। ଟିଟିପିକୁ ଗତ ୧୨ ବର୍ଷ ମଧ୍ୟରେ ପାକିସ୍ତାନ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି।

ଗତ କେତେମାସ ମଧ୍ୟରେ ଟିଟିପି ପାକିସ୍ତାନ ସେନା ଉପରେ ତା'ର ଆକ୍ରମଣକୁ ଦିନକୁ ଦିନ ତୀବ୍ରତର କରିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ଟିଟିପିର ଆକ୍ରମଣ ୯୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ଗ୍ଲୋବାଲ ଟେରରିଜମ ଇଣ୍ଡେକ୍ସରେ ପାକିସ୍ତାନ ଦ୍ୱିତୀୟ ସର୍ବାଧିକ ଆତଙ୍କବାଦ ପ୍ରଭାବିତ ଦେଶ ଭାବେ ପରିଗଣିତ ହେଉଛି। ୨୦୨୪ରେ ଟିଟିପି ପାକିସ୍ତାନରେ ୪୮୨ଟି ଆକ୍ରମଣ କରିଛି। ଏଥିରେ ୫୫୮ ଜଣ ମୃତ୍ୟୁବରଣ କରିଛନ୍ତି। ଉଲ୍ଲେଖଥାଉ କି, ଗତ ସେପ୍ଟେମ୍ବର ୨୧ ରାତି ୨ଟାରେ ପାକିସ୍ତାନ ବାୟୁସେନା ଖାଇବର ପଖତୁନଖ୍ୱାର ତିରା ଉପତ୍ୟକାରେ ଚୀନ ପ୍ରଦତ୍ତ ଜେ-୧୭ ବିମାନରୁ ୮ଟି ଲେଜର ବୋମା ମାଡ଼ କରିଥିଲା। ଏଥିରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ।





## ଇକୁଏଡ଼ର ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ; ୫ ଗିରଫ

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ଉତ୍ତର ପଶ୍ଚିମ ଲାଟିନ ଆମେରିକୀୟ ଦେଶ ଇକୁଏଡର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି। ବୁଧବାର ସେ ନିଜର ସୁରକ୍ଷାକର୍ମୀଙ୍କ ସହ ଗାଡ଼ିରେ ଯାଉଥିବା ବେଳେ ୫୦୦ ଲୋକ ତାଙ୍କୁ ଘେରାଉ କରି ଟେକା ମାଡ଼ କରିବା ସହ ଗୁଳି ଚଳାଇଥିଲେ। ରାଷ୍ଟ୍ରପତିଙ୍କ କାର ଉପରେ ଗୁଳିର ଚିହ୍ନ ଦେଖିବାକୁ ମିଳିଛି। ତେବେ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ପରେ ୫ଜଣଙ୍କୁ ଗିରଫ କରାଯାଇଛି ବୋଲି ଇକୁଏଡର ପରିବେଶ ଓ ଶକ୍ତି ମନ୍ତ୍ରୀ ଆଇନେସ ମାଞ୍ଜାନୋ କହିଛନ୍ତି। ଲୋକଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସରକାର ଫୁଏଲ ସବ୍‌ସିଡିକୁ ବନ୍ଦ କରିଥିଲେ। ଫଳରେ ତାଙ୍କ ବିରୋଧରେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୬ ମୃତ

ହାଇଦରାବାଦ, ୮।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଡଃ ବିଆର୍ ଆମ୍ବେଡକର କୋନାସିମା ଜିଲ୍ଲାରେ ରାୟବରମରେ ବୁଧବାର ଏକ ବାଣ କାରଖାନାରେ ଭୀଷଣ ନିଆଁ ଲାଗିଛି। ଏଥିରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୃତଦେହଗୁଡିକ ପୂରା ଜଳି ଯାଇଥିବାରୁ ଏଗୁଡିକର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଏଥିରେ ବହୁଲୋକ ଆହତ ମଧ୍ୟ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି ବୋଲି ସ୍ଥାନୀୟ ଏସ୍‌ପି ରାହୁଲ ମିନା କହିଛନ୍ତି। ମୃତକ ଏହି ବାଣ କାରଖାନର ଶ୍ରମକ ହୋଇପାରନ୍ତି ବୋଲି କୁହାଯାଇଛି। ମୃତଦେହଗୁଡିକୁ ଚିହ୍ନଟ କରିବାକୁ ପାଇଁ ପ୍ରୟାସ ଜାରି ରହିଛି। ଏହି କାରଖାନା ପାଖରେ ବାଣ ତିଆରି କରିବାକୁ ଲାଇସେନ୍ସ ଥିଲା। ସର୍ଟ ସର୍କିଟ କାରଣରୁ ନିଆଁ ଲାଗିବା ସହ ଆଖି ପିଛୁଳାକେ ବ୍ୟାପୀ ଯାଇଥଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି ଓ ଏହା ସାମାଜିକ ଗଣମାଧ୍ୟମଗୁଡିରେ ଭାଇରାଲ ହୋଇଛି।

## ଯୋଧପୁର ଜେଲ୍‌ରେ ୱାଙ୍ଗଚୁକ୍‌ଙ୍କୁ ଭେଟିଲେ ପତ୍ନୀ ଗୀତାଞ୍ଜଳି

ଯୋଧପୁର, ୮।୧୦(ଏଜେନ୍ସି): ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ମଙ୍ଗଳବାର ରାତିରେ ପତ୍ନୀ ଗୀତାଞ୍ଜଳି ଓଙ୍ଗମୋ ଭେଟିଛନ୍ତି। ତାଙ୍କ ସହ ଓକିଲ ରିତମ ଖାରେ ଉପସ୍ଥିତ ଥିଲେ। ଗୀତାଞ୍ଜଳି ପତିଙ୍କୁ ମୁକ୍ତ କରିବାକୁ



ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଅକ୍ଟୋବର ୧୪ରେ ଏହାର ଶୁଣାଣି ହେବ। ୱାଙ୍ଗଚୁକ୍‌ଙ୍କୁ ଭେଟିବା ପରେ ଗୀତାଞ୍ଜଳି ବୁଧବାର ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଡିଟେନସନ ଆଦେଶକୁ ଚ୍ୟାଲେଞ୍ଜ କରିବୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୪ରେ ସମ୍ବିଧାନର ଷଷ୍ଠ ଅନୁଛେଦରେ ସାମିଲ କରିବା ଓ ଲଦାଖକୁ ରାଜ୍ୟ ପାହ୍ୟା ଦାବି ନେଇ ଆନ୍ଦୋଳନ ହୋଇଥିଲା। କିନ୍ତୁ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଆନ୍ଦୋଳନରେ ଯୁବକଙ୍କୁ ଉସୁକାଇଥିବା ସହ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ସୋନମଙ୍କୁ ଜାତୀୟ ସୁରକ୍ଷା ଅଧିନିୟମ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ଲେହରୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ଜୟପୁର କେନ୍ଦ୍ରୀୟ ଜେଲକୁ ନିଆ ଯାଇଥିଲା। ଅକ୍ଟୋବର ୨ରେ ଗୀତାଞ୍ଜଳି ୱାଙ୍ଗଚୁକ୍‌ଙ୍କୁ ମୁକ୍ତ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଫଳରେ ଅକ୍ଟୋବର ୫ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ସମେତ ଲଦାଖ ପ୍ରଶାସନ, ଯୋଧପୁର କେନ୍ଦ୍ରୀୟ ଜେଲ ଅଧିକ୍ଷକଙ୍କୁ ନୋଟିସ ଜାରି କରିଥିଲେ।

## ୬୦ କୋଟି ଜମା କରିବାକୁ ଶିଳ୍ପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୮।୧୦(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିଦେଶ ଗସ୍ତ ନେଇ ବମ୍ବେ ହାଇକୋର୍ଟ ଏକ ସର୍ତ୍ତ ରଖିଛନ୍ତି। ପ୍ରଥମେ ୬୦ କୋଟି ଟଙ୍କା ଜମା କର। ତାପରେ ଯାଇ ଦୁହିଁଙ୍କ ବିଦେଶ ଗସ୍ତ ନେଇ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି। ବୁଧବାର ଦୁହିଁଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା। ଅର୍ଥ ଠକାମୀ ମାମଲାରେ ଅଭିଯୁକ୍ତଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଇଓଡବ୍ଲ୍ୟୁ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ ନୋଟିସ୍‌କୁ ୩ ମାସ ପାଇଁ ନିଲମ୍ବିତ କରିବାକୁ ଦୁହେଁ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶରେ ଦୁହେଁ ନିରାଶ ହୋଇଛନ୍ତି।

## କଶ୍ମୀରରେ ତୁଷାରପାତ, ତାପମାତ୍ରା -୦.୫



ଶ୍ରୀନଗର, ୮।୧୦(ସମିସ): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପାହାଡି ରାଜ୍ୟର ଉଚ୍ଚତମ ସ୍ଥାନମାନଙ୍କରେ ଗତ ୨୪ ଘଣ୍ଟା ମଧ୍ୟରେ ତୁଷାରପାତ ହୋଇଛି। ସେନା ଡୋଡା ଜିଲ୍ଲାରେ ଉଚ୍ଚତର ଅଞ୍ଚଳରେ ଫସି ରହିଥିବା ୨୫ ଜଣ ଆଦିବାସୀଙ୍କୁ ଉଦ୍ଧାର କରିଛି। ସେନା ନିଜର ପାଳିତ ଜନ୍ତୁଙ୍କ ସାହାଯ୍ୟରେ ଏହି ତୁଷାର ଝଡ଼ରୁ ଏମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସେହିପରି ବୁଧବାରଠାରୁ ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀ ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି। ପ୍ରତିକୂଳ ପାଗ କାରଣରୁ ଏହି ଯାତ୍ରାକୁ ୫ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ୩ ଦିନ ପରେ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ଖୁସି ଜାହିର କରିଛନ୍ତି। ଆଜି ସକାଳୁ ଶହଶହ ଲୋକ ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି।

ସେପଟେ ହିମାଚଳ ପ୍ରଦେଶରେ ମଙ୍ଗଳବାର ଲାଗାତର ତୃତୀୟ ଦିନ ପାଇଁ ତୁଷାରପାତ ହୋଇଛି। ଲାହୋଲ- ସ୍ପିତିରେ ରାତିରେ ତାପାମାତ୍ର -୦.୫ ଡିଗ୍ରୀରେ ପହଞ୍ଚିଛି। ସେହିପରି ଉତ୍ତରାଖଣ୍ଡ ବଦ୍ରିନାଥ, କେଦାରନାଥ ଓ ହେମକୁଣ୍ଡରେ ମଙ୍ଗଳବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ହେମକୁଣ୍ଡରେ ୨ରୁ ୩ ଇଞ୍ଚ୍ ପର୍ଯ୍ୟନ୍ତ ବରଫ ପଡ଼ିଛି। କେଦାରନାଥରେ ତାପମାତ୍ରା ୫ ଡିଗ୍ରୀକୁ ଖସିଛି। ଏବେ ୪ ଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଅନ୍ୟପଟେ ବିହାରରେ ମୌସୁମୀର ଲେଉଟାଣୀ ଜାରି ରହିଥିଲେ ମଧ୍ୟ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା କାରଣରୁ କେତୋଟି ନଦୀରେ ବନ୍ୟା ଆସିଛି। ସୁପୋଲରେ ୫ ହଜାର ଘରେ ପାଣି ପଶିଯାଇଛି। ମଧୁବନୀରେ ୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଦେଶର ସମତଳ ଅଞ୍ଚଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତୋଟି ସହରରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି। କେତୋଟି ସହରର ତାପମାତ୍ରା ୨୦ ଡିଗ୍ରୀ ତାକୁ ଖସିଛି। ଫଳରେ ଶୀତ ଅନୁଭୂତ ହୋଇଛି।

## ଜୁବିନ ଗର୍ଗଙ୍କ ସମ୍ପର୍କୀୟ ଭାଇ ଗିରଫ

ଗୌହାଟୀ, ୮।୧୦(ସମିସ): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲାରେ ଏବେ ଆସାମ ପୁଲିସର ଡିଏସ୍‌ପି ସନ୍ଦୀପନ ଗର୍ଗଙ୍କୁ ଗିରଫ କରାଯାଇଛି। ସନ୍ଦୀପନ ହେଉଛନ୍ତି ଜୁବିନଙ୍କ ଦାଦାଙ୍କ ପୁଅ ଭାଇ। ଘଟଣା ବେଳେ ସେ ଜୁବିନଙ୍କ ସହ ସିଙ୍ଗାପୁରରେ ଥିଲେ। ଜୁବିନଙ୍କ ମୃତ୍ୟୁ ସମ୍ପର୍କରେ ସନ୍ଦୀପନଙ୍କୁ ଗତ କିଛିଦିନ ହେବ ପଚରା ଉଚରା କରାଯାଉଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ବିନା ଉଦ୍ଦେଶ୍ୟରେ ହତ୍ୟା, ବେପରୁଆ ମନେଭାବ କାରଣରୁ ମୃତ୍ୟୁ ଭଳି ମାମଲା ରୁଜୁ କରାଯାଇଛି। ସିଙ୍ଗାପୁରର ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଜୁବିନ ସିଙ୍ଗାପୁର ଯାଇଥିଲେ। ସେଠାରେ ସେ ଗୋଟିଏ ଦିନ ପୂର୍ବରୁ ସମୁଦ୍ରରେ ସ୍କୁବା ଡାଇଭିଂ କରିବାକୁ ପ୍ରୟାସ କରୁଥିବା ବେଳେ ସେପ୍ଟେମ୍ବର ୧୯ ରେ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ। ଏଥିସହ ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଏହାପୂର୍ବରୁ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ମୁଖ୍ୟ ଆୟୋଜକ ଶ୍ୟାମାକାନୁ ମହନ୍ତ, ତାଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଦୁଇ ବ୍ୟାଣ୍ଡ ସଦସ୍ୟ ଶେଖର ଜ୍ୟୋତି ଗୋସ୍ୱାମୀ ଓ ଅମୃତ ପ୍ରଭା ମହନ୍ତଙ୍କୁ ଗିରଫ କରାଯାଇଥିଲା।

## ବର୍ଷା ପାଇଁ ଦିଲ୍ଲୀ-କୋଲକାତା ହାଇୱେ ଜାମ୍

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ବିହାରର ରୋହତାସ ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ଦିଲ୍ଲୀ- କୋଲକାତା ଜାତୀୟ ରାଜପଥ-୧୯ ସମ୍ପୂର୍ଣ୍ଣ ଭାବେ ଠପ୍ କରିଛି। ହଜାର ହଜାର ଗାଡ଼ି ସଡ଼କ ଉପରେ ୪ ଦିନ ହେବ ଫସି ରହିଛି। ଟ୍ରକ୍, ବସ, କାର, ମୋଟର ସାଇକଲ ସବୁ ଗାଡ଼ି ଗୁଡିକ ଲମ୍ବା ଲାଇନ୍‌ରେ ଠିଆ ହୋଇଛନ୍ତି। ରୋହତାସରୁ ଔରଙ୍ଗାବାଦ ପର୍ଯ୍ୟନ୍ତ ୬୫ କିମିର ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଗତ ଶୁକ୍ରବାର ପ୍ରବଳ ବର୍ଷା ହେବା କାରଣରୁ ହାଇୱେରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଡାଇଭର୍ଜନ ଓ ସର୍ଭିସ ଲେନ୍‌ରେ ପାଣି ପଶିଛି। ଏହି ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ କିଛି ପ୍ରୟାସ କରାଯାଇନାହିଁ। ସେହିପରି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ସଡ଼କ ନିର୍ମାଣ ସଂସ୍ଥା ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ୨୪ ଘଣ୍ଟା ମଧ୍ୟରେ ଗାଡିଗୁଡିକ ମାତ୍ର ୫ କିମି ଆଗକୁ ଯିବାକୁ ସକ୍ଷମ ହୋଇଛି। ଗତ ୩୦ ଘଣ୍ଟାରେ ଆମେ ମାତ୍ର ୭ କିମି ଯାତ୍ରା କରିଛୁ ବୋଲି ପ୍ରବୀଣ ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର କହିଛନ୍ତି। ଟ୍ରାଫିକ ଜାମ୍ କାରଣରୁ ବ୍ୟବସାୟଠାରୁ ଆରମ୍ଭ କରି ସବୁ ପ୍ରକାର ଦୈନନ୍ଦିନ କାର୍ଯ୍ୟ ଯଥା ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି।



୪ ଦିନ ହେଲା ଗାଡ଼ିଗୁଡ଼ିକ ଫସି ରହିଛି



## ପିକ୍‌ନିକ୍ ବେଳେ ଭାସିଗଲେ ୭

ବେଙ୍ଗାଲୁରୁ, ୮।୧୦(ସମିସ): ଛୁଟିରେ ବଣଭୋଜି କରିବାକୁ ଯାଇଥିଲେ। କିନ୍ତୁ ଏହା ଏକ ବଡ଼ ଦୁଘର୍ଟଣାରେ ରୂପ ନେଇଥିଲା। କର୍ଣ୍ଣାଟକର ତୁମାକୁରୁର ୧୫ଜଣ ଲୋକ ମାରକୋନାହାଲି ଡ୍ୟାମ୍‌କୁ ପିକ୍‌ନିକ କରିବାକୁ ଯାଇଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ପାଣି ଭିତରେ ପଶିଥିଲେ। ଏତିକି ବେଳେ ଡ୍ୟାମରୁ ପାଣି ଛଡ଼ା ଯାଇଥିଲା। ଫଳରେ ପ୍ରବଳ ସୁଅ ଆସିଥିଲା ଓ ସମସ୍ତେ ଭାସି ଯାଇଥିଲେ। ସୂଚନା ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ନୱାଜ ବୋଲି ଜଣେ ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତୁମାକୁରୁ ଏସ୍‌ପି କେଭି ଅଶୋକ କହିଛନ୍ତି। ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ବାକି ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। କିଛି ସମୟ ପାଇଁ ସର୍ଚ୍ଚ ଅପରେସନକୁ ବନ୍ଦ ରଖାଯାଇଥିଲା ଓ ବୁଧବାର ସକାଳୁ ପୁଣି ଏହାକୁ ଆରମ୍ଭ କରାଯାଇଛି ବୋଲି କୁହାଯାଇଛି। ନୱାଜଙ୍କୁ ବାଦ୍ ଦେଲେ ଭାସିଯାଇଥିବା ଅନ୍ୟମାନେ ହେଲେ ମହିଳା ଓ ଛୋଟ ପିଲା।

## ସାମାଜିକ ଗଣମାଧ୍ୟମରେ ପ୍ରଧାନବିଚାରପତିଙ୍କୁ କଟାକ୍ଷ; ପଞ୍ଜାବରେ ମାମଲା

ନୂଆଦିଲ୍ଲୀ, ୮।୧୦: ଗତ ସୋମବାର ଦିନ ସୁପ୍ରିମ କୋର୍ଟ ଭିତରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଉପରେ ଜୋତା ଆକ୍ରମଣ ପାଇଁ ଉଦ୍ୟମ ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଜଣେ ଆଇନଜୀବୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଥିବା ବେଳେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସେପଟେ ଅଭିଯୁକ୍ତ ଆଇନଜୀବୀ ମଧ୍ୟ ଅନୁତାପ କରିବା ପରିବର୍ତ୍ତେ ଆକ୍ରମଣ ସପକ୍ଷରେ ପ୍ରଚାର କରିବାରେ ଲାଗିଛନ୍ତି।

ଇତିମଧ୍ୟରେ ଜଷ୍ଟିସ ଗଭାଇଙ୍କ ପରିବାର ପକ୍ଷରୁ ଜୋତା ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଜଷ୍ଟିସ ଗଭାଇଙ୍କ ମାଆ କମଳ ଗଭାଇ ଏବଂ ଭଉଣୀ କିର୍ତ୍ତି ଗଭାଇ ଘଟଣାର ନିନ୍ଦା କରି କହିଛନ୍ତି ଯେ କୋର୍ଟ ରୁମ ଭିତରେ ଏଭଳି ଆଚରଣ ହେଉଛି ସମ୍ବିଧାନ ଉପରେ ଆକ୍ରମଣ। ଏଭଳି ଆଚରଣ ବନ୍ଦ ହେବା ଉଚିତ। ନହେଲେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବେ ନାହିଁ। ବିନା କୌଣସି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଆଇନଜୀବୀଙ୍କୁ ଛାଡ଼ିଦେବା ଲାଗି ଜଷ୍ଟିସ ଗଭାଇଙ୍କ ପରାମର୍ଶ ତାଙ୍କର ବଡ଼ପଣିଆର ପ୍ରଦର୍ଶନ ଥିଲା। ଆକ୍ରମଣକାରୀଙ୍କ 'ବିଷାକ୍ତ ଆଦର୍ଶ'ର ସମାଲୋଚନା କରି ସେମାନେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଅପମାନ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର।



ଜଷ୍ଟିସ ଗଭାଇଙ୍କ ପରିବାର କ୍ଷୁବ୍ଧ

ଅନ୍ୟପକ୍ଷରେ ଏହି ଘଟଣା ପରେ ସାମାଜିକ ଗଣମାଧ୍ୟମରେ କେତେକ ବ୍ୟକ୍ତି ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରିବା ଆରମ୍ଭ କରିଛନ୍ତି। ସେମାନେ ଆକ୍ରମଣକାରୀ ଓକିଲକୁ ସମର୍ଥନ କରି ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଜାତିଆଣ ଟିପ୍ପଣୀ କରୁଛନ୍ତି। ଗତକାଲି ଠାରୁ ଏହି ଧାରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନେ କହିଛନ୍ତି ଯେ ସଂପୃକ୍ତ ଓକିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କ ଉପରେ ଜୋତା ଆକ୍ରମଣ ଉଦ୍ୟମ ଏକ ଛୋଟ ଘଟଣା ନୁହେଁ। ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସାମାଜିକ ଗଣମାଧ୍ୟମରେ ଗଭାଇଙ୍କୁ କଟାକ୍ଷ କରୁଥିବା ଲୋକମାନଙ୍କ ବିରୋଧରେ ପଞ୍ଜାବରେ ଏକାଧିକ ଏଫଆଇଆର୍ ଦାଖଲ କରାଯାଇଥିବା ଜଣାପଡ଼ିଛି।

## ଆଲୋଭେରା ସାମ୍ପୁ



ରାସାୟନିକ ସାମ୍ପୁ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ । ତେଣୁ କେଶକୁ ଘନ ଓ ମଜଭୂତ କରିବାକୁ ଚାହୁଁଥିଲେ ରାସାୟନିକ ସାମ୍ପୁ ବଦଳରେ ଘରେ ଆଲୋଭେରା ସାମ୍ପୁ ପ୍ରସ୍ତୁତ କରି ଲଗାଇପାରିବେ ।

### ସାମ୍ପୁ ପ୍ରସ୍ତୁତି ବିଧି

- ଗୋଟିଏ କାଚ ବାଉଲ୍‌ରେ ଆଲୋଭେରା ଜେଲ୍ ନେଇ ସେଥିରେ ନଡ଼ିଆ କ୍ଷୀର, ମହୁ ଓ ବାଦାମତେଲ ଦେଇ ଭଲ ଭାବେ ମିକ୍ସ କରି ଦିଅନ୍ତୁ ।
- ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ଦୁଇ ତିନି ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ । ଏଥିରେ ରୋଜମେରୀ ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଏୟାରଟାଇଟ୍ ବୋତଲରେ ଭରି ଫ୍ରିଜ୍‌ରେ ଷ୍ଟୋର କରନ୍ତୁ ।
- ପ୍ରଥମେ କେଶକୁ ଓଦା କରନ୍ତୁ । ଏହାପରେ ଅଳ୍ପ ମାତ୍ରାରେ ସାମ୍ପୁ ନେଇ ସ୍କାଲ୍‌ପରେ ହାଲୁକା ମସାଜ୍ କରନ୍ତୁ । ଏହାକୁ ଦୁଇ, ତିନି ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ ।

### ସାମ୍ପୁର ଫାଇଦା

- ଏହା କେଶକୁ ପ୍ରାକୃତିକ ପୋଷଣ ଦେବା ସହ କେଶରେ ଚମକ ବୃଦ୍ଧି କରିଥାଏ ।
- କେଶକୁ କୋମଳ କରି ରୂପିକୁ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ଏହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ ।
- ଏହାକୁ ଦଶରୁ ପନ୍ଦର ଦିନ ଫ୍ରିଜ୍‌ରେ ଷ୍ଟୋର କରି ରଖିପାରିବେ । ନିୟମିତ ବ୍ୟବହାର ଦ୍ୱାରା ଏହା କେଶକୁ ମଜଭୂତ କରିଥାଏ ।

## ସିକ୍କି କଳାକୃତିରୁ ଆତ୍ମନିର୍ଭର



ବର୍ତ୍ତମାନ ସମୟରେ ମହିଳାମାନେ ଘରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ସିକ୍କି ଘାସରୁ ଭଳିକି ଭଳି ଟ୍ରେ, ଚାଙ୍ଗୁଡ଼ି, ଟୋକେଇ, ବାକ୍ସ, ପାଛିଆ, ଖେଳନା ଆଦି ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି, ବିହାର ଚମ୍ପାରନ ଜିଲ୍ଲା ବଗହାର ଆଦିବାସୀ ମହିଳାମାନେ ।

### ସିକ୍କି କଳାକୃତିର ବିଶେଷତା

ବିହାରର ପ୍ରଚଳିତ ପ୍ରାଚୀନ ଲୋକକଳା ମଧ୍ୟରୁ ଗୋଟିଏ ସିକ୍କି କଳା । ନଦୀପଠାରେ ମିଳୁଥିବା ସିକ୍କି ଘାସରୁ ଏହି କଳାକୃତି କରାଯାଏ । ଏହା ୪୦୦ ବର୍ଷ ପୁରୁଣା । ବଗହା ଗାଁ ମହିଳାଙ୍କ କହିବାନୁଯାୟୀ, ଏଥିରୁ ତିଆରି ସାମଗ୍ରୀ ଯଥା- ଟୋକେଇ, ଆସନ, ଚାଙ୍ଗୁଡ଼ି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିଲା । କିନ୍ତୁ ସମୟକ୍ରମେ ଏଥିରୁ ଏବେ ଭଳିକି ଭଳି ଘରସଜା ସାମଗ୍ରୀ ପ୍ରସ୍ତୁତ ହେଉଛି । ଏହି ଘାସ ବିଶେଷ କରି ବିହାର ମିଥିଳା ନଦୀତଟ, ତଥା ପୋଖରୀ କୂଳରେ ଦେଖିବାକୁ ମିଳିଥାଏ । ଏହି ଘାସକୁ ପ୍ରଥମେ କାଟି ଖରାରେ ଶୁଖାଯାଏ । ଶୁଖିଗଲା ପରେ ରଙ୍ଗ ବୁଡ଼ାଇ ସିକ୍କି ଜାଲି ଉପକରଣରେ ଏହାକୁ ସୂତା ଆକାର ଦିଆଯାଏ । ଏହାପରେ ହାତରେ ବୁଣି ବିଭିନ୍ନ କଳାକୃତି ପ୍ରସ୍ତୁତ କରାଯାଏ ।

### ଶୁଭକାର୍ଯ୍ୟରେ ଦିଆଯାଏ ଉପହାର

ପୌରାଣିକ କାହାଣୀ ଅନୁଯାୟୀ, ରାଜା ଜନକ ସୀତାଙ୍କୁ ବିଦାୟବେଳେ ସିକ୍କି କଳାକୃତି ନିର୍ମିତ ଟୋକେଇ, ଚାଙ୍ଗୁଡ଼ି, ଆଦି ଦେଇଥିଲେ । ଅବଶ୍ୟ କେତେକ ଗ୍ରାମାଞ୍ଚଳରେ ଏବେ ଝିଅ ଶାଶୁଘରକୁ ଗଲେ ସିକ୍କିରେ ତିଆରି ସାମଗ୍ରୀ ଦେବାର ପରମ୍ପରା ରହିଛି । ସେହିପରି ଘାସ ତିଆରି ଜିନିଷକୁ ଶୁଭ ମନାଯାଏ । ଏଥିପାଇଁ ଏହାକୁ ଶୁଭକାର୍ଯ୍ୟରେ ବ୍ୟବହାର କରିବା ସହ ଉପହାର ଦିଆଯାଏ ।



### ଆତ୍ମନିର୍ଭର ହୋଇଛନ୍ତି ଆଦିବାସୀ ମହିଳା

ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା ଏହି କଳାକୃତି ଦ୍ୱାରା ଆତ୍ମନିର୍ଭର ହୋଇଛନ୍ତି । ଘରର କାର୍ଯ୍ୟ ସାରି ଦିନକୁ ଦୁଇ ତିନି ଘଣ୍ଟା ଏହି କଳାକୃତି କରିଥାନ୍ତି । ଏହାଦ୍ୱାରା ସେମାନେ ଅର୍ଥଉପାର୍ଜନ କରିବା ସହ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି । ଏଥିସହ ମହିଳାମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ସିକ୍କି କଳାରେ ଆଧୁନିକ ସାମଗ୍ରୀ ପ୍ରସ୍ତୁତ କରନ୍ତି । ଏହି କଳାକୃତିକୁ ବିଭିନ୍ନ ମେଳାଗୁଡ଼ିକରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି । ସେହିପରି କିଛି ଏନ୍‌ଜିଓ ସହାୟତାରେ ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରିଥାନ୍ତି । କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇଛି ।

## ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍

ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ମଙ୍ଗଳସୂତ୍ର ବ୍ରେସ୍‌ଲେଟର ଟ୍ରେଣ୍ଡ ଚାଲିଛି । ମହିଳାମାନେ ବେକ ଅପେକ୍ଷା ହାତରେ ମଙ୍ଗଳସୂତ୍ର ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି । ତେବେ ବିଭିନ୍ନ ଡିଜାଇନର ମଙ୍ଗଳସୂତ୍ର ରହିଛି, ଜାଣିବା ସେ ବିଷୟରେ...

### ଫୁଲ ଡିଜାଇନ୍

ଫୁଲ ଡିଜାଇନର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏହା ହାତକୁ ଖୁବ୍ ସୁନ୍ଦର ମାନିଥାଏ । ଏହା ଷ୍ଟାଇଲିଶ୍ ଦେଖାଯିବା ସହ କାର୍ଯ୍ୟ କରିବାରେ ସୁବିଧା ହୋଇଥାଏ ।

### ପେଣ୍ଡେଣ୍ଟ ଡିଜାଇନ୍

ସେହିପରି ଚାହିଁଲେ, ପେଣ୍ଡେଣ୍ଟ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏଥିପାଇଁ ବେକ ମଙ୍ଗଳସୂତ୍ରରୁ ଲକେଟ୍ କାଢ଼ି କଳାମାଳିରେ ଗୁନ୍ଥି ହାତରେ ପିନ୍ଧିପାରିବେ ।

### ଲିଫ୍ ଡିଜାଇନ୍


ଏହି ବ୍ରେସ୍‌ଲେଟ୍ ବେଶ୍ ସୁନ୍ଦର ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।



## କାନଫୋଡ଼ାର ପରବର୍ତ୍ତୀ ଯତ୍ନ

ଅଧିକାଂଶ ମହିଳା ଶୀତଦିନେ କାନ ଫୋଡ଼ାଇଥାନ୍ତି । କାରଣ ଏ ଦିନେ କାନ ଶୀଘ୍ର ଶୁଖିଯାଏ । କିନ୍ତୁ ଏବେ ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ କାନ ଫୋଡ଼ାଉଛନ୍ତି । ଫଳରେ ଏହାଦ୍ୱାରା କାନ ସଂକ୍ରମଣ ହୋଇଥାଏ । ତେଣୁ କାନ ଫୋଡ଼ାଇବାର ପରବର୍ତ୍ତୀ ଯତ୍ନ କିପରି ନେବେ ଜାଣିବା ସେ ବିଷୟରେ...

- ଉପର କାନ ଫୋଡ଼ାଉଥିଲେ, ଏହା ସଂକ୍ରମଣ ହେବାର ବେଶୀ ଆଶଙ୍କା ଥାଏ । ତେଣୁ କାନକୁ ସର୍ବଦା ସଫା ରଖିବା ଜରୁରୀ ।
- ଏଥିସହ ଉଷୁମ ପାଣିରେ ତୁଳା ବୁଡ଼ାଇ କାନଫୋଡ଼ାଇ ଥିବା ସ୍ଥାନକୁ ସଫା କରନ୍ତୁ । ଏହାଦ୍ୱାରା କାନ ପାଚେ ନାହିଁ ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କାନରେ କ୍ରିମ୍ ବା ତେଲ ଲଗାଇପାରିବେ । ଏହା କାନଦରଜ ଦୂର କରିଥାଏ ।
- ସେହିପରି କାନ ଶୁଖିଗଲେ ସଙ୍ଗେ ସଙ୍ଗେ କିଣା କାନଫୁଲ କାଢ଼ି ସୁନା କିମ୍ବା ରୂପା କାନ ଫୁଲ ଲଗାଇବା ଭଲ । ଏହା କାନକୁ ପାଚିବାକୁ ଦିଏନି ।
- ସେହିପରି ଭାରି କାନଫୁଲ ବଦଳରେ ହାଲୁକା ଟପ୍ସ ଲଗାଇପାରିବେ ।
- ବିଭିନ୍ନ ଡିଜାଇନର ଛୋଟ କାନଫୁଲ ପିନ୍ଧିପାରିବେ ।



## ମୋ ହାଣ୍ଡିଶାଳରୁ...

## ମଶରୁମ୍ ମସାଲା



### ଆବଶ୍ୟକ ସାମଗ୍ରୀ

ମଶରୁମ୍ – ୫୦୦ ଗ୍ରାମ୍, କଟା
ପିଆଜ – ଏକ କପ୍, କଞ୍ଚା ଲଙ୍କା- ତିନୋଟି,
ଜିରା – ଏକ ଚାମଚ, ଗୋଟା ଧନିଆ – ଏକ ଚାମଚ, ପାହମଧୁରୀ- ଏକ ଚାମଚ, ଗୋଲମରିଚ – ଚାରିଗୋଟି, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଶୁଖିଲା ଲଙ୍କା – ତିନୋଟି, ହଳଦୀଗୁଣ୍ଡ - ଏକ ଚାମଚ, ଭୃସଙ୍ଗ ପତ୍ର – ଅଳ୍ପ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଜିରା, ଧନିଆ, ରାଶି, ଜାଇଫଳ, ଗୋଲମରିଚ, ଲବଙ୍ଗ, ପକାଇ ଧିମା ଆଞ୍ଚରେ ଭାଜନ୍ତୁ । ଥଣ୍ଡା ହୋଇଗଲେ ଏହାକୁ ଏକ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ମଶରୁମ୍‌କୁ ମଝିରୁ ଦୁଇଫାଳ କରି ଭଲରେ ଧୋଇ ଦିଅନ୍ତୁ । ଏଥିରେ ଅଳ୍ପ ଲେମ୍ବୁରସ, ଲୁଣ, ଅଦାରସୁଣ ପେଷ୍ଟ ଓ ହଳଦୀଗୁଣ୍ଡ ଦେଇ ୨୦ ମିନିଟ୍ ଗୋଳାଇ ରଖନ୍ତୁ । ଏହାପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ କଟାପିଆଜ ଦେଇ ହାଲୁକା ନାଲି ହେବା ଯାଏ ଭାଜନ୍ତୁ । ଏହାପରେ ମ୍ୟାରିନେଡ୍ କରି ରଖିଥିବା ମଶରୁମ୍‌କୁ ଦେଇ ଏପାଖସେପାଖ କରନ୍ତୁ । ସେଥିରେ କଞ୍ଚାଲଙ୍କା, ଭୃସଙ୍ଗପତ୍ର ସହ ମସଲାଗୁଣ୍ଡ ଦେଇ ଭାଜି ଦିଅନ୍ତୁ । ଦୁଇ ତିନି ମିନିଟ୍ ଭାଜି ହୋଇଗଲେ , ଧନିଆ ପତ୍ର ପକାଇ ପରଷନ୍ତୁ ମଶରୁମ୍ ମସାଲା ।

## ବିବାହ ଲେହେଙ୍ଗା କିଣୁଥିଲେ



### ବଜେଟ୍

ଲେହେଙ୍ଗା କିଣିବାକୁ ଯିବାପୂର୍ବରୁ ପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ । ବଜେଟ୍ ଅନୁସାରେ ପସନ୍ଦ ମୁତାବକ ଜିନିଷ କିଣିପାରିବେ । ଏଥିସହ ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

### ଟ୍ରେଣ୍ଡ

ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଲାଟେଷ୍ଟ ଡିଜାଇନ୍ ଦେଖନ୍ତୁ । ଏହାଦ୍ୱାରା ଆପଣଙ୍କୁ କେଉଁ ରଙ୍ଗର ଲେହେଙ୍ଗା ପସନ୍ଦ ସେ ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ ।

### ରଙ୍ଗ ଚୟନ

ନିଜ ତ୍ୱଚା ରଙ୍ଗ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଲାଲ, ଖଇରିଆ ଓ ଗୋଲପୀ ଭଳି ପାରମ୍ପରିକ ରଙ୍ଗ ବ୍ୟତୀତ ପେଷ୍ଟାଲ୍ ଓ ଅନ୍ୟ ଉଜ୍ଜ୍ୱଳ ରଙ୍ଗ ବାଛିପାରିବେ ।

### ଋତୁ ଅନୁଯାୟୀ ଫ୍ୟାବ୍ରିକ୍

ବିବାହଋତୁକୁ ଧ୍ୟାନରେ ରଖି କପଡ଼ା ଚୟନ କରନ୍ତୁ । ଗରମ ଦିନେ ଜର୍ଜେଟ୍ ତଥା ନେଟ୍ ଲେହେଙ୍ଗା ଭଲ ହୋଇଥିବାବେଳେ, ଶୀତଦିନେ ଭେଲଭେଟ୍ ଲେହେଙ୍ଗା ଭଲ ହୋଇଥାଏ ।

### ଶରୀର ଅନୁଯାୟୀ କିଣନ୍ତୁ ଲେହେଙ୍ଗା

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଡେଙ୍ଗା ଯୁବତୀଙ୍କୁ ଓଜନିଆ ଲେହେଙ୍ଗା ଭଲ ମାନିଥାଏ । ସେହିପରି କମ୍ ଉଚ୍ଚତା ଯୁବତୀଙ୍କୁ ହାଲୁକା କାମ ଥିବା ଲେହେଙ୍ଗା ସୁନ୍ଦର ଦେଖାଯାଏ ।

## ଚମକିବ ବେସିନ୍

ୱାସ୍ ବେସିନ୍‌ରୁ ଲଗାତାର ପାଣି ଝରିଲେ, ସେଥିରେ କ୍ୟାଲ୍‌ସିୟମ୍ ପରସ୍ତ ଜମିଯାଏ । ଅନେକ ସମୟରେ ସାବୁନ ଓ ଟୁଥ୍‌ପେଷ୍ଟ ଲାଗି ମଧ୍ୟ ବେସିନ୍ ହଳଦିଆ ହୋଇଯାଏ । ଫଳରେ ଏହା ଖୁବ୍ ଅପରିଷ୍କାର ଦେଖାଯାଏ । ତେଣୁ ସହଜ ଉପାୟ ଆପଣାଇ କିପରି ବେସିନ୍ ସଫା କରିବେ । ଜାଣି ରଖନ୍ତୁ ।

- ବେସିନ୍ ସଫା ପାଇଁ ଦୁଇଟି ଲେମ୍ବୁ, ଏକ ଚାମଚ ବେକିଂ ସୋଡ଼ା, ଓ ଏକକପ୍ ଉଷୁମ ପାଣି ନିଅନ୍ତୁ । ପ୍ରଥମେ ଲେମ୍ବୁରୁ ରସ କାଢ଼ି ସେଥିରେ ବେକିଂସୋଡ଼ା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ୱାସବେସିନ୍‌ର ହଳଦିଆ ଓ ଅପରିଷ୍କାର ସ୍ଥାନରେ ଲଗାଇ ଦଶରୁ ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ । ଏହାପରେ ନଖଉଷୁମ ପାଣିରେ ଧୋଇ ଏହାକୁ ସଫା କରନ୍ତୁ । ବେସିନ୍ ନୂଆ ଭଳି ଚକ୍ ଚକ୍ ହୋଇଯିବ ।
- ଲେମ୍ବୁରେ ଥିବା ଏସିଡ୍ ଅପରିଷ୍କାର ଓ ଦାଗକୁ ଦୂର କରିଥାଏ । ଏହା ବେସିନ୍‌କୁ ନୂଆ ଭଳି ସଫା କରିଥାଏ । ବେକିଂସୋଡ଼ା ଦାଗକୁ ନ ଘଷି ସହଜରେ ସଫା କରିଥାଏ ।



### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନମ, ୮ ।୧୦ (ଏଜେନ୍ସି):

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ୩ୟ ମୁକାବିଲାରେ ଗୁରୁବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶାଖାପାଟନମର ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତୀୟ ମହିଳା ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ଦ୍ୱିତୀୟ ମୁକାବିଲାରେ ୮୮ ରନରେ ପାକିସ୍ତାନକୁ ମାତ୍ ଦେଇଥିଲେ। ୪ ପଏଣ୍ଟ ସହ ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବଲରେ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଥିଲା। ତେଣୁ ଆଫ୍ରିକା ମହିଳା ଦଳ ମଧ୍ୟ ବିଜୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।





**ଆଜିର ମ୍ୟାଚ୍**
**ଭାରତ - ଦ. ଆଫ୍ରିକା**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ବିଶାଖାପାଟଣମ୍**

### ମନ୍ଧାନାଙ୍କ ଫର୍ମକୁ ନେଇ ଚିନ୍ତା

ଘରୋଇ ଭାରତୀୟ ଦଳର ପ୍ରମୁଖ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ମାତ୍ର ୨୩ ରନ କରିବାକୁ ସମର୍ଥ ହୋଇଥିଲେ। ତେଣୁ ଦକ୍ଷିଣ ଆଫ୍ରିକା ଭଳି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମ୍ୟାନେଜମେଣ୍ଟ ତାଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି। ମନ୍ଧାନାଙ୍କ ସହ ଅଧିନାୟିକା ହରମନପ୍ରୀତ୍ ମଧ୍ୟ ଆଖିଦୃଶିଆ ପାଳି ବର୍ତ୍ତମାନ ସୁଦ୍ଧା ଖେଳିପାରି ନାହାନ୍ତି। ପ୍ରଥମ ଦୁଇଟି ମ୍ୟାଚରେ କୌର ମାତ୍ର ୪୦ ରନ କରି ନିରାଶ କରିଛନ୍ତି। ତେବେ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ପ୍ରଥମ ଦୁଇଟି ମ୍ୟାଚରେ ବେଶ୍ ଉଲ୍ଲେଖନୀୟ ରହିଥିଲା। ସେହଭଳି ହର୍ଲିନ ଦେଓଲ୍‌ଙ୍କ ବ୍ୟାଟିଂ ମଧ୍ୟ ପ୍ରଶଂସନୀୟ ରହିଛି।

### ଭାରତ-୨୧; ଦ.ଆଫ୍ରିକା- ୧୨

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଉଭୟ ଦଳ ପରସ୍ପର ୩୪ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତ ୨୧ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

## ଅଷ୍ଟ୍ରେଲିଆର ସମ୍ମାନ ରଖିଲେ ମୁନୀ



**ବେଥ୍ ମୁନୀ**
ରନ - ୧୦୯
ବଲ୍ - ୧୧୪
ଚୌକା - ୧୧


**କଲମ୍ବୋ, ୮ ।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୯ମ ମୁକାବିଲାରେ ବୁଧବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ପାକିସ୍ତାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ବେଥ୍ ମୁନୀଙ୍କ ଦମ୍‌ଦାର ଶତକ ବଳରେ ୯ ୱିକେଟ୍‌ରେ ୨୨୧ ରନ କରିଛି। ଜବାବରେ ୨୨୨ ରନର ଲକ୍ଷ୍ୟକୁ ପିଛା କରିଥିବା ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୨୪ ଓଭରରେ ୮ ୱିକେଟ୍ ହରାଇ ୯୦ ରନ କରି ପରାଜୟ ଅଭିମୁଖେ ଅଗ୍ରସର ହେଉଛି। କିମ୍ ଗାର୍ଥ ୩ଟି ଓ ମେଗନା ସ୍କଟ୍ ୨ଟି ୱିକେଟ୍ ନେଇଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଶ୍ରୀଲଙ୍କା ବିପକ୍ଷ ୨ୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଅପରପକ୍ଷରେ ପାକିସ୍ତାନ ୨ଟି ମ୍ୟାଚ୍‌ରୁ ଦୁଇ ପରାଜୟ ସହ ଖାତା ଖୋଲିପାରି ନାହିଁ।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟିକା ଫତିମା ସାନା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୬ ରନରେ ୭ଟି ଏବଂ ୧୧୫ ରନରେ ୮ଟି ୱିକେଟ୍ ହରାଇଥିଲା। ଏପରିକି ଦଳ ଦେଢ଼ଶ ରନ ଅତିକ୍ରମ କରିବା ନେଇ ସନ୍ଦେହରେ ରହିଥିଲା। ତେବେ ମଧ୍ୟକ୍ରମରେ ବେଥ୍ ମୁନୀ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଶତକୀୟ ପାଳି ଖେଳିବା ସହ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ସେ ୧୧ ଚୌକା ବଳରେ ୧୧୪ ବଲରୁ ୧୦୯ ରନ କରି ଇନିଂସର ଶେଷ ବଲରେ ଆଉଟ୍ ହୋଇଥିଲେ। ଦିନିକିଆରେ ଏହା ତାଙ୍କର ୪ର୍ଥ ଶତକ ଥିଲା। ଫଳରେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୨୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆ ଇନିଂସର ୧୦ମ ସ୍ଥାନରେ ଆସିଥିବା ଲେଗ୍-ସ୍ପିନର ଆଲାନ କିଙ୍ଗ୍ ମଧ୍ୟ ୪୯ ବଲରେ ଅପରାଜିତ ୫୧ ରନ କରି ମୁନୀଙ୍କୁ ସହାୟତା କରିଥିଲେ। ଉଭୟଙ୍କ ମଧ୍ୟରେ ୯ ୱିକେଟ୍‌ରେ ୧୦୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଆଲିସା ହେଲୀ ୨୦, ଏଲିସେ ପେରୀ ୫, ଆସଲେ ଗାର୍ଡନର ଓ ଆନ୍ନାବେଲ୍ ସଦରଲାଣ୍ଡ ୧ ରନ ଲେଖାଏ କରିଥିଲେ। ବୋଲିଂରେ ପାକିସ୍ତାନର ନାଶରା ସାନ୍ଧୁ ୩ ଏବଂ ଅଧିନାୟିକା ସାନା ଓ ରମୀନ ସମୀମ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ବୟୋଜ୍ୟେଷ୍ଠ ଜୀବିତ ଟେଷ୍ଟ କ୍ରିକେଟର୍

## ୯୭ ବର୍ଷରେ ପାଦ ଥାପିଲେ ନେଲ୍ ହାର୍ଭେ

**ସିଡ୍‌ନୀ, ୮ ।୧୦ (ଏଜେନ୍ସି):** ଅଷ୍ଟ୍ରେଲିଆର ମହାନ କ୍ରିକେଟର୍ ନେଲ୍ ହାର୍ଭେ ବୁଧବାର ୯୭ ବର୍ଷ ବୟସରେ ପାଦ ଥାପିଛନ୍ତି। ବିଶ୍ୱରେ ଜୀବିତ ଥିବା ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଭାବେ ସେ ବିବେଚିତ ହେଉଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ସର୍ବାଧିକ ବର୍ଷ ବଞ୍ଚିବାର ରେକର୍ଡ ମଧ୍ୟ ନେଲ୍‌ଙ୍କ ନାମରେ ରହିଛି। ଏଥିସହ କିମ୍ବଦନ୍ତୀ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଖେଳିଥିବା ଶେଷ ଅଷ୍ଟ୍ରେଲୀୟ ହେଉଛନ୍ତି ହାର୍ଭେ। ୧୯୪୮ରେ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡ ଗସ୍ତ କରିଥିବାବେଳେ ହାର୍ଭେ ଏହି ଦଳର ସଦସ୍ୟ ରହିଥିଲେ। ଭିକ୍ଟୋରିଆ ଜନ୍ମିତ ବାମହାତୀ ବ୍ୟାଟର୍ ହାର୍ଭେ ୧୯୪୮ରୁ ୧୯୬୩ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୭୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୪୮.୪୧ ହାରରେ ୬,୧୪୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨୧ ଶତକ ଓ ୨୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୦୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ହାର୍ଭେ ୬୭ ଶତକ ଓ ୯୪ ଅର୍ଦ୍ଧଶତକ ସହ ୨୧ ହଜାରରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୫୨-୫୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ହାର୍ଭେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୯ଟି ଇନିଂସରୁ ୮୩୪ ରନ କରିଥିଲେ। ସେହିଭଳି ୧୯୪୯-୫୦ ସିଜନରେ ଦକ୍ଷିଣ ଆଫ୍ରିକା ଗସ୍ତରେ ହାର୍ଭେ ୫ଟି ଟେଷ୍ଟ ମ୍ୟାଚରେ ୪ଟି ଶତକ ସହ ୬୬୦ ରନ ସଂଗ୍ରହ କରିଥିଲେ। ହାର୍ଭେ ତାଙ୍କର ପ୍ରଥମ ୧୩ଟି ଟେଷ୍ଟରେ ୬ଟି ଶତକ ମାରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଅବସର ପରେ ସେ ଅଷ୍ଟ୍ରେଲିଆ ଜାତୀୟ ଦଳର ଚୟନକର୍ତ୍ତା ଭାବେ ୧୨ ବର୍ଷ ଦାୟିତ୍ୱ ତୁଲାଇଥିଲେ।



### ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ପରାସ୍ତ

## ସିରିଜ କ୍ଲିନସୁଇପ୍ କଲା ଭାରତ

**ମାକୟ, ୮ ।୧୦ (ଏଜେନ୍ସି):** ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ ଟେଷ୍ଟ ମ୍ୟାଚକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୮ ରନରେ ଜିତିଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି।

ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭାରତୀୟ ୟୁଥ୍ ଦଳ ୧୭୧ ରନରେ ସୀମିତ ରହିବା ସହ ୩୬ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚର ଦ୍ୱିତୀୟ ଦିବସରେ ବୁଧବାର ଅଷ୍ଟ୍ରେଲିଆ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ପାଳିରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ଭାରତ ସମ୍ମୁଖରେ ମାତ୍ର ୮୧ ରନ ଟାର୍ଗେଟ୍ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୩୮ ରନ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ହେନିଲ ପଟେଲ ଓ ନମନ ପୁଷ୍ପକଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ୮୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୧୨.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବେଦାନ୍ତ ତ୍ରିବେଦୀ ୩୩ ଓ ରାହୁଲ କୁମାର ୧୩ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିହାନ ମାଲହୋତ୍ରା ୨୧ ଓ ଅଧିନାୟକ ଆୟୁଷ ମହାତ୍ରେ ୧୩ ରନ କରିଥିଲେ। ତାରକା ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗସ୍ତରେ ଭାରତୀୟ ୟୁଥ୍ ଦଳ ପୂର୍ବରୁ ୩ଟି ଯାକ ଦିନିକିଆ ମ୍ୟାଚକୁ ମଧ୍ୟ ଜିତିଥିଲା। ଫଳରେ ଭାରତ ସିରିଜ ସୁଇପ୍ କରିନେଇଛି।

### ■ ଜାତୀୟ ସିନିଅର ମହିଳା ଟି-୨୦

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

**କଟକ,୮।୧୦(ସମିସ):** ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫି ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପରାଜୟର ଅଭିଯାନ ଆରମ୍ଭ କରିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶାକୁ ୫ ୱିକେଟରେ ହାଇଦ୍ରାବାଦ୍ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ମାଧୁରୀ ମେହଟା (୩୨ ରନ୍) ଏବଂ ଅଧିନାୟିକା ସୁଶ୍ରୀ(୨୮ ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ହାଇଦରାବାଦର ସାକ୍ଷୀ ରାଓ, ମହେଶ କାବ୍ୟା, କେଶରୀ ଧ୍ରୀତ୍ୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୧୮.୩ ଓଭରରେ ୫ ୱିକେଟ ହରାଇ ହାଇଦରାବାଦ୍ ବିଜୟୀ ହୋଇଥିଲା। ଜି ତ୍ରୀଶା ୩୫ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଗୁରୁବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ

**ଭୁବନେଶ୍ୱର, ୮ ।୧୦ (ସମିସ):** ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୯ ଗୋଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରି-କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ସେହିଭଳି ଅକ୍ଟୋବର ୨୩ରେ ଫ୍ଲଡଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟ ମଝିରେ ବିଡ଼ାନାସୀ, ରେଭେନ୍‌ସା, ଜାଗମରା ଓ ଓଡ଼ିଶା ପୋଲିସ ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିଆରସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ ଦାସ, ଶ୍ରୀମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




## ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



**କଟକ,୮।୧୦(ସମିସ):** ଓଡିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜବହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ରାଜ୍ୟ ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ତିନି ଦିନ ଧରି ଚାଲିବ। ଓଡିଶା ବାର କାଉନସିଲର ପୂର୍ବତନ ସଭାପତି ବିଜୟ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୟନ କିଶୋର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ରାଜ୍ୟ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ, ଓଡିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୀଡା ସାମ୍ବାଦିକ ବିମଳ କୁମାର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ଦେବେନ୍ଦ୍ର ସାହୁ ଜାତୀୟ ଅସିଚାଳନା ସଂଘର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପକନିଷ୍ଠ ବାଳିକା ବର୍ଗରେ ଇପି ଇଭେଣ୍ଟରେ ବଲାଙ୍ଗିର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ହିମାଂଦରୀ ସୁନାନୀ, ସମ୍ବଲପୁରର ହର୍ଷିତା ନାଏକ ଯଥାକ୍ରମେ ଦ୍ୱିତୀୟ ଏବଂ ୩ୟ ସ୍ଥାନ ହାସଲ କରିଥିଲେ। ସେହିପରି ସାବର ଇଭେଣ୍ଟରେ ସମ୍ବଲପୁରର ବରଣ୍ୟ ଗୌତମୀ ବରାଳ, ବଲାଙ୍ଗିରର ଆରୋସୀ ସାହୁ ଓ ପାୟଲ ବାରିକ ପ୍ରଥମରୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ଫଏଲ ଇଭେଣ୍ଟରେ ଭୁବନେଶ୍ୱରର ପ୍ରଜ୍ଞାନ ମହାନ୍ତି ପ୍ରଥମ, ବଲାଙ୍ଗୀରର ଇଶିପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ, ସାରିକା ପଟେଲ ୩ୟ, ବାଳକ ବିଭାଗ ସାବର ଇଭେଣ୍ଟରେ ବଲାଙ୍ଗୀରର କାହ୍ନା ଗଡ଼ତୀୟ ୧ମ, ଆକାଶ ପ୍ରଧାନ ୨ୟ ଏବଂ ସୌମ୍ୟ ପ୍ରଧାନ ୩ୟ, ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୁତି ଶଙ୍କର ପଟେଲ ପ୍ରଥମ, ଭୁବନେଶ୍ୱରର ଦିବ୍ୟାଂଶୁ ୩ୟ ଓ ବଲାଙ୍ଗିର ରୁଦ୍ରାଂଶ ସ୍ୱାଇଁ ୩ୟ ସ୍ଥାନ ହାସଲ କରିଥିଲେ।

### ୨୯ତମ ବାପୁନା କପ୍

## ଓଡ଼ିଶା ଚାମ୍ପିଅନ




**କଟକ,୮।୧୦(ସମିସ):**

ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍‌ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଚାମ୍ପିଅନ ହୋଇଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୪ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିବାରେ ଓଡ଼ିଶା ସଫଳ ହୋଇଥିଲା। ଏପରିକି ଦିନାସ୍ୱାଶ ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ତିନୋଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଦଳକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାବେଳେ କେରଳ ୪ ପଏଣ୍ଟ ଏବଂ ଓଡ଼ିଶା ୩ ପଏଣ୍ଟ ସଂଗ୍ରହ କରିଥିଲା। ତେବେ ପଏଣ୍ଟ ଭିତ୍ତିରେ ଓଡ଼ିଶାକୁ ଚାମ୍ପିଅନ ଘୋଷିତ କରାଯାଇଛି। ୩ଟି ମ୍ୟାଚ୍‌ରେ ୬ଟି ୱିକେଟ ଅକ୍ତିଆର କରିଥିବା ଓଡ଼ିଶାର ମହମ୍ମଦ ଡାନିସ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଡାନିସଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଛି। ଚାମ୍ପିଅନ ଓଡ଼ିଶା ଦଳକୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ବେଙ୍ଗଲ ରଣଜୀ ଦଳର ନେତୃତ୍ୱ ନେବେ ଈଶ୍ୱରନ

**କୋଲକାତା, ୮ ।୧୦ (ଏଜେନ୍ସି):** ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ବୁଧବାର ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ୧୭ ଜଣିଆ ବେଙ୍ଗଲ ଦଳ ଘୋଷଣା କରାଯାଇଛି। ସେହିଭଳି ଉଦୀୟମାନ ୱିକେଟ୍‌ରକ୍ଷକ ଅଭିଷେକ ପୋରେଲଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଘୋଷିତ ଦଳରେ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଓ ଆକାଶଦୀପ ରହିଥିବାରୁ ବେଙ୍ଗଲ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ହୋଇଛି। ସେହିଭଳି ବ୍ୟାଟିଂରେ ଅନୁଷ୍ଟୁପ ମଜୁମଦାର, ସୁଦୀପ୍ ଚାଟାର୍ଜୀଙ୍କ ଭଳି ଅଭିଜ୍ଞ ଓ ସୁଦୀପ୍ ଘରାମୀଙ୍କ ଭଳି ଯୁବ ପ୍ରତିଭା ରହିଛନ୍ତି। ଏଥର ରଣଜୀ ଟ୍ରଫିରେ ବେଙ୍ଗଲ ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୁଜରାଟ, ହରିୟାଣା, ସର୍ଭିସେସ୍, ରେଲୱେ, ତ୍ରିପୁରା, ଉତ୍ତରାଖଣ୍ଡ ଓ ଆସାମ ଦଳ ମଧ୍ୟ ରହିଛି। ଇଡେନ ଗାର୍ଡେନ୍ସରେ ଅକ୍ଟୋବର ୧୫ରେ ଉତ୍ତରାଖଣ୍ଡ ବିପକ୍ଷରେ ଖେଳି ବେଙ୍ଗଲ ଏହାର ଅଭିଯାନ ଆରମ୍ଭ କରିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS